ଧରିତ୍ରୀ
DHARITRI
51 Years
ଆଜି ମହାନବମୀ
ଭୁବନେଶ୍ୱର, ବୁଧବାର, ଅକ୍ଟୋବର ୧/୨୦୨୫ (୧୬ ପୃଷ୍ଠା) Bhubaneswar, Wednesday, October 1/2025 Page 16 ₹ 7.00 | DHENKANAL
୫୧ଶ ଭାଗ ୩୦୭ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 51 ISSUE 307 ମୂଲ୍ୟ ₹୭/-



## ପାର୍ବଣ ଶୁଭେଚ୍ଛା

ପବିତ୍ର ମହାନବମୀ ଓ ଦଶହରା ଅବସରରେ ଧରିତ୍ରୀ ପରିବାର ତା'ର ଅଗଣିତ ପାଠିକାପାଠକ, ଲେଖିକାଲେଖକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁମାନଙ୍କୁ ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

## ଧରିତ୍ରୀର ଛୁଟି

ମହାନବମୀ ଓ ଦଶହରା ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ଅକ୍ଟୋବର ୧ ଓ ୨ ତାରିଖ (ବୁଧବାର, ଗୁରୁବାର) ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂସ୍କରଣ ୪ ତାରିଖ ଶନିବାର ସକାଳେ ପ୍ରକାଶ ପାଇବ।

## ଆଜିର ସମ୍ପାଦକୀୟ

କାର୍ଯ୍ୟ ବି, ସନ୍ତାନ ବି

# ପରୀକ୍ଷା ପୂର୍ବରୁ ଜାଲିଆତି

ବ୍ରହ୍ମପୁର,୩୦।୯ (ସୁବାସ ଚନ୍ଦ୍ର ପାଢ଼ୀ)

### ଆନ୍ଧ୍ରପୁଆ ରିଜର୍ଭ ପଡ଼ିଆରେ ୧୨୦ରୁ ଉର୍ଦ୍ଧ୍ୱ ଆଶାୟୀ

ପୋଲିସ ଏସ୍ଆଇ ପରୀକ୍ଷା ପୂର୍ବରୁ ଏକ ବଡ଼ ଜାଲିଆତି ଧରାପଡ଼ିଛି। ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥା ୧୨୦ରୁ ଉର୍ଦ୍ଧ୍ୱ ଚାକିରି ଆଶାୟୀଙ୍କୁ କୋଚିଂ ଦେବା ପାଇଁ ଭୁବନେଶ୍ୱରରୁ ୩ଟି ବସ୍‌ରେ ହାଇଦ୍ରାବାଦ ନେଇଥିବା ସମ୍ପର୍କରେ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଅଭିଯୋଗ ହୋଇଥିଲା। ଚାକିରି ଆଶାୟୀଙ୍କୁ ଗଞ୍ଜାମ ଜିଲା ଦେଇ ନିଆଯାଉଥିବା ଜଣାପଡିବା ପରେ ସେମାନଙ୍କୁ ପିଛା କରିବା ପାଇଁ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍.ଙ୍କୁ ପୋଲିସ ମୁଖ୍ୟାଳୟରୁ ନିର୍ଦ୍ଦେଶ ଆସିଥିଲା। ପରେ ଏସ୍‌ପି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଉକ୍ତ ବସ୍‌ଗୁଡିକର ପିଛା କରି ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ନିକଟରୁ ଧରିଥିଲେ। ବସ୍‌ଗୁଡିକରୁ ୧୨୦ରୁ ଉର୍ଦ୍ଧ୍ୱଙ୍କୁ ବ୍ରହ୍ମପୁର ଅଣାଯାଇ ଆମ୍ବପୁଆ ପୋଲିସ ରିଜର୍ଭ ପଡ଼ିଆରେ ରଖାଯାଇଛି। ☞ପୃଷ୍ଠା-୪

## ପୋଲିସ ଏସ୍ଆଇ ପରୀକ୍ଷା ସ୍ଥଗିତ

କଟକ,୩୦।୯ (କାର୍ତ୍ତିକ ସାହୁ)

### କ୍ରାଇମବ୍ରାଞ୍ଚ ଟିମ୍‌ର ତଦନ୍ତ

ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆର୍‌ବି) ଦ୍ୱାରା ପରିଚାଳିତ ପୋଲିସ ସବ୍‌ଇନ୍ସପେକ୍ଟର (ଏସ୍ଆଇ) ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ପରୀକ୍ଷାରେ ଜାଲିଆତି ଉଦ୍ୟମ ହୋଇଥିବା ଅଭିଯୋଗ ହେବା ପରେ ବୋର୍ଡ ପରୀକ୍ଷାକୁ ସ୍ଥଗିତ ରଖିଛି। ଆସନ୍ତା ଅକ୍ଟୋବର ୫ ଓ ୬ ତାରିଖରେ ଏହି ପରୀକ୍ଷା ହେବାର ଥିଲା। ହେଲେ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ଆନ୍ଧ୍ରପ୍ରଦେଶର ଏକ ଘରୋଇ ସଂସ୍ଥା ୧୨୦ଜଣ ପରୀକ୍ଷା ଆଶାୟୀଙ୍କୁ ଆନ୍ଧ୍ରପ୍ରଦେଶ ନେଉଥିବା ଖବର ମିଳିବା ପରେ ଆନ୍ଧ୍ରର ଶ୍ରୀକାକୁଲମ୍‌ଠାରେ ପୋଲିସ ପରୀକ୍ଷା ☞ପୃଷ୍ଠା-୪

# ଏଫ୍ଆଇଆଇ ଉଠାଇନେଲେଣି ୨ ଲକ୍ଷ କୋଟି

ମୁମ୍ବାଇ,୩୦।୯

୨୦୨୫ରେ ଭାରତୀୟ ପୁଞ୍ଜି ବଜାରରୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ)ମାନେ ୨ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇସାରିଲେଣି। ସେମାନେ କେବଳ ସେପ୍ଟେମ୍ବର ମାସରେ ୩୩,୦୦୦ କୋଟି ଟଙ୍କାର ଷ୍ଟକ୍ସ ସେଲ୍ କରିଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। କ୍ୟାଶ୍ ମାର୍କେଟରେ ଏଥିରୁ ୧୯,୫୫୦ କୋଟିର ସେଲ୍-ଅଫ୍ ଗତ ସପ୍ତାହରେ ଦେଖିବାକୁ ମିଳିଥିଲା। ଘରୋଇ ବଜାର ଆୟରେ ମନ୍ଥରତା ସାଙ୍ଗକୁ ଇକ୍ୱିଟି ମୂଲ୍ୟରେ ଭୋଲାଟିଲିଟି ବୃଦ୍ଧି ପାଉଥିବାବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏ ଦିଗରେ ଆଖିବୁଜିଆ ☞ପୃଷ୍ଠା-୪

## ୧ ଡଲାର=୮୮.୮୮ ଟଙ୍କା

ମୁମ୍ବାଇ,୩୦।୯



ଡଲାର ତୁଳନାରେ ଭାରତୀୟ ମୁଦ୍ରା ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ସେପ୍ଟେମ୍ବର ମାସର ଶେଷ ଦିନ ମଙ୍ଗଳବାର ସେସନ୍‌ରେ ଡଲାର ପିଛା ଟଙ୍କାର ମୂଲ୍ୟରେ ୪ ପଇସା ହ୍ରାସ ପାଇ ୮୮.୮୮ ରହିଥିଲା। ପରେ କାରବାର ଶେଷ ବେଳକୁ ଟଙ୍କା ୮୮.୭୮ରେ ସ୍ଥିର ରହିଥିଲା। ଏହା ପୂର୍ବରୁ ସୋମବାର ଭାରତୀୟ ମୁଦ୍ରା ୮୮.୭୬ ଟଙ୍କାରେ କ୍ଲୋଜ୍ ହୋଇଥିଲା। ଅକ୍ଟୋବରର ଆର୍‌ବିଆଇ ଏମ୍‌ପିସି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ବୁଧବାର ଘୋଷଣା କରାଯିବାକୁ ଥିବାବେଳେ ଏହାର ଦିନକ ପୂର୍ବରୁ ଟଙ୍କା ପୁନର୍ବାର ଏକ ନୂଆ ଲୋ'କୁ ସ୍ପର୍ଶ କରିବା ଭାରତୀୟ ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ ବୋଲି ବିଶେଷଜ୍ଞମାନେ ☞ପୃଷ୍ଠା-୪

DADLS-53



ସତ୍ୟମେବ ଜୟତେ

ପବିତ୍ର ବିଜୟା ଦଶମୀ-୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ବିଜୟା ଦଶମୀ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟ ପ୍ରତୀକ। ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତି ପ୍ରତିଷ୍ଠା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମ୍ପାଟି)



ଦୁର୍ଗାପୂଜା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶାରଦୀୟ ଦୁର୍ଗାପୂଜା ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି।

ମା' ଦୁର୍ଗା ଆମ ପାଇଁ ଶକ୍ତି ଓ ସୁରକ୍ଷାର ନିଦର୍ଶନ। ଆମ ସମାଜରେ ଦୁର୍ଗାପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ହେଉଛି ଶକ୍ତି, ସାହସ ଓ ନୈତିକ ବିଜୟର ପ୍ରତୀକ। ମା' ଙ୍କ ଧରାବତରଣ ସମସ୍ତଙ୍କ ପାଇଁ ଶୁଭମୟ ହେଉ।

ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଉଠୁ, ପାର୍ବଣର ଏହି ଅମୃତ ଲଗ୍ନରେ ମା'ଙ୍କ ନିକଟରେ ଏତିକି ପ୍ରାର୍ଥନା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/1202/2526

DADLS-52



ସତ୍ୟମେବ ଜୟତେ



ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ଆସନ୍ତୁ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପବଦ୍ଧ ହେବା।

(ହରି ବାବୁ କମ୍ଭମ୍ପାଟି)





ଗାନ୍ଧୀ ଜୟନ୍ତୀ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଆସନ୍ତା କାଲି ଗାନ୍ଧୀ ଜୟନ୍ତୀ। ଏହି ଉପଲକ୍ଷେ ମୁଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ମହାତ୍ମା ଗାନ୍ଧୀ ଥିଲେ ସତ୍ୟ, ନ୍ୟାୟ ଓ ଅହିଂସାର ପ୍ରତୀକ, ଯାହାଙ୍କ ଜୀବନ ଦର୍ଶନ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି। ତାଙ୍କ ସ୍ୱଦେଶୀ ଓ ସ୍ୱଚ୍ଛତା ବିଚାର ଆଜି ବି ଆମ ଜୀବନ ଓ ସମାଜ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଆସନ୍ତୁ, ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆତ୍ମନିର୍ଭର ଓ ସ୍ୱଚ୍ଛ ଭାରତ ଗଠନ ଦିଗରେ ସମସ୍ତେ ସମର୍ପିତ ହୋଇ କାମ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/1198/2526


A quality product from
PAN BAHAR
ବିଜୟା ଦଶମୀ
ର ହାର୍ଦ୍ଦିକ ଶୁଭକାମନା
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in




# କେନ୍ଦୁଝରରେ ମେଢ଼ ବୁଲିଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂଜାର୍ଚ୍ଚନା କରୁଛନ୍ତି।

**କେନ୍ଦୁଝର, ୩୦।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଦିନିକିଆ କେନ୍ଦୁଝର ଜିଲା ଗସ୍ତରେ ଆସିଛନ୍ତି। ମଧ୍ୟାହ୍ନରେ ରାଇସୁଆଁ ଏୟାର ଷ୍ଟ୍ରିପ୍‌ରେ ଓହ୍ଲାଇ ସଡ଼କ ପଥରେ ଝୁମ୍ପୁରା ଯାଇଥିଲେ। ଏୟାର ଷ୍ଟ୍ରିପ୍‌ରେ ତାଙ୍କୁ ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଦଳୀୟ କର୍ମୀ, ନେତା ତଥା ଶୁଭେଚ୍ଛୁମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଝୁମ୍ପୁରାରେ ସାର୍ବଜନୀନ ଦୁର୍ଗାପୂଜାରେ ସାମିଲହୋଇ ପୂଜାର୍ଚ୍ଚନା କରିବା ସହ ହୋମଯଜ୍ଞରେ ବସିଥିଲେ। ପରେ ସେ ନିଜ ଗ୍ରାମ ରାଇକଳା ଯାଇ ଲୋକଙ୍କ ସହ ମିଶିଥିଲେ। ସେଠାରେ ଗ୍ରାମବାସୀ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ସେଠାରୁ କେନ୍ଦୁଝର ଆସି ପ୍ରଥମେ ପୁରୁଣା ବଜାର, ରାସପୂଜା ମାର୍କେଟ, ଜଗନ୍ନାଥପୁର ସାହି ପୂଜାମଣ୍ଡପ ବୁଲିଥିଲେ। ପୂଜା କମିଟି ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେଠାରୁ ସର୍କିଟ ହାଉସ୍ ଯାଇ ବିଶ୍ରାମ ନେବା ସହ ରାତିରେ ସ୍ଥାନୀୟ ଗୁଜରାଟୀ ସମାଜରେ ଅନୁଷ୍ଠିତ ଦାଣ୍ଡିଆ ନୃତ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ବାହୁଦାରେ ଭାସିଯାଇ ୩ ମୃତ, ଜଣେ ଗୁରୁତର

## ମନ୍ଦିରରେ ପ୍ରସାଦ ଖାଇ ଫେରୁଥିଲେ ମା’ ଝିଅ, ନାତିନାତୁଣୀ

**ଦିଗପହଣ୍ଡି,୩୦।୯ (ଅଶେଷ ନାଥ ମିଶ୍ର)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଗଡ଼ ଗୋବିନ୍ଦପୁର ପଞ୍ଚାୟତ କଳିଙ୍ଗଦଳା ଗାଁ ନିକଟ ବାହୁଦା ନଦୀରେ ଭାସିଯାଇ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ଏହି ଅଘଟଣ ଘଟିଛି। ମୃତକମାନେ ହେଲେ କଳିଙ୍ଗଦଳା ଗାଁର ଉଷା ବେହେରା(୫୫) ତାଙ୍କ ଝିଅ ଅନସୂୟା ବେହେରା(୩୧), ନାତି ଆଦିତ୍ୟ ବେହେରା(୪)। ଉଷାଙ୍କ ୩ ବର୍ଷୀୟା ନାତୁଣୀ ମଲ୍ଲୀ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଜକର ପଞ୍ଚାୟତ କେ. ନୂଆଗାଁ ଥାନା ନିକଟ ମା’ ରତ୍ନେଶ୍ୱରୀଙ୍କ ମନ୍ଦିରରେ ମହାଷ୍ଟମୀ ପୂଜା ଦେଖିବାକୁ ଉଷା, ତାଙ୍କ ଝିଅ ଓ ନାତିନାତୁଣୀଙ୍କୁ ଧରି ଆସିଥିଲେ। କଳିଙ୍ଗଦଳା ନିକଟ ଦେଇ ଯାଇଥିବା ବାହୁଦା ନଦୀରେ ଅଳ୍ପ ପାଣି ଥିବାରୁ ସେମାନେ ହାତ ଧରାଧରି ହୋଇ ନଦୀ ପାର ହୋଇ ମନ୍ଦିରକୁ ଆସିଥିଲେ। ମନ୍ଦିରରେ ପ୍ରସାଦ ସେବନ କରି ସେମାନେ ଅପରାହ୍ନରେ ପୁଣି ସେହି ନଦୀ ପାର ହେଉଥିବା ବେଳେ ଅସାବଧାନତାରୁ ପାଣି ସ୍ରୋତରେ ଭାସି ଯାଇଥିଲେ। ନଦୀ ତଟରେ ଥିବା କେତେଜଣ ବ୍ୟକ୍ତି ସମସ୍ତଙ୍କୁ ଉଦ୍ଧାର କରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଉଷା, ଅନସୂୟା ଓ ଆଦିତ୍ୟଙ୍କୁ ଡାକ୍ତର ମୃତ ଘୋଷଣା



କଳିଙ୍ଗଦଳା ଗାଁ ନିକଟ ବାହୁଦା ନଦୀ

କରିଥିଲେ। ମଲ୍ଲୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ କେ.ନୂଆଗାଁ ଥାନା ଚିକିଟି ଫାଣ୍ଡି ଏସ୍‌ଆଇ ଗୌତମ ସାହୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ସୂଚନାଯୋଗ୍ୟ, ଅନସୂୟା ଦିଗପହଣ୍ଡି ବ୍ଲକ ଭ୍ରମରପୁର ଗ୍ରାମ ବଡ଼ଦାଣ୍ଡ ସାହିର ଧୋବା ବେହେରାଙ୍କୁ ବିବାହ କରିଛନ୍ତି। ସେ ପିଲାମାନଙ୍କୁ ଧରି ବାପଘରକୁ ବୁଲି ଆସିଥିଲେ।

ଧରିତ୍ରୀ DHARITRI Oriya daily
ଧରିତ୍ରୀ 51 Years

**WANTED**

**Full Stack Developer (PHP | WordPress | Databases | Cloud | Android | iOS)**

- Should be proficient in developing WordPress themes/plugins, PHP coding, database management, server setup, cloud environments, and mobile app development for Android and iOS.
- Experience should include PHP, WordPress, MySQL/PostgreSQL, server tech, cloud platforms (AWS/Azure/Google Cloud), front-end tech (HTML5/CSS3/JavaScript), and mobile development (Android & iOS).
- Modern JavaScript frameworks (React/Vue.js), containerization (Docker), AI is an added skill.
- Minimum 3 years+ experience will be preferred.


Interested candidates can send their resume to
**recruitment@dharitri.com / recruitment.dharitri52@gmail.com**

# ୪ ଦିନ ଯାଏ ପ୍ରବଳ ବର୍ଷିବ

## ରାଇକିଆରେ ହୋଇଛି ସର୍ବାଧିକ ୪୧.୬ ମି.ମି. ବର୍ଷା

**ଭୁବନେଶ୍ୱର, ୩୦।୯ (ବନ୍ଦନା ସେଠୀ)**

ବର୍ଷାରେ ଭିଜିବ ଦଶହରା। ଲଘୁଚାପ ପ୍ରଭାବରେ ଆସନ୍ତା ୪ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବୁଧବାର କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହା ଅକ୍ଟୋବର ୨ତାରିଖ ବେଳକୁ ପଶ୍ଚିମ-କେନ୍ଦ୍ରୀୟ ଏବଂ ପାର୍ଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବା ନେଇ ସମ୍ଭାବନା ରହିଛି। ଏହାର ପ୍ରଭାବରେ ବୁଧବାରଠାରୁ ବର୍ଷା ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ସଞ୍ଜୀବ ଦ୍ୱିବେଦୀ ସୂଚନା ଦେଇଛନ୍ତି। ରାଜ୍ୟର ଉତ୍ତର ଆଭ୍ୟନ୍ତରୀଣ ସହ ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ପୂର୍ବବଳୟ ଲଘୁଚାପ ପ୍ରଭାବରେ ଆସନ୍ତା ୨୪ଘଣ୍ଟାରେ ବିଭିନ୍ନ ଜିଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ବିଶେଷକରି ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, କଳାହାଣ୍ଡି, ଗଜପତି ଓ ଗଞ୍ଜାମ ଆଦି ୮ଟି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଲଘୁଚାପ ସୃଷ୍ଟି ହେବା ପରେ ୨ତାରିଖରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ୫ ଜିଲା ଯଥା-ମାଲକାନଗିରି, କୋରାପୁଟ, ରାୟଗଡ଼ା ସହ କନ୍ଧମାଳ ଓ ଗଜପତି ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର। ଏଥିସହ ବିଜୁଳି ଘଡ଼ଘଡ଼ି ଏବଂ ୪୦ରୁ ୫୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ପବନ ବହିବାର ସମ୍ଭାବନା ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି। ଅପରପକ୍ଷେ ଗତ ୨୪ ଘଣ୍ଟାରେ କେତେକ ସ୍ଥାନରେ ହାଲୁକାରୁ ମାଧ୍ୟମ ଧରଣର ବର୍ଷା ହୋଇଥିବାବେଳେ କନ୍ଧମାଳର ରାଇକିଆରେ ସର୍ବାଧିକ ୪୧.୬ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି।






# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ମହାନବମୀ ପୂଜା, ସ୍ଥାନ: ବୀର ସୁରେନ୍ଦ୍ର ସାଏ ନଗର, ସମୟ: ସକାଳ ୮ଟା।
- ରେସିଡେଣ୍ଟସ୍ ୱେଲ୍‌ଫେୟାର ଆସୋସିଏଶନ୍ ପକ୍ଷରୁ ସାର୍ବଜନୀନ ଶାରଦୀୟ ଦୁର୍ଗା ମହାନବମୀ ପୂଜା, ସ୍ଥାନ: ଶୈଳଶ୍ରୀ ବିହାର, ଫେଜ୍ ୭, ସମୟ: ସକାଳ ୭ଟା ୩୦।
- ୭୦ତମ ଦୁର୍ଗାପୂଜା ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ଷ୍ଟେଶନ୍ ବଜାର ପୂଜା ମଣ୍ଡପ, ସମୟ: ସକାଳ ୮ଟା।
- ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ମହାନବମୀ ପୂଜା, ସ୍ଥାନ: ଝାରପଡ଼ା ମେଲଣ ପଡ଼ିଆ, ସମୟ: ସକାଳ ୯ଟା ୩୭।
- ନୃତ୍ୟ ନୈବେଦ୍ୟ ଓଡ଼ିଶୀ ଉତ୍ସବ ୨୦୨୫, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ଅପରାହ୍ନ ୪ଟା।
- ବମିଖାଲ ଦୁର୍ଗାପୂଜା ସମିତି ପକ୍ଷରୁ ମହାନବମୀ ପୂଜା, ସ୍ଥାନ: ବମିଖାଲ ଦୁର୍ଗାପୂଜା ମଣ୍ଡପ, ସମୟ: ଅପରାହ୍ନ ୫ଟା।

**ବାଲେଶ୍ୱର**
- ପଥ ସଞ୍ଚାଳନ କାର୍ଯ୍ୟକ୍ରମ, ସ୍ଥାନ: ଏସ୍ଏନ୍ ହାଇସ୍କୁଲ ନିକଟ ଖେଳପଡ଼ିଆ, ବସ୍ତା, ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜିଲା ରକ୍ତଭଣ୍ଡାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ତାଲିମ ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତିକ ଜରା ଦିବସ, ସ୍ଥାନ: କପିଳମୁନି ବୃଦ୍ଧାଶ୍ରମ, ବାଲିଆ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବୈଦିକ ଭଜନ ଓ ପ୍ରବଚନ, ସ୍ଥାନ: ପରିଖି ଫାଣ୍ଡିଛକ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ବିରାଟ ରାବଣ ପୋଡ଼ି ସମାରୋହ, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଦୁର୍ଗା ନବମୀରେ ଭଜନ ସମାରୋହ, ସ୍ଥାନ: ଗଡ଼ପଦା କନକଦୁର୍ଗାଙ୍କ ପୀଠ, ରୂପସା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

**ଭଦ୍ରକ**
- ମହାନବମୀ ପୂଜା, ସ୍ଥାନ: ଗାନ୍ଧୀପଡ଼ିଆ ମଣ୍ଡପ, ଭଦ୍ରକ, ସମୟ: ପ୍ରାତଃ ୫ଟା ୩୯।
- ମହାନବମୀ ପୂଜା, ସ୍ଥାନ: ପ୍ରାଚୀନଗର, ବଙ୍କବାସୁଳୀ ମନ୍ଦିର, ରାଜଘାଟ, ମାଧବନଗର, ବିଶାଣିଖରିଦା, ଭଦ୍ରକ, ସମୟ: ସକାଳ ୮ଟା।
- ମା' ଦୁର୍ଗାଙ୍କ ନବମୀ ପୂଜା, ସ୍ଥାନ: ଥାନାହାଟ ପୂଜା ମଣ୍ଡପ, ବାସୁଦେବପୁର, ସମୟ: ସକାଳ ୮ଟା।
- ମା' ଦୁର୍ଗାଙ୍କ ନବମୀ ପୂଜା, ସ୍ଥାନ: ବିଦ୍ୟୁତ୍ ମାର୍ଗ ପୂଜା ମଣ୍ଡପ, ତୃପ୍ତି ମହିଳା ମହାବିଦ୍ୟାଳୟ ସାମ୍ନା, ବାସୁଦେବପୁର, ସମୟ: ସକାଳ ୮ଟା।
- ନବମୀ ପୂଜା, ସ୍ଥାନ: ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପ, ବାଲିନଗର ଛକ, ବାସୁଦେବପୁର, ସମୟ: ସକାଳ ୮ଟା।
- ସାର୍ବଜନୀନ ନବମୀ ପୂଜା, ସ୍ଥାନ: ସାବରଙ୍ଗ, ପାଟଣା ମିଶ୍ରପୁର, ଗୋବିନ୍ଦପୁର, ବିଦେଇପୁର, ପଦ୍ମପୁର, ଏଡ଼ତାଳ, କରଞ୍ଜଆଡ଼ିଆ, ନାୟକାଣିଡିହୀ, ବେତଡ଼ା, ବ୍ରାହ୍ମଣଗାଁ, ଲକ୍ଷ୍ମୀଦାସପୁର, ବାସୁଦେବପୁର, ସମୟ: ସକାଳ ୮ଟା।

**କେନ୍ଦୁଝର**
- ମା' ମଙ୍ଗଳାଙ୍କ ମନ୍ଦିରରେ ଦଶମୀ ପୂଜା ଓ ଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ଯୋଡ଼ା, ସମୟ: ସକାଳ ୬ଟା।
- ସ୍ୱତନ୍ତ୍ର ଗୁଜୁରାଟି ପାରମ୍ପରିକ ଗରବା ନୃତ୍ୟ,ସ୍ଥାନ: ଗୁଜରାଟୀ ସନାତନ ସମାଜ,ସମୟ: ରାତି ୧୧ଟା।

**ମୟୂରଭଞ୍ଜ**
- ଫୁଟ୍‌ବଲ ଟୁର୍ନାମେଟ ଉଦ୍‌ଘାଟନୀ, ସ୍ଥାନ: ପାଟଶାଣୀପୁର ଖେଳ ପଡ଼ିଆ, ଉଦଳା, ସମୟ: ପୂର୍ବାହ୍ନ ୧୧ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ସଙ୍ଗୀତ ସୁରଭି, ସ୍ଥାନ: ତାଳପଦା ଦୁର୍ଗାପୂଜା ମଣ୍ଡପ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।
- ଭଜନ ସନ୍ଧ୍ୟା,ସ୍ଥାନ: ତୁଳସୀଚଉରା ଦୁର୍ଗାପୂଜା ମଣ୍ଡପ, ବାରିପଦା,ସମୟ: ସନ୍ଧ୍ୟା ୭ଟା।

**କେନ୍ଦ୍ରାପଡ଼ା**
- ମା' ଦୁର୍ଗାଙ୍କ ମହାସରସ୍ୱତୀ ବେଶ, ସ୍ଥାନ: ଦୁର୍ଗା ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ତରାସ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବର୍ଷର ଉଦ୍‌ଘାଟନୀ ଉତ୍ସବ ଓ ପଥ ସଞ୍ଚାଳନ, ସ୍ଥାନ: ବ୍ଲକ ପଡିଆ, ମହାକାଳପଡ଼ା, ସମୟ: ଅପରାହ୍ନ ୩ଟା।

**ଯାଜପୁର**
- ଧର୍ମଶାଳା ପୂଜା ମହୋତ୍ସବ କମିଟି ପକ୍ଷରୁ ପ୍ରଜ୍ଞା ହୋତାଙ୍କ ମେଲୋଡି ଓ ଦାଣ୍ଡିଆ ନୃତ୍ୟ, ସ୍ଥାନ : ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ମା' ବିରଜା ମନ୍ଦିରରେ ଦଶମୀ ବିହିତ ପୂଜା, ଘଟ ବିସର୍ଜନ, ରଥ ବିସର୍ଜନ ଓ ସେବାୟତଙ୍କ ମଙ୍ଗଳାର୍ପଣ କର୍ମ, ସ୍ଥାନ: ବିରଜା ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା।

**ନୟାଗଡ଼**
- ମା' ଭାନୁମତୀଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଘଣ୍ଟାଶାଳିଆ ନିକଟସ୍ଥ ହଟିଆପଲ୍ଲୀ, ସମୟ: ସକାଳ ୭ଟା।
- ତ୍ରିଦିନାତ୍ମକ ପାର୍ବଣ ତୃତୀୟ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା।
- ବିଶ୍ୱଶାନ୍ତି ମହଯଜ୍ଞର ୪ର୍ଥ ଦିବସ, ସ୍ଥାନ: କଣ୍ଟିଲୋ ପାଣ୍ଡୁସାହୁ ପାଟଣା, ସମୟ: ସକାଳ ୮ଟା।
- ୩୭ତମ ବାର୍ଷିକ ଚାଲେଞ୍ଜ କପ୍ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସରେ ବିବିଏ ବାଙ୍କୀ ବନାମ ଆୟୋଜକ ବନମାଳୀପୁର କ୍ରିକେଟ ଟିମ୍, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ହାଇସ୍କୁଲ ପଡିଆ, ସମୟ:ପୂର୍ବାହ୍ନ ୧୧ଟା।
- ୬୪ ତମ ସାର୍ବଜନିନ ଦୁର୍ଗାପୂଜାର ନବମୀରେ ନାଟକ କାଳିଆ ସାଜିବ ନବକଳେବର, ସ୍ଥାନ: ନୟାଗଡ ପଠାଣି ସାମନ୍ତ ଅଡିଟୋରିୟମ୍ ପରିସରସ୍ଥ ଦୁର୍ଗା ମଣ୍ଡପ ସମ୍ମୁଖ, ସମୟ: ଅପରାହ୍ନ ୨ଟାରୁ ରାତି ୧୦ଟା।
- ୬୪ ତମ ସାର୍ବଜନିନ ଦୁର୍ଗାପୂଜାର ନବମୀ ପୂଜା, ସ୍ଥାନ:ନୟାଗଡ ପଠାଣି ସାମନ୍ତ ଅଡିଟୋରିୟମ୍ ପରିସରସ୍ଥ ଦୁର୍ଗା ମଣ୍ଡପ, ସମୟ: ଅପରାହ୍ନ ୫ଟା ୪୨।

**ନବରଙ୍ଗପୁର**
- ଆଦିବାସୀଙ୍କ ପାରମ୍ପରିକ ଦଶହରା ପାଳନ, ସ୍ଥାନ: ଡାବୁଗାଁ ବ୍ଲକ ସଦରମହକୁମା ଭୈରବ ମନ୍ଦିର, ସମୟ: ଅପରାହ୍ନ ୪ଟା।

**କୋରାପୁଟ**
- ମା' ବିମଳାଙ୍କ ନବମୀ ପୂଜା, ସ୍ଥାନ: ଶାବର ଶ୍ରୀକ୍ଷେତ୍ର, କୋରାପୁଟ, ସମୟ: ସକାଳ ୮ଟା।
- ବିଏସ୍ଏଫ୍ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବିଏସଏଫ ମୁଖ୍ୟ କ୍ୟାମ୍ପ, ହେଲିପେଡ, ଓଏମପି, କୋରାପୁଟ, ସମୟ: ସକାଳ ୯ଟା।
- ବରିଷ୍ଠ ନାଗରିକ ଦିବସ ପାଳନ, ସ୍ଥାନ: ବରିଷ୍ଠ ନାଗରିକ କାର୍ଯ୍ୟାଳୟ ପରିସର, ସୁନାବେଡା-୧, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ରକ୍ତଦାତା ଫୋରମର ରକ୍ତଦାନ ଶିବିର, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୦ଟା।
- ନନ୍ଦପୁରର ପୀଠ ପ୍ରତୀକ ଝଣ୍ଡା ଯାତ୍ରା, ସ୍ଥାନ: ନନ୍ଦପୁର ରାଜଦାଣ୍ଡ ଓ ଦଶହରା ଭଟା, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
- ଯୋଗ ପରିବାର ପକ୍ଷରୁ ନିଶୁଳ୍କ ଯୋଗ ଶିବିର, ସ୍ଥାନ: ଜେଲଛକ ନିକଟସ୍ଥ ହାୱା ମଇଦାନ, ସମୟ:ସକାଳ ୫ଟା ୩୦।
- ଚାଉଁରପୁର ସ୍ଥିତ ଆଦି ସମଲେଇ ପୀଠରେ ବାଡିଖେଳ, ସ୍ଥାନ:ଚାଉଁରପୁର , ସମୟ: ସନ୍ଧ୍ୟା ୬ଟା।
- ମା' ମଙ୍ଗଳାଙ୍କ ପୀଠରେ ନବକନ୍ୟା ପୂଜା, ସ୍ଥାନ: ଭୂତାପଡା ମା' ମଙ୍ଗଳା ମନ୍ଦିର, ସମୟ:ସକାଳ ୯ ଟା।
- ଶ୍ରୀରାମ ବିଜୟା ନବମୀ ମହୋତ୍ସବ, ସ୍ଥାନ: ଅଇଁଠାପାଲି ବୀର୍ସାମୁଣ୍ଡା ମଇଦାନ, ସମୟ:ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ଦୁର୍ଗା ମଣ୍ଡପରେ ସିଦ୍ଧିଦାତ୍ରୀ ପୂଜା ଓ ନବକୁମାରୀ ପୂଜା, ସ୍ଥାନ: ଗୁରୁଡ଼ିପଡା, ପିପି ଏକାଡେମୀ, ଟିକ୍ରାପଡ଼ା, ଠିକାଦାରପଡ଼ା, ଗାନ୍ଧୀନଗର ପଡ଼ା, ଶାନ୍ତିପଡ଼ା, ରାଜେନ୍ଦ୍ରପଡ଼ା, ତୁଳସୀନଗର, ତାଲପାଲିପଡା, ରାଧାରାଣୀପଡା, ଜଗନ୍ନାଥପଡା, କଲେଜଛକ, ପୁରୁଣା ରାଜବାଟି, କ୍ଲବପଡା, ମଙ୍ଗଳା ମନ୍ଦିର, ବଲାଙ୍ଗୀର, ସମୟ: ଅପରାହ୍ନ ୧ଟା

**ରାଉରକେଲା**
- ନବରାତ୍ରି ପୂଜା ଓ କନ୍ୟାପୂଜନ, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବିଭିନ୍ନ ମଣ୍ଡପରେ ନବମୀ ପୂଜା, ସ୍ଥାନ: ସେକ୍ଟର-୨ ସମେତ ଅନ୍ୟ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

**ବରଗଡ଼**
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।
- ଡିହାର୍ ଲୋକ ମହୋତ୍ସବ,ସ୍ଥାନ:ଡିହାର ମଣ୍ଡପ, ଅତାବିରା, ସମୟ: ରାତି ୮ଟା।

**କଳାହାଣ୍ଡି**
- ମା'ମାଣିକେଶ୍ୱରୀଙ୍କ ବିଶ୍ରାମ ପୂଜା, ସ୍ଥାନ: ଭବାନୀପାଟଣା ମା'ମାଣିକେଶ୍ୱରୀଙ୍କ ମନ୍ଦିର, ସମୟ: ସକାଳ ୮ଟା।

**ବୌଦ୍ଧ**
- ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ, ସ୍ଥାନ: ଜିଲା ତାଲିମ କେନ୍ଦ୍ର, ବୌଦ୍ଧ, ସମୟ: ସକାଳ ୯ଟା ୩୦।

**ସୁବର୍ଣ୍ଣପୁର**
- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମହିଷାସୁର ମର୍ଦ୍ଦିନୀ ବେଶ, ସ୍ଥାନ: ମନ୍ଦିର ପରିସର, ସମୟ:ସକାଳ ୮ଟା ୩୦।
- ମହାନବମୀ ପୂଜା, ସ୍ଥାନ: ଅମରପାଲି ଦୁର୍ଗା ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ବଶିଷ୍ଠ ଓ ସୁଧାଂଶୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ଲୁଡୁରପଙ୍କ ହାଇସ୍କୁଲ ପଡ଼ିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମା' ଦୁର୍ଗାଙ୍କ ମହାନବମୀ ପୂଜା, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସନ୍ଧ୍ୟା ଆଳତି, ସ୍ଥାନ: ଲୁଡୁରପଙ୍କ ଦୁର୍ଗା ମେଢ଼, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟ।
- ସୁବର୍ଣ୍ଣପୁର ସହର ମହାନଦୀର ତେନ୍ତୁଳିଘାଟରେ ମା' ଲଙ୍କେଶ୍ୱରୀଙ୍କ ମହାଆଳତି, ସ୍ଥାନ: ବଡବଜାର ତେନ୍ତୁଳିଘାଟ, ସମୟ: ସନ୍ଧ୍ୟା ୭ଟା ୩୦।

**ନୂଆପଡ଼ା**
- ନବରାତ୍ର ଦୁର୍ଗା ପୂଜାରେ ପ୍ରାତଃ ଓ ସନ୍ଧ୍ୟା ଆଳତି, ସ୍ଥାନ: ତେଲିପଡା ଛକ ନୂଆପଡା, ସମୟ: ପ୍ରାତଃ ୬ଟା ଓ ସନ୍ଧ୍ୟା ୭ଟା।
- ଶ୍ରୀ ଦୁର୍ଗା ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ, ସ୍ଥାନ: ବୋଡେନ ବ୍ଲକ ରାମତୀର୍ଥ ପାତାଳ ଗଙ୍ଗା, ସମୟ: ସକାଳ ୭ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ପଞ୍ଚଦଶ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୧ଟା।
- ନବରାତ୍ର ଦୁର୍ଗାପୂଜା ଉପଲକ୍ଷେ ଭଣ୍ଡାରା, ସ୍ଥାନ: ସାପ୍ତାହିକ ବଜାର ପଡିଆ ତରବୋଡ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ସାର୍ବଜନୀନ ଦୁର୍ଗାପୂଜା ଉପଲକ୍ଷେ ଭଣ୍ଡାରା, ସ୍ଥାନ: ଦୈନିକ ବଜାର ପଡିଆ ଦୁର୍ଗାମଣ୍ଡପ ନୂଆପଡା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଶାରଦୀୟ ନବରାତ୍ର ଦୁର୍ଗା ପୂଜାରେ ମାତା ସିଦ୍ଧିରାତ୍ରୀ, ନବ କୁମାରୀ ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ସପ୍ତାହିକ ବଜାର ପଡିଆ, ସମୟ: ସନ୍ଧ୍ୟା ୬ଟା ୩୧।
- ଜୟହିନ୍ଦ ଯୁବକ ସଂଘ ପକ୍ଷରୁ ନବଦୁର୍ଗା ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବୋଡେନ ବ୍ଲକ ବିରେଶକେଲା ଗାଁ, ସମୟ: ରାତି ୯ଟା ୩୦।

# ୨୬.୮୨ ଲକ୍ଷ ଚାଷୀ ନେଲେଣି ୨୧,୭୧୦ କୋଟିର ଶସ୍ୟରଣ

**ଭୁବନେଶ୍ୱର,୩୦।୯(ରବିନାରାୟଣ ଜେନା)**

ଚଳିତବର୍ଷ ଖରିଫ୍ ଋତୁ ଲାଗି ରାଜ୍ୟରେ ୨୬ ଲକ୍ଷ ୮୨ ହଜାର ୧୯୨ ଚାଷୀଙ୍କୁ ୨୧ ହଜାର ୭୧୦ କୋଟି ୯୦ ଲକ୍ଷ ଟଙ୍କାର ଶସ୍ୟରଣ ପ୍ରଦାନ କରାଯାଇଛି ବୋଲି କୃଷି ବିଭାଗ ସମୀକ୍ଷା ବୈଠକରୁ ଜଣାପଡ଼ିଛି।

ବୈଠକର ସୂଚନା ଅନୁଯାୟୀ, ସେପ୍ଟେମ୍ବର ୧୫ ସୁଦ୍ଧା ୨୨ ଲକ୍ଷ ୬୧ ହଜାର ୨୧୮ ଚାଷୀଙ୍କ ଫସଲ ବୀମାଭୁକ୍ତ ହୋଇଛି। ସମ୍ପୃକ୍ତ ଚାଷୀଙ୍କ ୧୪ ଲକ୍ଷ ୭ ହଜାର ୩୫ ହେକ୍ଟର ଚାଷଜମି ପ୍ରଧାନମନ୍ତ୍ରୀ ଫସଲବୀମାଭୁକ୍ତ ହୋଇଛି। ସେହିପରି ରାଜ୍ୟରେ ଚଳିତ ଖରିଫ୍‌ଋତୁ ଲାଗି ୫୩.୮୬ ଲକ୍ଷ ହେକ୍ଟରରେ ଧାନଫସଲ ହୋଇଛି। ଚଳିତବର୍ଷ ରାଜ୍ୟ ସରକାର ୫୮.୫୦ ଲକ୍ଷ ହେକ୍ଟରରେ ଧାନଫସଲ କରିବା ପାଇଁ ଲକ୍ଷ୍ୟ ରଖିଥିବାବେଳେ ୯୨.୦୭ ପ୍ରତିଶତ ଲକ୍ଷ୍ୟଧାର୍ଯ୍ୟ ପୂରଣ ହୋଇଛି।

ସେହିପରି ୨ ଲକ୍ଷ ୪୭ ହଜାର ୫୦୦ ହେକ୍ଟରରେ ମାଣ୍ଡିଆ ଚାଷ ହୋଇଥିବାବେଳେ ୨ ଲକ୍ଷ ୪୯ ହଜାର ୬୭୦ ହେକ୍ଟରରେ ମକା, ୨ ଲକ୍ଷ ୩୭ ହଜାର ୮୩୦ ହେକ୍ଟରରେ କପା, ୪ ଲକ୍ଷ ୭୮ ହଜାର ୯୦୦ ହେକ୍ଟରରେ ଡାଲିଜାତୀୟ ଏବଂ ୧ ଲକ୍ଷ ୫୧ ହଜାର ୬୭୦ ହେକ୍ଟରରେ ତୈଳବୀଜ ଏବଂ ୩ ଲକ୍ଷ ୫୭ ହଜାର ୯୧୦ ହେକ୍ଟର ଜମିରେ ପନିପରିବା ଚାଷ ହୋଇଛି। ଗତବର୍ଷ ଏହି ଅବଧି ମଧ୍ୟରେ ୩ ଲକ୍ଷ ୯୨ ହଜାର ୧୦୬ କୁଇଣ୍ଟାଲ ଧାନବିହନ ଯୋଗାଇ ଦିଆଯାଇଥିବାବେଳେ ଚଳିତବର୍ଷ ୪ ଲକ୍ଷ ୬୯୨ କୁଇଣ୍ଟାଲ ଧାନବିହନ ଚାଷୀଙ୍କୁ ଯୋଗାଇ ଦିଆଯାଇଥିବା ବୈଠକରୁ ଜଣାଯାଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅନ୍ଧ ଦେଶକୁ ଗଲି ଦର୍ପଣ ବିକି**
**କନ୍ଧ ହସ୍ତରେ ଦେଲି ଗୋଦାନ ଟେକି,**
**ଜଡ଼ା ମଧୁରେ କଲି ଖଡା ରନ୍ଧନ**
**କାମୁଡ଼ା ଘୋଡା ମୁଖେ ଦେଲି ଚୁମ୍ବନ,**
**ହେ ରାଜା! କି କଲ?**
**ବିଷ୍ଣୁ ପ୍ରତିମାକୁ ତଳେ ଥୋଇଲ।**

ଅଯୋଗ୍ୟକୁ ଯୋଗ୍ୟ ଆସନରେ ବସାଇବା ଅର୍ଥ ଯୋଗ୍ୟତାର ପଦକୁ ଅମର୍ଯ୍ୟାଦା କରିବା ସଙ୍ଗେ ସମାନ। ଅଯୋଗ୍ୟ ଯେତେ ଗର୍ବ ବହିଲେ ମଧ ତାକୁ ଯୋଗ୍ୟ ପଦରେ ବସାଇଲେ ଉପହସିତ ହେବା ହିଁ ସାର ହୋଇଥାଏ। ସେହିପରି ଯୋଗ୍ୟକୁ ଅନୁପଯୁକ୍ତ ଆସନରେ ବସାଇଲେ ଯୋଗ୍ୟତାକୁ ଅସମ୍ମାନ କରାହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଅବାଣି କାଟଇ ଝୋଟ**
**ଠାଏ ସରୁ ଠାଏ ମୋଟା।**

ବାଣି ବା ସୂତା ଯିଏ କାଟି ଜାଣି ନ ଥାଏ ତା' ଦ୍ୱାରା ସୂତା କାଟିବା କାର୍ଯ୍ୟଟି କେବେହେଲେ ଠିକ୍ ସେ ହୋଇପାରି ନ ଥାଏ। ତେଣୁ କୌଣସି କାମ ନ ଜାଣି ସେଭଳି କାମରେ ହାତ ଦେଲେ କେବଳ ବିଫଳତା ହିଁ ମିଳିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଏଫ୍‌ଆଇଆଇ ଉଠାଇନେଲେଣି...

ପଦକ୍ଷେପ ନ ନେବା ପୁଞ୍ଜିବଜାରକୁ ନିମ୍ନଗାମୀ କରାଉଥିବା କୁହାଯାଉଛି। ଗତ ୨ଟି ତ୍ରୈମାସିକରେ ଭାରତୀୟ କମ୍ପାନୀଗୁଡ଼ିକର ଆୟ ହ୍ରାସ ପାଇଥିବାବେଳେ ବଜାର ଉପରୁ ଏଫ୍‌ଆଇଆଇଙ୍କ ଆସ୍ଥା ତୁଟିଯାଇଛି। ଆମେରିକା ପକ୍ଷରୁ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ୫୦% ଆମଦାନୀ ଶୁଳ୍କ ଏବଂ ଏଚ୍-୧ବି ଭିଜା ଫି' ୧ ଲକ୍ଷ ଡଲାରକୁ ବୃଦ୍ଧି କରାଯିବା ପରେ ମାର୍କେଟ ସେଣ୍ଟିମେଣ୍ଟ ଆହୁରି ଖରାପ ହୋଇଯାଇଛି। ଏଭଳି ସ୍ଥିତିରେ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଲଗାତର ହ୍ରାସ ପାଇ ପ୍ରତ୍ୟହ ନୂଆ ରେକର୍ଡ ଭାଙ୍ଗୁଛି। ଭାରତୀୟ ଶେୟାର ବଜାର ମଙ୍ଗଳବାର କ୍ରମାଗତ ଅଷ୍ଟମ ଦିନ ଧରି ତଳକୁ ଖସିଛି। ବିଭିନ୍ନ ଦେଶରେ ଭୂରାଜନୈତିକ ଅସ୍ଥିରତା ଲାଗି ରହିଥିଲେ ମଧ ବିଶ୍ୱର ଅନ୍ୟ ମାର୍କେଟ ଓ ଏସୀୟ ବଜାରଗୁଡ଼ିକରେ ଉତ୍‌ଥାନ ପତନ ଦେଖିବାକୁ ମିଳୁଛି। କିନ୍ତୁ ଭାରତୀୟ ପୁଞ୍ଜି ବଜାର ଉଠିପାରୁନାହିଁ। ଇତିମଧ୍ୟରେ କେନ୍ଦ୍ର ସରକାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ରେ ଆଣିଥିବା ସଂସ୍କାର ମଧ ବଜାର ପାଇଁ ସହାୟକ ହୋଇନାହିଁ। ସେପ୍ଟେମ୍ବର ୨୯ରୁ ଚାଲିଥିବା ଆର୍‌ବିଆଇର ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକ ବୁଧବାର ଶେଷ ହେବ, ଯାହାର ନିଷ୍କର୍ଷ ପୂର୍ବାହ୍ନରେ ବାହାରିବ। ଏଥର ମଧ କେନ୍ଦ୍ରୀୟ ବ୍ୟାଙ୍କ ରେପୋ ରେଟ୍ ହ୍ରାସ କରି ନ ପାରେ ବୋଲି ଅଧିକାଂଶ ଅର୍ଥନୀତିଜ୍ଞ ମନେକରୁଛନ୍ତି। ଏପରି ହେଲେ ଆଗକୁ ଶେୟାର ମାର୍କେଟ ଆହୁରି ଖସିବା ଆଶଙ୍କା କରାଯାଉଛି, ଯାହାକି ପାର୍ବଣ ଋତୁରେ ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା।

### ୧ ଡଲାର...

ମତ ଦେଇଛନ୍ତି। ଏଫ୍‌ଆଇଆଇ ଭାରତୀୟ ପୁଞ୍ଜି ବଜାରରୁ ଯେପରି ଭାବେ ମୁହଁ ଫେରାଉଛନ୍ତି, ତାହା ଜାରି ରହିଲେ ଆଗାମୀ ସପ୍ତାହରେ ଡଲାର ସହ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୮୯କୁ ଖସିପାରେ ବୋଲି ଆଶଙ୍କା କରାଯାଉଛି।

### ପରୀକ୍ଷା ପୂର୍ବରୁ...

ଜଣେ ଜଣେ ଆଶାୟୀ ୧୫ରୁ ୨୦ ଲକ୍ଷ ଟଙ୍କା ଉକ୍ତ ସଂସ୍ଥାକୁ ଦେଇଥିବା ଜଣାପଡିଛି। ପୋଲିସ ସେମାନଙ୍କୁ ଏ ସମ୍ପର୍କରେ ପଚରାଉଚୁରା କରୁଥିବା ସୂଚନା ମିଳିଛି। କ୍ରାଇମବ୍ରାଞ୍ଚ ଓ ବ୍ରହ୍ମପୁର ପୋଲିସ ପକ୍ଷରୁ ଛାନଭିନ ଜାରି ରହିଛି। ଚାକିରି ରାକେଟର ପର୍ଦ୍ଦାଫାଶ ପରେ ଓଡିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆରବି) ପକ୍ଷରୁ ଆଶାୟୀମାନଙ୍କ ପାଇଁ ହେଲ୍ପଲାଇନ୍ ନମ୍ବର (୯୦୪୦୪୯୩୨୨୩) ଜାରି କରାଯାଇଛି। ଯେଉଁମାନଙ୍କର ଯାହା ଅଭିଯୋଗ ରହିଛି, ସେମାନେ ଏହି ନମ୍ବରରେ ଅଭିଯୋଗ କରିପାରିବେ। ତେବେ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥା ପକ୍ଷରୁ କୌଣସି ମତାମତ ମିଳିପାରି ନ ଥିବା ବେଳେ ବ୍ରହ୍ମପୁର ଏସ୍‌ପି ମଧ ଏ ସମ୍ପର୍କରେ କିଛି ମୁହଁ ଖୋଲୁନାହାନ୍ତି।

### ପୋଲିସ ଏସ୍‌ଆଇ...

ଆଶାୟୀମାନଙ୍କୁ ଧରିଥିଲା। ସେମାନଙ୍କୁ ବ୍ରହ୍ମପୁର ଆଣି ତଦନ୍ତ କରିବା ପରେ ଜାଲିଆତି ଉଦ୍ୟମ ସଂକ୍ରାନ୍ତରେ ଜଣାପଡ଼ିଥିଲା। ତେବେ ପୋଲିସ ବିଭାଗ ପକ୍ଷରୁ ଏ ନେଇ କୌଣସି ସୂଚନା ମିଳି ନ ଥିବା ବେଳେ କ୍ରାଇମବ୍ରାଞ୍ଚର ଏକ ଟିମ୍ ବ୍ରହ୍ମପୁର ପୋଲିସ ସହାୟତାରେ ତଦନ୍ତ କରୁଥିବା ଜଣାପଡ଼ିଛି।

# ଲୋକଙ୍କ ଭରସା ଫେରାଇବା ଦିଗରେ କାର୍ଯ୍ୟ କରନ୍ତୁ ସରକାର: ନବୀନ

■ ଏସ୍‌ଆଇ ପରୀକ୍ଷା ବାତିଲ ନେଇ ବର୍ଷିଲେ ବିରୋଧୀ ■ ୫ ଓ ୬ ରେ ହୋଇଥାଆନ୍ତା ପରୀକ୍ଷା

**ଭୁବନେଶ୍ୱର,୩୦।୯(ସୁଜିତ୍ ମିଶ୍ର)**

ପୋଲିସ ଏସ୍‌ଆଇ(ସବ୍ ଇନ୍ସପେକ୍ଟର) ପରୀକ୍ଷା ଆସନ୍ତା ୫ ଏବଂ ୬ ତାରିଖରେ ଅନୁଷ୍ଠିତ ହେବାର ଥିଲା। ଅପ୍ରତ୍ୟାଶିତ ଘଟଣାକ୍ରମକୁ ନେଇ ପରୀକ୍ଷା ସ୍ଥଗିତ ରଖାଯିବାକୁ ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ ପକ୍ଷରୁ ମଙ୍ଗଳବାର ନିଷ୍ପତ୍ତି ନିଆଯାଇଛି। ଖୁବ୍‌ଶୀଘ୍ର ସାନି ପରୀକ୍ଷା ତାରିଖ ଘୋଷଣା କରାଯିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ଘଟଣାକୁ ନେଇ ସରକାରଙ୍କୁ ବିରୋଧୀଙ୍କ ପକ୍ଷରୁ ଟାର୍ଗେଟ କରାଯାଇଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି କହିଛନ୍ତି, ପୁଣି ଏକ ପରୀକ୍ଷା ସରକାରଙ୍କ ପକ୍ଷରୁ ବାତିଲ କରାଯାଇଛି। ପୋଲିସ ଏସ୍‌ଆଇ ପାଇଁ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ପରୀକ୍ଷାରେ ପାସ୍ କରାଇଦେବାକୁ ଟଙ୍କା କାରବାର ଏବଂ ପ୍ରଶ୍ନପତ୍ର ଲିକ୍ କାରଣରୁ ବାତିଲ କରାଯାଇଥିବା ଜଣାପଡ଼ିଛି। ପୂର୍ବରୁ ଓଟିଇଟି-୨୦୨୫ ପରୀକ୍ଷା ମଧ ପରୀକ୍ଷାର କିଛି ସମୟ ପୂର୍ବରୁ ବାତିଲ କରାଯାଇଥିଲା। ଏଥିସହ କିଛିଦିନ ତଳେ ଆର୍‌ଆଇ, ଅମିନ, ଏଆର୍‌ଆଇ ଆଦି ପରୀକ୍ଷାକୁ ମଧ ବାତିଲ କରାଯାଇଥିଲା। ଦ୍ୱିତୀୟ ଥର ଲାଗି ଓଟିଇଟି-୨୦୨୫ ପରୀକ୍ଷାକୁ ବାତିଲ କରାଯାଇଥିଲା। ଏଭଳି ବାରମ୍ବାର ପରୀକ୍ଷା ବାତିଲ ନିଯୁକ୍ତି ବ୍ୟବସ୍ଥା ଉପରକୁ ପ୍ରଶ୍ନ ଉଠୁଛି। ସରକାରଙ୍କ ଏଭଳି ବ୍ୟବସ୍ଥାଗତ ତ୍ରୁଟି କାରଣରୁ ଲୋକମାନଙ୍କ ଭରସା ତୁଟୁଛି। ତେଣୁ ତୁରନ୍ତ ଲୋକଙ୍କ ଭରସା ସରକାରଙ୍କ ବ୍ୟବସ୍ଥା ଉପରକୁ ଯେପରି ଫେରିବ ସେଥିପାଇଁ ପଦକ୍ଷେପ ନିଅନ୍ତୁ ବୋଲି ସେ କହିଛନ୍ତି। ବିଜୁ ଛାତ୍ର ଜନତା ଦଳ ସଭାପତି ଇପ୍ସିତା ସାହୁ କହିଛନ୍ତି, ଗତ ୧୫ ମାସର ଶାସନରେ ୧୫ଥର ନିଯୁକ୍ତି ପାଇଁ ହେଉଥିବା ବିଭିନ୍ନ ପରୀକ୍ଷାକୁ ବାତିଲ କରାଯାଇଛି, ଯାହା ରାଜ୍ୟ ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ରାଜ୍ୟର ଅନେକ ହଜାର ଯୁବତୀଯୁବକ ଯେଉଁମାନେ ଚାକିରିଟିଏ ପାଇବା ପାଇଁ ଦୀର୍ଘଦିନ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି ପରୀକ୍ଷା ବାତିଲ ହେବା ପରେ ସେମାନେ ହତୋତ୍ସାହିତ ହୋଇପଡୁଛନ୍ତି। ତେଣୁ ନିଯୁକ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆମେ ଦାବି କରୁଛୁ ବୋଲି ନବୀନ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଚନ୍ଦ୍ର ଭାଗ୍ୟସ୍ଥାନରେ ରହିଥିବାରୁ ପାରିବାରିକ ଅଶାନ୍ତ ବାତାବରଣ ବଦଳି ଯିବ। ଚନ୍ଦ୍ରଙ୍କ ପ୍ରତି ଶନିଙ୍କ ଦୃଷ୍ଟି କାରଣରୁ ମନ ଅନୁଯାୟୀ କାମ କରିବା ସହଜସାଧ ହେବନାହିଁ। ଦୂରାଗତ ବନ୍ଧୁଙ୍କ ସମସ୍ୟା ସମାଧାନ ପାଇଁ ନିଜକୁ କିଛି କରିବାକୁ ପଡ଼ିପାରେ। ଆର୍ଥିକ ସଙ୍କଟକୁ ଦୂରେଇବାରେ ପଡ଼ୋଶୀ ସହଯୋଗର ହାତ ବଢ଼ାଇପାରନ୍ତି।

**ବୃଷ**
ଚତୁର୍ଥାଧିପତି ରବି ଯୋଗକାରକ ହେତୁ ପୂର୍ବ ସଂକଳ୍ପିତ କାମ ବନ୍ଧୁଙ୍କ ମାଧ୍ୟମରେ ସମ୍ପନ୍ନ କରିବାରେ ସଫଳ ହେବେ। ଅଫିସରେ ଅଟକିଥିବା ଫାଇଲ୍ କାମ ସକାଶେ ବ୍ୟସ୍ତତା ବଢ଼ିବ। ଶିଳ୍ପ ଓ ବ୍ୟବସାୟ, ପରିବହନରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। କୌଣସି ନିଷ୍ପତ୍ତିର ଶେଷ ସମୟରେ ଅର୍ଥ ସମ୍ପର୍କୀୟ ଟଣାଓଟରା ଲାଗିପାରେ।

**ମିଥୁନ**
ବୁଧଙ୍କ ପ୍ରତି ଶନିଙ୍କ ଦୃଷ୍ଟିରୁ ସ୍ନାୟବିକ ଦୁର୍ବଳତା କାର୍ଯ୍ୟହାନି ନିରୁତ୍ସାହିତାର କାରଣ ହେବ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ କାମ ହାସଲ କରିବେ। ଅନୁଗାମୀଙ୍କ ପରାମର୍ଶରେ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ପାରିବାରିକ ଅସ୍ଥିରତା ଲାଗିରହିବାରୁ ଅନ୍ୟମନସ୍କ ରହିପାରନ୍ତି।

**କର୍କଟ**
ଧନାଧିପତି ରାଶ୍ୟାଧିପତି ସଂଯୋଗରୁ ଆର୍ଥିକ ଅଭିବୃଦ୍ଧି ସକାଶେ ଉଦ୍ୟମ ବୃଥା ଯିବନାହିଁ। କେତେକ କ୍ଷେତ୍ରରେ ଅନ୍ୟମାନଙ୍କର କଥାକୁ ବିଶ୍ୱାସ କରି ନିଜ ଲୋକଙ୍କୁ ସନ୍ଦେହ କରିପାରନ୍ତି। ଭୁଲ୍ ବୁଝାମଣା ହେତୁ ପାରିବାରିକ କ୍ଷେତ୍ରରେ କଳହର ସୂଚନା ରହିଛି। ପ୍ଲଟିଙ୍ଗ୍ କାରବାର ଓ ନୂତନ ଯାନବାହନ କ୍ରୟ କରିବା କ୍ଷେତ୍ରରେ ସୁଫଳ ପାଇପାରିବେ।

**ସିଂହ**
ଭୂମିପୁତ୍ର ମଙ୍ଗଳ ଗୁରୁଙ୍କ ଦୃଷ୍ଟିରେ ରହିଥିବାରୁ ଜମିଜମା ସମସ୍ୟା ବୃଦ୍ଧି ପାଇବ। ଭଲ ସମ୍ପର୍କ ନ ଥିବା ବନ୍ଧୁ ପୂର୍ବରାଗ ଶୁଝାଇବାକୁ ଯାଇ ପ୍ରତିଶୋଧ ନେବେ। କର୍ମକ୍ଷେତ୍ରରେ ପଛକଥା ନ ଭାବି ପରିସ୍ଥିତିକୁ ସାମନା କରିବା ଭଲ ହେବ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବାର ସୌଭାଗ୍ୟପ୍ରାପ୍ତ ହେବେ।

**କନ୍ୟା**
ବୁଧାଦିତ୍ୟ ଯୋଗ ପ୍ରଭାବରେ ସାମାଜିକ ପ୍ରତିଷ୍ଠା ପାଇବେ ଏବଂ ସ୍ଥଗିତ କାର୍ଯ୍ୟକୁ ସମ୍ପନ୍ନ କରିପାରିବେ। ବୃହସ୍ପତିଙ୍କ ଶୁଭଦୃଷ୍ଟି ପ୍ରଭାବରେ ପାରିବାରିକ ସମସ୍ୟାର ସମାଧାନ କରିପାରିବେ। ଫାଇଦା ହାସଲ ପାଇଁ ବନ୍ଧୁମାନେ ଫନ୍ଦିଫିକର କରିପାରନ୍ତି। ଆବଶ୍ୟକତା ପୂରଣ କରିବାକୁ ଯାଇ ଧାର କରଜ କରିବାକୁ ପଡ଼ିପାରେ।

**ତୁଳା**
ରାଶିରେ ମଙ୍ଗଳ ଥିବାରୁ ଜମିଜମା କିମ୍ବା ନୂତନ ଚୁକ୍ତିପତ୍ର ସମ୍ବନ୍ଧୀୟ କାର୍ଯ୍ୟ ସମ୍ପାଦିତ ହେବ। କେତେକ କ୍ଷେତ୍ରରେ ନିଜ ଲୋକଙ୍କ ଉପରେ ପୂର୍ଣ୍ଣ ଭରସା କରିପାରିବେ ନାହିଁ। ପ୍ରକାଶନ କ୍ଷେତ୍ର, ରାଜନୈତିକ ସ୍ଥିତି, ବନ୍ଧୁଙ୍କ ସହ ଆଲୋଚନା ନିଷ୍ଫଳ ହେବନାହିଁ। ଧନାଧିପତିଙ୍କ ଶୁଭତ୍ୱ କାରଣରୁ ଅର୍ଥଲାଭ ପାଇଁ ମାର୍ଗ ଉନ୍ମୁକ୍ତ ହୋଇଯିବ।

**ବିଛା**
ଦୁଃସ୍ଥାନସ୍ଥ ରାଶ୍ୟାଧିପ ଯୋଗୁ ଶାରୀରିକ ଅସୁସ୍ଥତା ସଙ୍ଗକୁ ଅର୍ଥସଂକଟ ଲାଗିରହିବ। ଆତ୍ମୀୟମାନେ ଦୂରେଇଯିବାରୁ ସାମାଜିକ ସ୍ତରରେ ଅସୁବିଧାର ସମ୍ମୁଖୀନ ହେବେ। ଦୂରଯାତ୍ରା ଯୋଜନା ଶେଷ ମୁହୂର୍ତ୍ତରେ ବାତିଲ ହୋଇପାରେ। ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ଅଟକିଥିବା କାମକୁ ସମ୍ପନ୍ନ କରିବାରେ ସମର୍ଥ ହେବେ।

**ଧନୁ**
ଦେବଗୁରୁଙ୍କ କୃପାଦୃଷ୍ଟିରୁ ବିଭିନ୍ନ ଯୋଜନାର ପରିକଳ୍ପନା କରି ସଫଳତା ହାସଲ କରିବେ। ଅପ୍ରିୟ ସତ୍ୟ ଭାଷଣରୁ ନିବୃତ୍ତ ରହିବା ଭଲ। ଦୂରଯାତ୍ରା ଯୋଜନା ଶେଷ ସମୟରେ ସ୍ଥଗିତ ରହିଯାଇପାରେ। ସାଧାରଣ କଥାରୁ ସ୍ତ୍ରୀଙ୍କ ସହ ମତାନ୍ତରର ସୂଚନା ରହିଛି। ଚତୁର୍ଥଭାବସ୍ଥ ଶନି ଆପଣଙ୍କ ମନୋରଞ୍ଜନରେ ବାଧକ ସାଜିପାରେ।

**ମକର**
ଗୁରୁକ୍ଷେତ୍ରସ୍ଥ ରାଶ୍ୟାଧିପତି କର୍ମର ପୁଷ୍ଟି ସାଧନ ସହ ପାରିବାରିକ ଜୀବନକୁ ପ୍ରୀତିପ୍ରଦ ରଖିବେ। ଖଳ ଲୋକଙ୍କ ଦ୍ୱାରା ମିଥ୍ୟାଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ବିଗତ ଦିନର ଘଟଣାଗୁଡିକ ସମ୍ପର୍କରେ ଭାବି ମନସ୍ତାପ କରିପାରନ୍ତି। ସଭାସମିତିରେ ପ୍ରଶଂସିତ ହେବା ସହ ସମ୍ମାନ ଲାଭ ଓ ମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ**
ଷଷ୍ଠାଧିପ ଚନ୍ଦ୍ର ଏକାଦଶ ଭାବରେ ରହିଥିବାରୁ ପ୍ରାପ୍ୟ ପାଇବାରେ ସମସ୍ୟାର ସମ୍ମୁଖୀନ ହେବେ। ପରିବାର ସଦସ୍ୟଙ୍କ ରୋଗପୀଡା ଏବଂ ପରୋକ୍ଷ ଶତ୍ରୁତାଜନିତ ମାନସିକ ଅଶାନ୍ତି ଲାଗିରହିବ। ସାଙ୍ଗସାଥୀଙ୍କ ପରାମର୍ଶରେ ଦେବାର୍ଚ୍ଚନା ପାଇଁ ମନ ବଳାଇପାରନ୍ତି। ଉପରିସ୍ଥଙ୍କ ଅନୁକମ୍ପାରୁ ସମସ୍ୟା ସମାଧାନରେ ସହକର୍ମୀ ସାହାଯ୍ୟ କରିବେ।

**ମୀନ**
ରାଶ୍ୟାଧିପ ବୃହସ୍ପତି କେନ୍ଦ୍ରସ୍ଥ ଯୋଗୁ ଉନ୍ନତଚିନ୍ତା ସଙ୍ଗକୁ ବିଶିଷ୍ଟବ୍ୟକ୍ତିଙ୍କ ସୁନଜରରେ ଆସିବେ। ଦେହ ଭଲ ରହିଲେ ମଧ କ୍ରନିକ୍ ରୋଗରେ କଷ୍ଟ ପାଇପାରନ୍ତି। କଚେରି ମାମଲା, ପ୍ରଶାସନିକ ଆଲୋଚନା, ରାଜନୈତିକ ବିତର୍କ ସାଙ୍ଗକୁ କୃତି ଓ କୃତିତ୍ୱରୁ ପ୍ରଶଂସିତ ହେବେ। ପରିବାରର ଖର୍ଚ୍ଚ ବୃଦ୍ଧିରୁ କରଜ କରିବାକୁ ବାଧ ହୋଇପାରନ୍ତି।

ଆଜି ଅକ୍ଟୋବର ୧ ତାରିଖ, ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ, ଜାତୀୟ ରକ୍ତଦାନ ଦିବସ, ଆଶ୍ୱିନ ଶୁକ୍ଳ ନବମୀ ବୁଧବାର, ପୀଠେ ବିଶ୍ରାମ ପୂଜା, ମୃଣ୍ମୟୀ ଦେବୀଙ୍କ ମହାନବମୀ। ରାଶିନକ୍ଷତ୍ର-ସକାଳ ଘ.୦୮.୦୫ମି. ଗତେ ଉତ୍ତରାଷାଢା/ଧନୁ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୪୧ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୫ମି. ଗତେ ଘ.୧୧.୩୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୨୫ମି. ଗତେ ଘ.୧୧.୩୬ମି. ମଧ୍ୟେ ରାହୁ କାଳ।

# ୧୫ ଦିନରେ ବକେୟା ଜନଶୁଣାଣି ଶେଷ ନିର୍ଦ୍ଦେଶ

ଭୁବନେଶ୍ୱର,୩୦।୯ (ରବିନାରାୟଣ ଜେନା)

ରାଜ୍ୟବାସୀଙ୍କ ଅଭିଯୋଗ ଶୁଣିବା ପାଇଁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଜନଶୁଣାଣି ନିମନ୍ତେ ସ୍ୱତନ୍ତ୍ର ପୋର୍ଟାଲ କାର୍ଯ୍ୟକ୍ଷମ ହେବା ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ତାଙ୍କ ମନ୍ତ୍ରୀ ପରିଷଦଙ୍କୁ ସାଙ୍ଗରେ ଧରି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଶୁଣିଥିବା ବ୍ୟକ୍ତିର ଅଭିଯୋଗ ଯେପରି ପଡ଼ି ନ ରହିବ, ତାହାକୁ ନେଇ ସରକାରଙ୍କ ପକ୍ଷରୁ ଥରକୁ ଥର ନିର୍ଦ୍ଦେଶନାମା ଜାରି ହେଉଛି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରତି ମାସରେ ଥରେ ସମୀକ୍ଷା କରାଯାଉଥିବାବେଳେ ବିଭାଗୀୟ ସଚିବଙ୍କ ସ୍ତରରେ ମଧ୍ୟ ଏହାର ସମୀକ୍ଷା ହେଉଛି। ହେଲେ କେତେକ ବିଭାଗୀୟ ଅଧିକାରୀ ଏଥିପ୍ରତି ଆନ୍ତରିକତା ଦେଖାଉନାହାନ୍ତି। ଏହାକୁ ନେଇ ସାଧାରଣ ପ୍ରଶାସନ ତଥା ଜନଅଭିଯୋଗ ନିର୍ଦ୍ଦେଶକ ସ୍ୱତନ୍ତ୍ର ବୈଠକ କରିବା ସହ ସବୁ ବିଭାଗର କ୍ଷେତ୍ରୀୟ ଅଧିକାରୀଙ୍କୁ ପତ୍ର ଲେଖି ୧୫ ଦିନ ମଧ୍ୟରେ ବକେୟା ଥିବା ଅଭିଯୋଗର ସମାଧାନ କରିବାକୁ ଅବଗତ କରାଇଛନ୍ତି। ନିର୍ଦ୍ଦେଶକ ସୁକାନ୍ତ କୁମାର ବେହେରା ଗତମାସ ୨୦ ତାରିଖରେ ସବୁ କ୍ଷେତ୍ରୀୟ ଅଧିକାରୀଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି ଯେ, ଗତମାସ ୧୧ରେ ଅନୁଷ୍ଠିତ ବୈଠକର ନିଷ୍ପତ୍ତି ଅନୁଯାୟୀ, ଯେଉଁ ବିଭାଗ ନିକଟରେ ଯାହା ବି ଜନଶୁଣାଣି ପାଇଁ ବକେୟା ରହିଛି ତାକୁ ଶେଷ କରିବାକୁ ହେବ। ଏ ଦିଗରେ କ୍ଷେତ୍ରୀୟ ଅଧିକାରୀ ତ୍ୱରିତ ପଦକ୍ଷେପ ନେବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ଅଭିଯୋଗସବୁ ସମାଧାନ ହେବା ଆବଶ୍ୟକ। ଏନେଇ କ୍ଷେତ୍ରୀୟ ଅଧିକାରୀ ବାରମ୍ବାର ସମୀକ୍ଷାକରି ଅଭିଯୋଗଗୁଡ଼ିକର ସମାଧାନ କରିବେ। ଯେଉଁ ଅଭିଯୋଗର ସମାଧାନ ହେଲା ତାହାକୁ ପୋର୍ଟାଲରେ ଅପ୍‌ଲୋଡ୍ କରିବେ। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଅଭିଯୋଗକାରୀଙ୍କୁ ପ୍ରଦାନ କରାଯାଉଥିବା ଆଇଡିରେ ବିଭିନ୍ନତା ନ ରହି ଏକତା ରହିବା ଆବଶ୍ୟକ। ନଚେତ୍ ଏକାଧିକ ଆଇଡିରେ ବାରମ୍ବାର ଅଭିଯୋଗ ଆସିବା ଦ୍ୱାରା ସମସ୍ୟା ସୃଷ୍ଟି ହେଉଛି। ଏନେଇ ଗୃହ ବିଭାଗ ପକ୍ଷରୁ ଏକୀକୃତ ଆଇଡି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶକ ତାଙ୍କ ପତ୍ରରେ ଦର୍ଶାଇଛନ୍ତି। ସୂଚନା ଅନୁଯାୟୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଗତ ସେପ୍ଟେମ୍ବର ୬ ସୁଦ୍ଧା ୩୪୦୪ଟି ଅଭିଯୋଗ ଶୁଣାଣି ଲାଗି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଓ ଅନ୍ୟାନ୍ୟ ମାଧ୍ୟମରୁ ଆସିଥିବାବେଳେ ୧୭୬୮ଟିର ଫଇସଲା ହୋଇଛି। ୧୬୩୬ଟି ବକେୟା ରହିଛି, ଯାହାଦ୍ୱାରା ବିଭାଗର ସଫଳତା ସର୍ବନିମ୍ନ ୫୨ ପ୍ରତିଶତ ରହିଛି। ଅନ୍ୟପକ୍ଷରେ ମିଶନ ଶକ୍ତି ଓ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ୯୨ପ୍ରତିଶତରୁ ଅଧିକ ଅଭିଯୋଗର ଫଇସଲା କରିଛି।

# ଜଙ୍ଗଲ ଜମିରେ ଶିଳ୍ପାୟନ: ହସ୍ତକ୍ଷେପ କଲା ପିଏମ୍‌ଓ

## ମୁଖ୍ୟ ସଚିବଙ୍କୁ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର,୩୦।୯ (ରବିନାରାୟଣ ଜେନା)

ବହୁଚର୍ଚ୍ଚିତ ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ଢିଙ୍କିଆ ଅଞ୍ଚଳର ଜଙ୍ଗଲଜମି ବଳପୂର୍ବକ ଦଖଲ ସମସ୍ୟା ଏବେ ପୁଣି ଥରେ ଲୋକଲୋଚନକୁ ଆସିଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ଏକ ଅଭିଯୋଗକୁ ଆଧାର କରି ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଉକ୍ତ ଘଟଣାରେ ହସ୍ତକ୍ଷେପ କରିଛି। ଏହାକୁ ନେଇ ପ୍ରଧାନମନ୍ତ୍ରୀଙ୍କ ଉପବିଭାଗ ଅଧିକାରୀ କୁମାର ରାଜୀବ ରଞ୍ଜନ ମୁଖ୍ୟ ଶାସନ ସଚିବଙ୍କୁ ପତ୍ରଲେଖି ଅଭିଯୋଗର ଅନୁସନ୍ଧାନ କରି ତୁରନ୍ତ ଅବଗତ କରାଇବାକୁ କହିଛନ୍ତି। ଏହାକୁ ନେଇ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ଜଙ୍ଗଲ ଓ ପରିବେଶ ବିଭାଗ ଉପସଚିବ କୃତୀବାସ ପରିଡ଼ା ଚଳିତମାସ ୨୨ରେ ପିସିସିଏଫ୍(ହଫ୍)ଙ୍କୁ ପତ୍ରଲେଖି ତୁରନ୍ତ ଅନୁସନ୍ଧାନ କରି ଘଟଣାର ସତ୍ୟତା ଜଣାଇବାକୁ ଦର୍ଶାଇଛନ୍ତି।

ଢିଙ୍କିଆର ପ୍ରତିବ କୁମାର ଶତପଥୀ ଓ ପଞ୍ଚାୟତବାସୀ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଏହି ଅଞ୍ଚଳର ପ୍ରାୟ ୯୦ପ୍ରତିଶତ ଲୋକ ଜମିହରା। ଲୋକେ ଜୀବନଜୀବିକା ପାଇଁ ଜଙ୍ଗଲ ଜମି ଉପରେ ନିର୍ଭର କରନ୍ତି। ପନିପରିବା ଚାଷଠାରୁ ଆରମ୍ଭ କରି ଛେଳି, ମେଣ୍ଢା ଓ ମାଛଚାଷ କରି ଚଳନ୍ତି। ହେଲେ ୨୦୦୫ରେ ତତ୍କାଳୀନ ସରକାର ପୋସ୍କୋ ସହିତ ଏକ ବୁଝାମଣା କରି ଶତାଧିକ ଏକର ଜଙ୍ଗଲ ଜମି ଟେକି ଦେଇଥିଲେ। ପୋସ୍କୋ ସେଠାରେ ଏକ ଇସ୍ପାତ ଶିଳ୍ପ କରିବ ବୋଲି ବୁଝାମଣା କରିଥିଲେ ହେଁ ୨୦୧୭ରେ ଓହରି ଯାଇଥିଲା। ସେତେବେଳେ ଗ୍ରାମବାସୀମାନେ ଉକ୍ତ ଜମି ପାଇଁ ବହୁ ସଂଘର୍ଷ କରିଥିଲେ। ଏପରି କି ୫ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ଶତାଧିକ ଲୋକଙ୍କ ନାମରେ ମିଥ୍ୟା ମାମଲା ରୁଜୁ ହୋଇଥିଲା। ୨୦୧୮ରେ ପୁନର୍ବାର ଉକ୍ତ ଜମିକୁ ଏକ ଶିଳ୍ପ ସଂସ୍ଥାକୁ ଟେକି ଦେବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ଗ୍ରାମସଭା କରାଯାଇ ନାହିଁ। ବରଂ ପୋଲିସ ଲଗାଇ ଉକ୍ତ ଜମି ଦଖଲକୁ ନିଆଯାଉଛି। ଦଖଲ ସମୟରେ ଶହ ଶହ ବର୍ଷର ବଡ଼ ବଡ଼ ଗଛ ମଧ୍ୟ କାଟି ଦିଆଯାଉଛି। ଏହାଦ୍ୱାରା ଜଙ୍ଗଲ ଅଧିକାର ଆଇନ-୨୦୦୬ରୁ ଖୋଲା ଉଲ୍ଲଂଘନ ହେଉଛି ବୋଲି ପ୍ରଧାନମନ୍ତ୍ରୀଙ୍କୁ ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ତୁରନ୍ତ ସେଠାରେ ପୋଲିସ ମାଧ୍ୟମରେ ଚାଲିଥିବା ବଳପୂର୍ବକ ଦଖଲକୁ ବନ୍ଦ କରିବା ସହିତ ଗ୍ରାମସଭା ଡାକି ସେ ସଂକ୍ରାନ୍ତରେ ନିଷ୍ପତ୍ତି ନେବାକୁ ପ୍ରତିବ ଅନୁରୋଧ କରିଛନ୍ତି। ଏହାସହିତ ଗ୍ରାମବାସୀଙ୍କ ନାମରେ ଦିଆଯାଇଥିବା ମିଥ୍ୟା ମାମଲାକୁ ପ୍ରତ୍ୟାହାର କରି ନେବା, ଜଙ୍ଗଲ ଜମି ଅଧିକାର ଆଇନକୁ ସୁରକ୍ଷା ଦେବା ସହିତ ନିରପେକ୍ଷ ତଦନ୍ତ କରିବାକୁ ଦାବି ହୋଇଛି।

# ଶ୍ରୀମନ୍ଦିର ୧ କି.ମି. ପରିଧି ଭିତରେ ବନ୍ଦ ହୋଇପାରେ ମଦ ବିକ୍ରି

- ନୂଆ ଅବକାରୀ ନୀତିରେ ସ୍ପଷ୍ଟ ହୋଇଯିବ
- ମୁଖ୍ୟମନ୍ତ୍ରୀଙ୍କ ମୋହରକୁ ଅପେକ୍ଷା

ଭୁବନେଶ୍ୱର, ୩୦।୯ (ସୁନିତ୍ ମିଶ୍ର)



ଶ୍ରୀମନ୍ଦିରର ପାଖରେ ଆଉ ତାମସିକ ଜିନିଷ ରହିବ ନାହିଁ। ଏଭଳି ଏକ ବଡ଼ ନିଷ୍ପତ୍ତି ସରକାର ନେବାକୁ ଯାଉଛନ୍ତି। ଏନେଇ ଆଲୋଚନା କରାଯାଇଛି। ନୂଆ ଅବକାରୀ ନୀତି ଆସିବା ପରେ ସେଥିରେ ଏଭଳି ନିୟମ ରଖାଯିବାକୁ ଯୋଜନା କରାଯାଉଥିବା ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଙ୍ଗଳବାର ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଶ୍ରୀମନ୍ଦିରର ୧ କି.ମି. ପରିଧି ଭିତରେ ମଦ ବିକ୍ରି ଉପରେ କଟକଣା ଲାଗିପାରେ। ଏହାସହ ଆମିଷ ବିକ୍ରି ଉପରେ ମଧ୍ୟ ସରକାର ପ୍ରତିବନ୍ଧକ ଲଗାଇପାରନ୍ତି ବୋଲି ଶୁଣିବାକୁ ମିଳୁଛି। ଏନେଇ ମନ୍ତ୍ରୀ ହରିଚନ୍ଦନଙ୍କ ପ୍ରତିକ୍ରିୟା ପରେ ଏହାକୁ ବାସ୍ତବ ରୂପ ଦିଆଯାଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ନୂଆ ଅବକାରୀ ନୀତିକୁ ବହୁ ଲୋକଙ୍କ ଅପେକ୍ଷା ରହିଛି। ଅବକାରୀ ନୀତି ଆଣିବାରେ ସରକାର ବାରମ୍ବାର ସମୟ ଗଡ଼ାଇ ଚାଲିଛନ୍ତି। କିଛି ମାସ ତଳେ ସରକାରଙ୍କ ପକ୍ଷରୁ ଏକ ଟିମ୍ ୩ଟି ରାଜ୍ୟକୁ ଯାଇ ସେଠାରେ ଅବକାରୀ ନୀତି କିପରି ଲାଗୁ ହୋଇଛି ତା'ର ତଥ୍ୟ ସଂଗ୍ରହ କରିଥିଲେ। ଉକ୍ତ ତଥ୍ୟ ପରେ ରାଜ୍ୟର ନୂଆ ଅବକାରୀ ନୀତିର ରୂପରେଖ ପ୍ରସ୍ତୁତ ହୋଇସାରିଥିବା ବେଳେ ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବୈଠକକରି ଆଲୋଚନା କରାଯିବ। ମୁଖ୍ୟମନ୍ତ୍ରୀଙ୍କ ମୋହର ବାଜିବା ପରେ ରାଜ୍ୟରେ ନୂଆ ଅବକାରୀ ନୀତି ଲାଗୁହେବ ବୋଲି କିଛିଦିନ ତଳେ ମନ୍ତ୍ରୀ ହରିଚନ୍ଦନ ସୂଚନା ଦେଇଥିଲେ।

# ୩୫ ଚୋରି ମୋବାଇଲ ଜବତ

## ୧୯ ଜଣଙ୍କୁ ପୋଲିସ ଫେରାଇଲା

ଢେଙ୍କାନାଳ,୩୦।୯ (ରତନ ନାୟାର)

ଢେଙ୍କାନାଳ ସହରରେ ପ୍ରାୟ ୩ବର୍ଷ ମଧ୍ୟରେ ଚୋରି ହୋଇଥିବା ୩୫ଟି ମୋବାଇଲ୍ ଟାଉନ ଥାନା ପୋଲିସ ଜବତ କରିଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜଣଙ୍କ ନିକଟରୁ ୧୨ଟି ମୋବାଇଲ ଜବତ କରାଯାଇଛି। ମଙ୍ଗଳବାର ସୁଦ୍ଧା ଟାଉନ ଥାନା ପୋଲିସ ୧୯ଜଣଙ୍କୁ ସେମାନଙ୍କର ମୋବାଇଲ ଫୋନ୍ ଫେରାଇଥିବା ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ କହିଛନ୍ତି। ମୋବାଇଲ ଫେରାଇବା ସମୟରେ ଟାଉନ ଥାନା ଅଧିକାରୀ ସାହୁ ଓ ଅତିରିକ୍ତ ଅଧିକାରୀ ମଧୁସ୍ମିତା ନାଥଶର୍ମା ଉପସ୍ଥିତ ଥିଲେ।

# ଦୋକାନ ଉପରେ ମାଡ଼ିଗଲା ଟ୍ରକ୍



ଭାଙ୍ଗିରୁଜି ଯାଇଥିବା ଦୋକାନ ଗୃହ।

## ଜଣେ ମୃତ,୩ ଗୁରୁତର

ଝାରପୋଖରିଆ,୩୦।୯ (ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ବମ୍ଭେଇକ ଗୋଲେଇଠାରେ ସୋମବାର ରାତି ୧୦ଟା୪୦ ସମୟରେ ଏକ ମାଲ୍ ବୋଝେଇ ଟ୍ରକ୍ ମାଡ଼ିଯିବାରୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। କୋଲକାତା ଅଭିମୁଖେ ଯାଉଥିବା ଏହି ଟ୍ରକ୍‌ର ଚାଳକ ଭାରସାମ୍ୟ ହରାଇବାରୁ ୧୦ଟି ଦୋକାନ ଉପରେ ମାଡ଼ିଯାଇଥିଲା। ଫଳ ବ୍ୟବସାୟ କରୁଥିବା ସୁଜିତ ମହାନ୍ତଙ୍କ ସ୍ତ୍ରୀ ସସ୍ମିତା ମହାନ୍ତ(୩୭)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସେହିପରି ମିଠାଦୋକାନ କରିଥିବା ଜାହ୍ନବୀ ମହାପାତ୍ର (୪୫) ଗୁରୁତର ହୋଇଛନ୍ତି । ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଜଳଖିଆ ଦୋକାନ କରିଥିବା ଗୋପାଳ ମହାପାତ୍ରଙ୍କ ୧୧ ବର୍ଷର ଝିଅ ପ୍ରିୟଙ୍କା ଓ ଷ୍ଟେଶନେରି ଦୋକାନୀ ସରୋଜ ଦଣ୍ଡପାଟ ଆହତ ହୋଇଛନ୍ତି। ଝାରପୋଖରିଆ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଥିବା ସୂଚନା ମିଳିଛି।

# ନବମୀରେ କଟକର ୩୧ ପୂଜା ମଣ୍ଡପ ବୁଲିବେ ମୁଖ୍ୟମନ୍ତ୍ରୀ

କଟକ,୩୦।୯(ଶିଳ୍ପା ପ୍ରିୟଦର୍ଶିନୀ)

ମହାନବମୀରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ଗସ୍ତ କରିବେ। ସଡ଼କପଥ ଯୋଗେ ସକାଳ ୯ଟା ୩୦ରେ ପ୍ରଥମେ ପ୍ରତାପନଗରୀ ପୂଜା ମଣ୍ଡପରେ ପହଞ୍ଚିବେ। ପରେ ବାଲିକୁଦା, ଗୋପାଳପୁର, ନୂଆପଡା, ଚାଉଳିଆଗଞ୍ଜ, ନୂଆବଜାର, ପୋତାପୋଖରୀ, ଶିଖରପୁର-ଗଣ୍ଡରପୁର-ମହାଦନୀବିହାର, ଯୋବ୍ରା, ମଙ୍ଗଳାବାଗ, ରାଣୀହାଟ, କଲେଜ ଛକ, ଶଗଡିଆ ସାହି, ଛତ୍ରବଜାର, ମଧୁପାଟଣା, ଖାନ୍‌ନଗର, ବାଦାମବାଡ଼ି, ପିଠାପୁର, ଝୋଲାସାହି, ନିମ ସାହି, ଚୌଧୁରୀ ବଜାର, ଫିରିଙ୍ଗି ବଜାର, ନୟାସଡକ, ଚାନ୍ଦିନୀଚୌକ, ଶେଖବଜାର, ରାମଗଡ କନିକା ରୋଡ, କାଫ୍ଲା ବଜାର, ଅଲିଶା ବଜାର, ମର୍କତନଗର ସେକ୍ଟର-୬, ମର୍କତନଗର ସେକ୍ଟର-୭, ମର୍କତନଗର ସେକ୍ଟର-୯ ଆଦି ମଣ୍ଡପ ବୁଲିବା ପରେ ଭୁବନେଶ୍ୱର ଅଭିମୁଖେ ଗସ୍ତ କରିବେ ବୋଲି ଭାଜପା କଟକ ଜିଲା ସଭାପତି ସୁକାନ୍ତ ବିଶ୍ୱାଳ ପ୍ରେସ ବିବୃତି ଜରିଆରେ ସୂଚନା ଦେଇଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ କଟକ ଗସ୍ତକୁ ନଜରରେ ରଖି ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ମହାବଳ ବାଘର ପାଦଚିହ୍ନ ଠାବ, ଲୋକେ ଭୟଭୀତ


ଦେବଗଡ଼,୩୦।୯ (ଶଶାଙ୍କ ଶେଖର ଝାଙ୍କର)


ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳ ଅଧୀନ ବାବାଜି ମଠ ଗ୍ରାମ ନିକଟ ଝାରମୁଣ୍ଡା ଜଙ୍ଗଲରେ ମହାବଳ ବାଘର ପାଦଚିହ୍ନ ଠାବ ହୋଇଛି। ଏହାକୁ ନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି। ଖବରପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ପାଦଚିହ୍ନର ନମୂନା ସଂଗ୍ରହ କରିଥିବାବେଳେ ବିଶେଷଜ୍ଞ ଟିମ୍ ଏହାର ଯାଞ୍ଚ କରିଛି। ରିଆମାଳ ବନାଞ୍ଚଳରେ କିଛିଦିନ ହେଲା ଏକ ମହାବଳ ବାଘ ବୁଲୁଥିବା ବନ ବିଭାଗ ପାଖରେ ଖବର ରହିଥିଲା। ଏପରି କି ବାଘର ଗତିବିଧି ଉପରେ ନଜର ରଖିବା ପାଇଁ ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଟ୍ରାପ୍ କ୍ୟାମେରା ଲଗାଯାଇଛି। ବାଘକୁ ଠାବ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଉକ୍ତ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରାଯାଉଛି। ଅପରପକ୍ଷେ ନିକଟସ୍ଥ ଜଙ୍ଗଲକୁ ଗୃହପାଳିତ ପ୍ରାଣୀଙ୍କୁ ନ ଛାଡିବା ସହିତ ସ୍ଥାନୀୟ ଜନସାଧାରଣ ସତର୍କ ରହିବାକୁ ବନ ବିଭାଗ ପକ୍ଷରୁ କୁହାଯାଇଛି। ମହାବଳ ବାଘର ଫଟୋ କିମ୍ବା ଭିଡିଓ ଉତ୍ତୋଳନ ହୋଇ ନ ଥିଲେ ମଧ୍ୟ ବାଘକୁ ବିଭିନ୍ନ ସମୟରେ ସ୍ଥାନୀୟ ଲୋକେ ଦେଖିଥିବା ଦାବି କରୁଛନ୍ତି। ଏହାକୁ ନେଇ ବନବିଭାଗ ବେଶ୍ ସତର୍କ ରହିଛି।



ଠାବ ହୋଇଥିବା ମହାବଳ ବାଘର ପାଦଚିହ୍ନ।



❝ କେବଳ ବାହ୍ୟ ରୂପକୁ ଦେଖି କୌଣସି ଘଟଣାର ବିଚାର କର ନାହିଁ। ସେଗୁଡ଼ିକ ଅନବରତ ଅନ୍ୟ କିଛିକୁ ପ୍ରକାଶ କରିବା ନିମିତ୍ତ ଏକ ଏକ ଅପାରଗ ପ୍ରଚେଷ୍ଟା ମାତ୍ର । କିନ୍ତୁ ତାହା ଭିତରେ ଯେଉଁ ପ୍ରକୃତ ସତ୍ୟ ଥାଏ- ତାହା ତୁମର ଅଗଭୀର ବିଚାର ବୁଦ୍ଧିର ସଂପୂର୍ଣ୍ଣ ଅଗମ୍ୟ । -ଶ୍ରୀମା

-ମୃଣ୍ମୟୀ ଶ୍ରୀ ଦୁର୍ଗା ଦେବୀଙ୍କର ମହାନବମୀ, ପୀଠେ ବିଶ୍ରାମ, ଶରଣ ଆରମ୍ଭ



# କାର୍ଯ୍ୟ ବି, ସନ୍ତାନ ବି

ଜାତିସଂଘ ପକ୍ଷରୁ ସଦ୍ୟ କରାଯାଇଥିବା ଏକ ଆକଳନରୁ ଜଣାପଡ଼ିଛି ଯେ, ୨୦୮୦ ପରେ ବିଶ୍ୱର ଜନସଂଖ୍ୟା ହ୍ରାସ ପାଇବ। ସେବେ ଯାଏ ଜନସଂଖ୍ୟା ବଢ଼ି ପ୍ରାୟ ୧୦.୮ ବିଲିୟନ ଅର୍ଥାତ୍ ୧,୦୮୦ କୋଟିରେ ପହଞ୍ଚିବ। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ୨୧୦୦ ସୁଦ୍ଧା ବିଶ୍ୱରେ ୧୦ କୋଟି ଲୋକ କମିଯାଇପାରନ୍ତି। ଏହି ପରିପ୍ରେକ୍ଷୀରେ ଯଦି ଦେଖାଯାଏ ୨୦୨୨ରେ ପୃଥିବୀର ଜନସଂଖ୍ୟା ୮୦୦ କୋଟି ଥିଲା, ଯାହା ପୂର୍ବ ଶତାବ୍ଦୀଠାରୁ ୪ ଗୁଣା ବଢ଼ିଥିଲା। ୫୫ ବର୍ଷ ପରେ ଧନୀ ତଥା ବିକଶିତ ରାଷ୍ଟ୍ରଗୁଡ଼ିକରେ ନାରୀ ଶିକ୍ଷା ଓ ସେମାନଙ୍କ ଅଧିକାର ଜନସଂଖ୍ୟା ହ୍ରାସର କାରଣ ହେବ ବୋଲି କୁହାଯାଉଛି। ମହିଳାମାନେ ଅଧିକ ସମାନତା ଓ ସୁଯୋଗ ପାଇବା ଦ୍ୱାରା ସନ୍ତାନ ଜନ୍ମ ଦେବା ଅପେକ୍ଷା କ୍ୟାରିୟରକୁ ଅଗ୍ରପ୍ରାଧାନ୍ୟ ଦେଇପାରନ୍ତି। ଏଥିସହିତ ସମୟ ସହିତ ତାଳ ଦେଇ ବଞ୍ଚିବା ବ୍ୟୟବହୁଳ ହେଉଥିବାରୁ ଲୋକେ ଅଧିକ ପିଲା ଚାହିଁବାକୁ ପସନ୍ଦ କରିବେ ନାହିଁ। ଜାତିସଂଘର ଏହି ରିପୋର୍ଟ ଦେଖିଲେ ଚତୁଃପାର୍ଶ୍ୱରେ ଅନେକେ ଏହାର ବାସ୍ତବତାକୁ ଅନୁଭବ କରୁଥିବେ।

ଭାରତରେ କିଛି ଦଶନ୍ଧି ପୂର୍ବରୁ ଜନସଂଖ୍ୟା ବିସ୍ଫୋରଣ ତର୍କ ପ୍ରତିଯୋଗିତାରେ ଏକ ବିଷୟ ପାଲଟିଥିଲା। 'ଆମେ ଦୁଇ ଆମର ଦୁଇ' ଧ୍ୱନି କାନ୍ଥଚିତ୍ରରେ ସ୍ଥାନ ପାଇଥିଲା। ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସରକାରଙ୍କ ପକ୍ଷରୁ ବହୁବିଧ ପଦକ୍ଷେପ ନିଆଯାଇଥିଲା। ତାହାର ପ୍ରଭାବ କେତେକାଂଶରେ ଫଳପ୍ରଦ ହୋଇଥିଲେ ମଧ୍ୟ ଏବର ସ୍ଥିତି ଦେଖିଲେ ଚାଇନାକୁ ଟପି ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ହୋଇଯାଇଛି। ଚାଇନାର ଏକକ ସନ୍ତାନ ନୀତି ଯୋଗୁ ତାହାର ଜନସଂଖ୍ୟା ଅତି ମାତ୍ରାରେ କମିଯାଇଥିଲା। ପରେ ୨୦୧୬ ଜାନୁଆରୀରେ ଏହା 'ଦୁଇ ସନ୍ତାନ' ନୀତି ଆପଣାଇଲେ ମଧ୍ୟ ସେହି ଦିଗରେ ବିଶେଷ ଅଗ୍ରଗତି ହୋଇ ନ ଥିଲା। ଆର୍ଥିକ ଦିଗକୁ ଦେଖି ପରିବାର ବଢ଼ାଇବାକୁ ଅନେକେ ନ ଚାହିଁବାରୁ ଚାଇନା ଜନସଂଖ୍ୟା କମିଯାଇଛି। ଅଧିକ ସନ୍ତାନ ପାଇଁ ସେଠାରେ ପ୍ରୋତ୍ସାହନ ଦିଆଯାଉଛି। ଜାପାନ ଭଳି ଦେଶରେ ବୟସ୍କଙ୍କ ସଂଖ୍ୟା ବଢ଼ିଥିବା ବେଳେ ଅଧିକ ପିଲା ଜନ୍ମ ହେଉ ନ ଥିବାରୁ ସେଠାକାର ଶାସକ ଚିନ୍ତାରେ ଅଛନ୍ତି। ଭାରତର ଜନସଂଖ୍ୟା ଅନୁଯାୟୀ, ଦକ୍ଷ ମାନବ ସମ୍ବଳ ସୃଷ୍ଟି ହୋଇପାରୁ ନ ଥିଲେ ମଧ୍ୟ ଗୋଟେ ଆଶ୍ୱାସନା ରହୁଛି ଆବଶ୍ୟକ ସ୍ଥଳେ ସେମାନଙ୍କୁ କୁଶଳୀ କରାଯାଇପାରିବ। ଏହା ସତ୍ତ୍ୱେ ଭାରତ କ୍ଷେତ୍ରରେ ଆଶଙ୍କା କରାଗଲାଣି ଯେ, ଦେଶର ସମୁଦାୟ ପ୍ରଜନନ ହାର ୨.୧ରୁ ଖସି ୧.୯ରେ ରହିଲାଣି। ଏହି କମିବା ସ୍ଥିତି ଲାଗି ରହିଲେ ଆଗାମୀ ଦିନରେ ଅର୍ଥାତ୍ ୨୦୬୦ ବେଳକୁ ଭାରତର ଜନସଂଖ୍ୟା ମଧ୍ୟ ଷ୍ଟାଗ୍ନାଣ୍ଟ ବା ସ୍ଥିର ଅବସ୍ଥାକୁ ଆସିବା ଅସମ୍ଭବ ନୁହେଁ। ଏପରିକି ଏହା ପରେ ଅର୍ଥାତ୍ ୨୧୦୦ ସୁଦ୍ଧା ଭାରତର ଜନସଂଖ୍ୟାରେ ୧୨ ପ୍ରତିଶତ ହ୍ରାସ ପାଇବ ବୋଲି ପୂର୍ବରୁ ଜାତିସଂଘ ଆକଳନ କରିସାରିଛି। ସମ୍ଭବତଃ ସେତେବେଳେ ବୟସ୍କଙ୍କ ସଂଖ୍ୟା ବଢ଼ିବା ଚିନ୍ତାର କାରଣ ପାଲଟିବ।

**କୌଣସି ଦେଶରେ ଲୋକଶକ୍ତି ବହୁଳ ମାତ୍ରାରେ କମିଗଲେ ଉତ୍ପାଦନ କ୍ଷମତା ମଧ୍ୟ ହ୍ରାସ ପାଇବ। ଜାତିସଂଘ ରିପୋର୍ଟକୁ ଗଲେ ଯାହା କୁହାଯାଉଛି ଯେ, ଆଗାମୀ ସମୟରେ ମହିଳାମାନେ କ୍ୟାରିୟରକୁ ପ୍ରାଧାନ୍ୟ ଦେଇ ସନ୍ତାନ ପ୍ରସବକୁ ଅଣଦେଖା କରିବେ, ତାହା ହେଲେ ଜନସାଂଖ୍ୟିକ ସନ୍ତୁଳନ ବିଗିଡ଼ିଯିବା ଥୟ। ତେଣୁ ପ୍ରତ୍ୟେକ ଦେଶ ଜନସଂଖ୍ୟାକୁ ଉତ୍ପାଦନକ୍ଷମ ରଖିବା ଲାଗି ନୀତି ହେଉ ବା ସଚେତନତା ମାଧ୍ୟମରେ ପ୍ରୋତ୍ସାହନ ଦେବା ଦରକାର। ତାହା ହେଲେ ମହିଳାମାନେ କାର୍ଯ୍ୟ ଚାପରେ ପଡ଼ି ସନ୍ତାନ ଜନ୍ମ କରିବା ଲାଗି ଅମଙ୍ଗ ହେବେ ନାହିଁ। ଫଳରେ କାର୍ଯ୍ୟ ବି, ସନ୍ତାନ ବି ସମ୍ଭବ ହୋଇପାରିବ।**

ସାଧାରଣରେ କୁହାଯାଇଥାଏ କାର୍ଯ୍ୟ ନ କରି ବାସ କରୁଥିବା ଲୋକ ବା ଅନୁତ୍ପାଦନକ୍ଷମ ବ୍ୟକ୍ତି ଦେଶ ପାଇଁ ବୋଝ ହୋଇଥାଏ। ଯଦି ଅନେକ ଲୋକ ଯୋଗ୍ୟ ନ ହୋଇ ବସି ରହିବେ ତାହାର ପ୍ରଭାବ ଅର୍ଥନୀତି ଉପରେ ନକାରାତ୍ମକ ପ୍ରଭାବ ପକାଇବ। ସେତେବେଳେ ଜନସଂଖ୍ୟା ବୃଦ୍ଧି ଉତ୍ତମ ମାନବ ସମ୍ବଳ ଭାବେ ବିବେଚିତ ନ ହୋଇ ଉତ୍ପାଦନକ୍ଷମ ବ୍ୟକ୍ତିଙ୍କ ଉପରେ ଲାଉ ହେବେ। ସେହି ସମାନ ସ୍ୱରରେ କୁହାଯାଇପାରେ ଯେ, କୌଣସି ଦେଶରେ ଲୋକଶକ୍ତି ବହୁଳ ମାତ୍ରାରେ କମିଗଲେ ଉତ୍ପାଦନ କ୍ଷମତା ମଧ୍ୟ ହ୍ରାସ ପାଇବ। ଜାତିସଂଘ ରିପୋର୍ଟକୁ ଗଲେ ଯାହା କୁହାଯାଉଛି ଯେ, ଆଗାମୀ ସମୟରେ ମହିଳାମାନେ କ୍ୟାରିୟରକୁ ପ୍ରାଧାନ୍ୟ ଦେଇ ସନ୍ତାନ ପ୍ରସବକୁ ଅଣଦେଖା କରିବେ, ତାହା ହେଲେ ଜନସାଂଖ୍ୟିକ ସନ୍ତୁଳନ ବିଗିଡ଼ିଯିବା ଥୟ। ତେଣୁ ପ୍ରତ୍ୟେକ ଦେଶ ଜନସଂଖ୍ୟାକୁ ଉତ୍ପାଦନକ୍ଷମ ରଖିବା ଲାଗି ନୀତି ହେଉ ବା ସଚେତନତା ମାଧ୍ୟମରେ ପ୍ରୋତ୍ସାହନ ଦେବା ଦରକାର। ତାହା ହେଲେ ମହିଳାମାନେ କାର୍ଯ୍ୟ ଚାପରେ ପଡ଼ି ସନ୍ତାନ ଜନ୍ମ କରିବା ଲାଗି ଅମଙ୍ଗ ହେବେ ନାହିଁ। ଫଳରେ କାର୍ଯ୍ୟ ବି, ସନ୍ତାନ ବି ସମ୍ଭବ ହୋଇପାରିବ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | 9 | | 7 | |
| 3 | | | | | | | 2 | |
| | 7 | | 3 | | 6 | | | |
| 8 | | | | | | | | |
| | 9 | 6 | 7 | | 1 | 3 | | 2 |
| | | | | | | | | 4 |
| | | 9 | | | 3 | | | |
| | 8 | 5 | | | | 1 | | |
| | | 1 | 8 | 5 | | | | 7 |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 1 | 9 | 5 | 8 | 7 | 4 | 3 |
| 9 | 5 | 7 | 3 | 4 | 1 | 6 | 2 | 8 |
| 4 | 3 | 8 | 6 | 2 | 7 | 5 | 9 | 1 |
| 3 | 4 | 6 | 1 | 7 | 9 | 8 | 5 | 2 |
| 5 | 1 | 9 | 8 | 6 | 2 | 4 | 3 | 7 |
| 7 | 8 | 2 | 5 | 3 | 4 | 9 | 1 | 6 |
| 8 | 2 | 3 | 4 | 9 | 6 | 1 | 7 | 5 |
| 6 | 9 | 5 | 7 | 1 | 3 | 2 | 8 | 4 |
| 1 | 7 | 4 | 2 | 8 | 5 | 3 | 6 | 9 |

ଗତକାଲିର ଉତ୍ତର

# ତେରା ବୈଭବ ଅମର ରହେ ମା'



ମୋହନ ଚରଣ ମାଝୀ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ବର୍ଷ ଚଳିତବର୍ଷ ବିଜୟା ଦଶମୀରୁ ଆରମ୍ଭ ହେବ। ଆଜିଠୁ ୧୦୦ ବର୍ଷ ପୂର୍ବେ ନାଗପୁରର ରେଶମୀବାଗଠାରେ ପୋତା ଯାଇଥିବା ମଞ୍ଜି ଆଜି ମହାଦ୍ରୁମରେ ପରିଣତ ହୋଇଛି। ଖାଲି ସଂଘର ବିଶାଳତା ନୁହେଁ, ୧୦୦ ବର୍ଷର ସଂଗଠନ ବିଶ୍ୱ ସାମ୍ନାରେ ବିଚାରର ଗଭୀରତାକୁ ମଧ୍ୟ ଅତି ସ୍ପଷ୍ଟ ଭାବରେ ପ୍ରତିପାଦିତ କରିଛି। ହାତଗଣତି ବାଳକ, ତରୁଣଙ୍କୁ ନେଇ ଖେଳପଡ଼ିଆରୁ ଡା. କେଶବ ବଳିରାମ ହେଡ୍‌ଗେୱାର ଆରମ୍ଭ କରିଥିବା ସଂଘ ଆଜି ସାରା ବିଶ୍ୱର ସବୁଠାରୁ ବଡ଼ ସଂଗଠନ। ବିଗତ ୧୦୦ ବର୍ଷର କଣ୍ଟକିତ ପଥର ଯାତ୍ରା, ଅନେକ ମହାନ୍ ବିଭୂତି, ଲକ୍ଷ ଲକ୍ଷ ସ୍ୱୟଂସେବକଙ୍କ ତ୍ୟାଗ, ତପସ୍ୟା, ବଳିଦାନ ଓ ସାଧନାର ଭିତ୍ତିଭୂମି ଉପରେ ଠିଆ ହୋଇଛି। ଶତାବ୍ଦୀ ବର୍ଷରେ ମୁଁ ଜଣେ ସାଧାରଣ ସ୍ୱୟଂସେବକ ଭାବରେ ସଂଘକୁ ଠିଆ କରିଥିବା ପିଢ଼ି ପରେ ପିଢ଼ିର ଅଧିକାରୀ, କାର୍ଯ୍ୟକର୍ତ୍ତା, ସ୍ୱୟଂସେବକ ତଥା ସଂଘ ବିଚାରକୁ ଜନ ଜନ ପର୍ଯ୍ୟନ୍ତ ପହଁଚାଇଥିବା ଶୁଭେଚ୍ଛୁ, ହିତ ଚିନ୍ତକ, ବୁଦ୍ଧିଜୀବୀ ଆଦି ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି। ଆଗାମୀ ଶତାବ୍ଦୀ ଶତାବ୍ଦୀ ଅନାଦି ଅନନ୍ତ କାଳପର୍ଯ୍ୟନ୍ତ ସଂଘ, ସଂଘ ବିଚାର-ପରିବାର ତଥା ସବୁର ମୂଳ ଆଧାର ଭାରତୀୟ ବିଚାର ଓ ଭାରତୀୟତା ସମଗ୍ର ମାନବ ଜାତିକୁ ପ୍ରଭାବିତ କରୁ ଏତିକି କାମନା କରୁଛି। ପରମ ବୈଭବଶାଳୀ ଭାରତ ବିଶ୍ୱଗୁରୁର ଆସନରେ ବସି ବିଶ୍ୱର ନେତୃତ୍ୱ ନେଉ ଆଜି ଦିନରେ ଜଗତ ଜନନୀ ମା' ଦୁର୍ଗାଙ୍କ ପାଖରେ ଏତିକି ପ୍ରାର୍ଥନା।

ବିଜୟା ଦଶମୀରେ ଖବରକାଗଜର ପ୍ରକାଶନ ବନ୍ଦ ରହୁଥିବାରୁ ଏହାର ଅବ୍ୟବହିତ ପୂର୍ବରୁ ଜଣେ ସ୍ୱୟଂସେବକ ଭାବରେ ମୋ ମନରେ ଉଙ୍କି ମାରୁଥିବା ଅନେକ ଭାବ ଓ ଭାବନାକୁ ମୋ ପ୍ରିୟ ଓଡ଼ିଶାବାସୀଙ୍କ ପାଖରେ ଉପସ୍ଥାପନ କରିବା ପାଇଁ ଆଜି ଏ ନିବନ୍ଧଟି ଲେଖିବସୁଛି।

ମୁଁ ମୋର ବାଳକ ଅବସ୍ଥାରେ ସ୍କୁଲ ଦିନରେ ସଂଘ ଶାଖା ଯିବା ଆରମ୍ଭ କରିଥିଲି। ଉଚ୍ଚଶିକ୍ଷା, ରୋଜଗାର ଏବଂ ତେଲଲୁଣ ଦୁନିଆରେ ପ୍ରାରମ୍ଭିକ ଅବସ୍ଥାରେ ସାମାଜିକ କାର୍ଯ୍ୟ, ରାଜନୀତି ମାଧ୍ୟମରେ ସମାଜ ସହ ଏକାକାର ହେବା ଦିନଗୁଡ଼ିକର ଇତିହାସକୁ ଆଜି ଯେତେବେଳେ ପର୍ଯ୍ୟାଲୋଚନା କରୁଛି, ସେତେବେଳେ ମୋ ପଛରେ ଯେଉଁ ଅଦୃଶ୍ୟ ହାତ ମୋ ସାଙ୍ଗରେ ରହିଛି, ତାହା ହେଉଛି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରେରଣାଦାୟୀ ବିଚାର।

ସ୍କୁଲ ଗଲାବେଳେ ଖାଲି ସଙ୍ଘ ଶାଖାକୁ ଯାଆନ୍ତି ନାହିଁ, ବରଂ ସେହିଠାରୁହିଁମୁଁଏବଂମୋ ଭଳି ଲକ୍ଷ ଲକ୍ଷ ଲୋକଙ୍କ ଜୀବନପଥ ତିଆରି ହୁଏ ଆଜି ମୁଁ ତାହା ଅନୁଭବ କରୁଛି। ଆମେ ସ୍ୱୟଂସେବକମାନେ ପରମ ପବିତ୍ର ଗୈରିକ ଧ୍ୱଜାକୁ ଆମର ଗୁରୁ ମାନୁ। ବ୍ୟକ୍ତି-ଗୌଣ, ନଶ୍ୱର କେବଳ ଏକ ମାଧ୍ୟମ ମାତ୍ର। ବିଚାର ଚିରନ୍ତନ ଓ ସଦା ନିରନ୍ତର। ସଂଘ କିଛି ନୂଆ ବିଚାର ଦେଇନି। ବରଂ ଅନାଦି ଅନନ୍ତ କାଳରୁ ଭାରତୀୟ ସଭ୍ୟତା ଓ ସଂସ୍କୃତିର ମୂଳ ତତ୍ତ୍ୱକୁ ପୁଣି ଲୋକାଭିମୁଖୀ କରିଛି। ହଜାର ହଜାର ବର୍ଷର ବିଦେଶୀ ଆକ୍ରମଣ। ଶକ, ହୁନ, ତାତାର, ମୋଗଲଙ୍କଠାରୁ ବ୍ରିଟିଶ୍ ପର୍ଯ୍ୟନ୍ତ ଆକ୍ରମଣକାରୀମାନେ ଭାରତୀୟ ସଭ୍ୟତାର ଚମକକୁ ମଳିନ କରି ଭାରତୀୟମାନଙ୍କ ମନରେ ଭାରତୀୟତା ପ୍ରତି ଅବିଶ୍ୱାସ ଓ ଅଶ୍ରଦ୍ଧା ନିର୍ମାଣର ଏକମେବ ଏଜେଣ୍ଡା ଥିଲା। ଊନବିଂଶ ଓ ବିଂଶ ଶତାବ୍ଦୀରେ ଏହି ମହାଷଡ଼ଯନ୍ତ୍ରର ମୁକାବିଲାର ମନ୍ତ୍ର ସଂଘ ହିଁ ଦେଇଛି। ୧୦୦ ବର୍ଷ ପୂର୍ବେ ଡା. କେଶବ ବଳିରାମ ହେଡ୍‌ଗେୱାରଙ୍କ ଉଦ୍ୟମ ସାରା ଦେଶରେ ମୋ ଭଳି କୋଟି କୋଟି ଭାରତୀୟଙ୍କୁ ପ୍ରଭାବିତ କରିଛି। ମୋଗଲ ଓ ପରେ ବ୍ରିଟିଶ୍ ଶାସନରେ ନିଜ ଗୌରବଶାଳୀ ଇତିହାସକୁ ଭୁଲି ଯାଉଥିବା ଭାରତୀୟ ସମାଜ ମନରେ ନିଜ ଧର୍ମ, ସଂସ୍କୃତି, ପରମ୍ପରା ଓ ଇତିହାସକୁ ନେଇ ଗର୍ବର ଭାବନା ସାରା ଦେଶରେ ସୃଷ୍ଟି କରିଛି। ଏହାର ଝଙ୍କାର ସମଗ୍ର ବିଶ୍ୱକୁ ମଧ୍ୟ ପ୍ରଭାବିତ କରିଛି।

ମୁଁ ଜଣେ ସ୍ୱୟଂସେବକ ଭାବରେ ଯେତିକି ବୁଝିଛି, ସଂଘ ୧୦୦ ବର୍ଷ ଯାତ୍ରାରେ କେବଳ ଓ କେବଳ ବ୍ୟକ୍ତି ନିର୍ମାଣ କାମରେ ଲାଗିଛି। ସଂଘର ବିଶ୍ୱାସ ବ୍ୟକ୍ତି ନିର୍ମାଣରୁ ହିଁ ରାଷ୍ଟ୍ର ନିର୍ମାଣ ସମ୍ଭବ। ସଂଘ ନିର୍ମାଣ କରୁଥିବା ବ୍ୟକ୍ତିମାନେ ସମାଜ ଜୀବନର ବିଭିନ୍ନ କ୍ଷେତ୍ରକୁ ଯାଇ ସଂଘ ପ୍ରଚାର କରୁଥିବା ଭାରତର ଚିରନ୍ତନ ଭାରତୀୟ ବା ହିନ୍ଦୁ ବିଚାର ଆଧାରରେ ସମାଜକୁ ସଂଗଠିତ ଓ ପ୍ରଭାବିତ କରିବାକୁ ପ୍ରାଣପାତ ଉଦ୍ୟମ କରିଛନ୍ତି। ସେ ସଂଘର୍ଷ ଚାଲିଛି ଏବଂ ଆଗାମୀ ପିଢ଼ି ପରେ ପିଢ଼ି ଚାଲୁରହିବ। କାରଣ ସଭ୍ୟତା ଚିରନ୍ତନ ଓ ନିରନ୍ତର ପ୍ରବାହ।


ସଂଘ ତିଆରି କରିଥିବା ବ୍ୟକ୍ତିମାନେ ପରବର୍ତ୍ତୀ ସମୟରେ ଦେଶର ବଡ଼ ବଡ଼ ଜନ ସଂଗଠନ ତିଆରି କରିଛନ୍ତି। ବିଦ୍ୟାର୍ଥୀ କ୍ଷେତ୍ରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବା ଏବିଭିପି ସବୁଠୁ ବଡ଼ ଛାତ୍ର ସଂଗଠନ। ଧର୍ମକ୍ଷେତ୍ରରେ ବିଶ୍ୱହିନ୍ଦୁ ପରିଷଦ, ମଜଦୁର କ୍ଷେତ୍ରରେ ମଜଦୁର ସଂଘ, ଶିକ୍ଷା କ୍ଷେତ୍ରରେ ବିଦ୍ୟା ଭାରତୀ। ଆହୁରି ଅନେକ ଜନ ସଂଗଠନ ସ୍ୱୟଂସେବକମାନେ ସୃଷ୍ଟି କରିଛନ୍ତି। ରାଜନୀତି କ୍ଷେତ୍ରରେ ଭାରତୀୟ ଜନତା ପାର୍ଟି ମଧ୍ୟ ସଂଘ ନିର୍ମାଣ କରିଥିବା ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜନୈତିକ କ୍ଷେତ୍ରରେ ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ସଂଗଠନ।

ସ୍ୱାଧୀନୋତ୍ତର ଭାରତର ଶାସନ ଭାର ଥିଲା କଂଗ୍ରେସ ହାତରେ। ମାତ୍ର ବାମପନ୍ଥୀ ବିଚାରରେ ପ୍ରଭାବିତ ବା ଅନ୍ତଃରାଷ୍ଟ୍ରୀୟ ଷଡ଼ଯନ୍ତ୍ର ପ୍ରଭାବରେ ଜାଣତରେ ଅଥବା ଅଜାଣତରେ ଭାରତୀୟ ଜନମନକୁ ଭାରତୀୟ ଧର୍ମ, ସଭ୍ୟତା ଓ ସଂସ୍କୃତିରୁ ଦୂରେଇ ଦେବାକୁ ଦେଶର ଶାସନ ବ୍ୟବସ୍ଥା ଖୋଲା ଛୁଟ୍ଟେଇଥିଲା। ଯଦି ୧୦୦ ବର୍ଷ ପୂର୍ବେ ଡାକ୍ତରଜୀ ସଂଘ ତିଆରି କରି ନ ଥାଆନ୍ତେ, ସଂଘକୁ ବ୍ୟକ୍ତି ନିର୍ମାଣର କେନ୍ଦ୍ର କରି ନ ଥା'ନ୍ତେ, ସଂଘର ସ୍ୱୟଂସେବକମାନେ ସମାଜ ଜୀବନର ବିଭିନ୍ନ କ୍ଷେତ୍ରରେ ବଡ଼ ବଡ଼ ଜନ ସଂଗଠନ ଓ ଜନ ଆନ୍ଦୋଳନ କରି ନ ଥା'ନ୍ତେ, ତା'ହେଲେ ଆମ ଦେଶ ଭାରତ- ଭାରତ ହୋଇ ରହିନଥାଆନ୍ତା ତ?


ଆପଣମାନେ ମେକଲିଙ୍କ ନାଁ ଶୁଣିଥିବେ। ଯିଏ ବ୍ରିଟିଶ୍ ଶାସନ କାଳରେ ଭାରତରେ ନୂଆ ଶିକ୍ଷାନୀତି ମାଧ୍ୟମରେ ଭାରତର ନୂଆ ପିଢ଼ିକୁ ଭାରତଠାରୁ ଦୂରେଇ ଦେବା ପାଇଁ ବଡ଼ ଯୋଜନାର କ୍ରିୟାନ୍ୱୟନ କରିଥିଲେ। ମୁଁ ତାଙ୍କ ବକ୍ତବ୍ୟକୁ ଉଦ୍ଧୃତ କରୁଛି, ମୁଁ ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କରିଛି ଏବଂ ମୁଁ ଜଣେ ବି ବ୍ୟକ୍ତିଙ୍କୁ ଦେଖିନାହିଁ, ଯିଏ ଭିକାରି କିମ୍ବା ଚୋର। ମୁଁ ଏହି ଦେଶରେ ଏତେ ଧନ, ଏତେ ଉଚ୍ଚ ନୈତିକ ମୂଲ୍ୟବୋଧ, ଏତେ କ୍ଷମତାର ଲୋକ ଦେଖିଛି ଯେ ମୁଁ ଭାବୁନାହିଁ ଆମେ କେବେ ଏହି ଦେଶକୁ ଜିତିପାରିବୁ। ଯଦିଆମେଏହିଦେଶରଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଐତିହ୍ୟକୁ ଭାଙ୍ଗି ଦେଇ ପାରିବା, ତେବେ ଏ ଜାତିର ମେରୁଦଣ୍ଡ ଭାଙ୍ଗିଯିବ। ମୁଁ ପ୍ରସ୍ତାବ ଦେଉଛି ଯେ ଆମେ ଏହାର ପୁରୁଣା ଏବଂ ପ୍ରାଚୀନ ଶିକ୍ଷା ବ୍ୟବସ୍ଥା, ଏହାର ସଂସ୍କୃତିକୁ ବଦଳାଇବା, କାରଣଯଦି ଭାରତୀୟମାନେ ଭାବିବେ ଯେ, ଯାହା କିଛି ବିଦେଶୀ ଏବଂ ଇଂରାଜୀ ତାହା ସବୁ ଭଲ ଏବଂ ସେମାନଙ୍କ ନିଜସ୍ୱ ଜିନିଷ ଅପେକ୍ଷା ବେଶୀ ମୂଲ୍ୟବାନ୍, ତେବେ ସେମାନେ ସେମାନଙ୍କର ଆତ୍ମସମ୍ମାନ, ସେମାନଙ୍କର ସ୍ୱଦେଶୀ ସ୍ୱାଭିମାନ ହରାଇବେ ଏବଂ ସେମାନେ ଆମେ ଯାହା ଚାହୁଁଛେ, ଅର୍ଥାତ୍ ଆମ ନିୟନ୍ତ୍ରଣାଧୀନ ରାଷ୍ଟ୍ର ହୋଇଯିବେ। ଏହା ଥିଲା ୧୮୩୫ ମସିହା ଫେବୃୟାରୀ ୨ ତାରିଖରେ ଲର୍ଡ ମେକଲିଙ୍କର ବ୍ରିଟିଶ୍ ପାର୍ଲାମେଣ୍ଟରେ ଭାଷଣ।

ବୋଧହୁଏ ବାବରରୁ ଔରଙ୍ଗଜେବଙ୍କ ପର୍ଯ୍ୟନ୍ତ ମୋଗଲ ଆକ୍ରମଣକାରୀମାନେ ଖଣ୍ଡା ଧରି ଧର୍ମ ପରିବର୍ତ୍ତନ କରି ଯାହା ଭାରତୀୟ ସଭ୍ୟତା ଓ ସଂସ୍କୃତିକୁ କ୍ଷତି ପହଁଚାଇ ପାରି ନ ଥିଲେ, ମେକଲି ନୂଆ ଶିକ୍ଷାନୀତି ପ୍ରଚଳନ କରି ଭାରତୀୟ ନୂଆ ପିଢ଼ିଙ୍କର ରଙ୍ଗ କଳା, ମାତ୍ର ମାନସିକତା ଗୋରା ବା ବିଦେଶୀ କରିବାର ଚେଷ୍ଟାରେ ବହୁ ମାତ୍ରାରେ ସଫଳ ହେଲେ। ମାତ୍ର ମେକଲି ଓ ବ୍ରିଟିଶ ବୁଝି ନ ଥିଲେ ବିଶ୍ୱର ପ୍ରଥମ ସଭ୍ୟତା ଭାରତର ମୂଳଦୁଆ କେତେ ମଜଭୁତ। ଏ ସଭ୍ୟତାର ଚେର ପାତାଳଭେଦୀ । ଡାଳପତ୍ର ଯେତେ ଭାଙ୍ଗିଲେ ବି ପାତାଳଭେଦି ଚେରରୁ ପୁଣି ନୂଆ ସୃଜନ ସମ୍ଭବ। ବ୍ରିଟିଶ୍ ହୁଏତ ଶିକ୍ଷାନୁଷ୍ଠାନରେ ମେକଲିପୁତ୍ର ସୃଷ୍ଟି ପାଇଁ ଉଦ୍ୟମ କଲେ। ମାତ୍ର ଆମ ପରିବାର ବ୍ୟବସ୍ଥା, ଆମ ରାମାୟଣ, ମହାଭାରତ, ବେଦ, ଉପନିଷଦ ଓ ପୂଜା ପର୍ବରେ ସଂସ୍କୃତି ଆମ ସଭ୍ୟତାକୁ ବଞ୍ଚାଇ ରଖିଲା।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ଅବସରରେ



ମାଧବ ସଦାଶିବରାଓ ଗୋଲୱାଲକର



କେଶବ ବଳିରାମ ହେଡ୍‌ଗେୱାର

୧୯୨୫ରେ ଡାକ୍ତରଜୀ ସଂଘ ନାଁରେ ନୀରବ ବିପ୍ଳବର ସୂତ୍ରପାତ କଲେ। ନାଗପୁର ଓ ମହାରାଷ୍ଟ୍ରରୁ ଯୁବକମାନଙ୍କୁ ବୈଚାରିକ ଓ ସାଂଗଠନିକ ଯୋଦ୍ଧା ଭାବରେ ଗଢ଼ିଲେ। ଭାରତ ସବୁ ରାଜ୍ୟକୁ ଯାଇ ସଂଘର ମୂଳ ଆଧାର ଶାଖା ମାଧ୍ୟମରେ ଖେଳପଡ଼ିଆ ବା ସଂଘ ସ୍ଥାନରେ ମେକଲି ଓ ବାମପନ୍ଥୀଙ୍କ ଷଡ଼ଯନ୍ତ୍ରକୁ ନଷ୍ଟଭ୍ରଷ୍ଟ କରି ଭାରତୀୟ ହିନ୍ଦୁ ସନାତନୀ ବିଚାରରେ ଜୟଘୋଷର ମୂଳଦୁଆ ପକାଇଲେ। କହିବାକୁ ଗଲେ ଦେଶର ସରକାରୀ ଔପଚାରିକ ଶିକ୍ଷା ବ୍ୟବସ୍ଥା ବାହାରେ ସଙ୍ଘ ଶାଖା ମାଧ୍ୟମରେ ଓପନ୍ ୟୁନିଭର୍ସିଟି ବା ମୁକ୍ତ ବିଶ୍ୱବିଦ୍ୟାଳୟ ଖୋଲିଲା। ଯାହା ଯୁବପିଢ଼ିଙ୍କୁ ସତ୍ୟ ସହ ପରିଚୟ କରାଇଲା। ମେକଲି- ବାମପନ୍ଥୀଙ୍କ ପ୍ରତି କଂଗ୍ରେସ ପୃଷ୍ଠପୋଷକତା ଫସରଫାଟିଲା।

ମୋର ସୌଭାଗ୍ୟ ମହାରାଷ୍ଟ୍ରରୁ ଆସି ନିଜ ଜୀବନକୁ ସମର୍ପିତ କରି ଆମ ରାଜ୍ୟରେ ସଂଘର ମୂଳଦୁଆ ପକାଇଥିବା ବାବୁରାଓ ପାଲଧିଙ୍କର ହୁଅନ୍ତୁ ବା ବାବୁରାଓ ଦେଶପାଣ୍ଡେ ହୁଅନ୍ତୁ ଅଥବା ଅରବିନ୍ଦ ଚୌଥାଇୱାଲେ ହୁଅନ୍ତୁ ସେମାନଙ୍କୁ ସାକ୍ଷାତ୍ କରିବା ଓ ସାନିଧ୍ୟ ଲାଭ କରିପାରିଛି। ଏମାନେ ପ୍ରଚାରକ ଥିଲେ। ପରିବାରକୁ ଛାଡ଼ି, ଅବିବାହିତ ରହି ସମାଜର ବଡ଼ ବର୍ଗର ବିରୋଧ, ଲାଞ୍ଛନାକୁ ଖାତିର ନ କରି ସେମାନେ ସଂଘ ପାଇଁ କାମ କରୁଥିଲେ। ସଂଘ କେବଳ ମାଧ୍ୟମ ଥିଲା। ସେମାନେ କେବଳ ହିଁ କେବଳ ରାଷ୍ଟ୍ର ପାଇଁ ସମର୍ପିତ ଥିଲେ। ଆକୁମାରୀ ହିମାଳୟ ଏଭଳି ସର୍ବତ୍ୟାଗୀ ପ୍ରଚାରକଙ୍କ ବଳିଦାନ ଉପରେ ହିଁ ବ୍ୟକ୍ତି ନିର୍ମାଣ ଓ ଏହି ବ୍ୟକ୍ତିମାନଙ୍କ ଦ୍ୱାରା ରାଷ୍ଟ୍ରର ସ୍ୱାଭିମାନ ଓ ଆତ୍ମପରିଚୟର ଜୟଯାତ୍ରା ହୋଇଛି।

ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ସଙ୍ଘର ବ୍ୟକ୍ତି ନିର୍ମାଣ କେନ୍ଦ୍ରର ଜଣେ ବିଭୂତି। ମୋଦୀଜୀଙ୍କ ବିଚାରକୁ ଦୁଇ ଶବ୍ଦରେ କହିଲେ ବିକାଶ ଭି ବିରାସତ୍ ଭି । ଦେଶର ବିରାସତ୍‌କୁ ବଞ୍ଚାଇ ରଖିବାର ୧୦୦ ବର୍ଷରେ ପଦାର୍ପଣ କରିଥିବା ସଂଘ ସବଠାରୁ ବଡ଼ ଯୋଗଦାନ ଦେଇଛି। ଆମ ମାତୃଭୂମି ଖାଲି ଭୂଖଣ୍ଡ ନୁହେଁ, ଏହା ଜୀବନ୍ତ ରାଷ୍ଟ୍ର ପୁରୁଷ। ଯଦି ସଂଘ ଓ ଅନେକ ଆଧ୍ୟାତ୍ମିକ ସଙ୍ଗଠନ ଓ ବ୍ୟକ୍ତିବିଶେଷ ମୋଗଲ-ବ୍ରିଟିଶ୍-ବାମପନ୍ଥୀ ଓ କଂଗ୍ରେସୀ ବିଚାରଧାରା ସହ ଲଢ଼ି ଭାରତୀୟ ସଭ୍ୟତାର ପ୍ରଚାର କରିନଥାନ୍ତେ, ତା'ହେଲେ ଆମେ କେଉଁଠି ଥାଆନ୍ତେ?

ସଂଘ ବାରମ୍ବାର ଷଡ଼ଯନ୍ତ୍ରର ଅଂଶ ସ୍ୱରୂପ ପ୍ରତିବନ୍ଧର ଶିକାର ହୋଇଛି। ମାତ୍ର ପାକିସ୍ତାନ ସହ ଯୁଦ୍ଧ ହେଉ, ଚୀନ ସହ ବା ବାଂଲାଦେଶ ମୁକ୍ତି ସଂଗ୍ରାମ-ଦେଶର ସରକାର ସଂଘର ସହଯୋଗ କାମନା କରିଛି ଓ ସଂଘ ନିଷ୍ଠା ଓ ଦେଶପ୍ରେମର ପରିଚୟ ଦେଇଛି। ପ୍ରାକୃତିକ ଦୁର୍ବିପାକ ଦେଶର ଯେଉଁଠି ହେଉ ସଂଘର ସ୍ୱୟଂସେବକମାନେ ପ୍ରଥମେ ପହଞ୍ଚିଛନ୍ତି। ଖାଲି କାମ ନୁହେଁ, ପ୍ରଚାରକ ଓ ସ୍ୱୟଂସେବକମାନଙ୍କ ଶବ ପଛରେ ଜୀବନର ସାଧନା କାର୍ଯ୍ୟକୁ ସଫଳ କରିଛି।

ନିଜେ କିଛି ନୁହେଁ, ରାଷ୍ଟ୍ର ସର୍ବୋପରି। ତେରା ବୈଭବ ଅମର ରହେ ମା', ହମ୍‌ଦିନ ଚାରର ହେନା ରହେ, ଏହାହିଁ ସଂଘର ସମର୍ପଣଭାବର ପରିପ୍ରକାଶ। ସଙ୍ଘ ମାନେ ଭାରତୀୟ ବିଚାର କାଳଜୟୀ ହେଉ। ଭାରତ ବିଶ୍ୱଗୁରୁ ହେଉ। ସଙ୍ଘର ୧୦୦ ବର୍ଷ ପାଳନ ଅବସରରେ ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଭାରତ ମାତାକି ଜୟ!

**ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର**

# ଧାଡ଼ିସୂତ୍ରରେ ବନ୍ଧା ମଣିଷ



ଦେବାଶିଷ ରଥ

ଦୁଇଟି ଅକ୍ଷରର ବିଶିଷ୍ଟ ଧାଡ଼ି ଶବ୍ଦ ଅଭିଧାନ ପାଇଁ ଯେପରି ଏକ ସରଳ ଶବ୍ଦ, ସେପରି ଆଜିକାଲିର ଦୈନନ୍ଦିନ ସାମାଜିକ ଜୀବନ ପାଇଁ ଏକ ସାଧାରଣ ବ୍ୟବସ୍ଥିତ କ୍ରମ। ଯେଉଁଠି ଜଣଙ୍କ ପରେ ଜଣେ କିମ୍ବା ଗୋଟିଏ ପରେ ଗୋଟିଏ ଭଳି କ୍ରମକୁ ପ୍ରାଧାନ୍ୟ ଦିଆଯାଇଥାଏ। ଧାଡ଼ି ସହ ସମ୍ବନ୍ଧିତ ପ୍ରୟୋଗାତ୍ମକ ଅବଧାରଣା ବିଦ୍ୟାଳୟସ୍ତରରୁ ହିଁ ଆରମ୍ଭ ହୋଇଥାଏ। ବିଦ୍ୟାଳୟ ଶିକ୍ଷା ପରେ ମଧ୍ୟ ମଣିଷର କ୍ରିୟାନୁଗତ ଅନୁଭୂତି ଧାଡ଼ିର କ୍ରମ ସହ ଯୋଡ଼ି ହୋଇ ରହିଥାଏ। କେତେବେଳେ ମଣିଷ ଧାଡ଼ିର ସବା ଆଗରେ ରହି ତ୍ୱରାନ୍ୱିତ କ୍ରିୟାଶୀଳତା ସମନ୍ୱିତ ଆବେଗମୟ ମାନସିକତାରେ ବିଶେଷ ଭିନ୍ନତ୍ୱର ଅନୁଭବ କରିଥାଏ ତ କେତେବେଳେ ସବା ପଛରେ ରହି ମନ୍ଥର କ୍ରିୟାଶୀଳତାର ଉଦାହରଣ ସୃଷ୍ଟି କରିଥାଏ। ଯଦି ଧାଡ଼ିଟି ବହୁତ ଦୂରଯାଏ ଲମ୍ବି ଯାଇଥାଏ, ତେବେ ତ ଧାଡ଼ିର ସବା ପଛରେ ରହି ଯାହାକୁ ହେଲେ ବି ଦୀର୍ଘ ସମୟର ପ୍ରତୀକ୍ଷା କରିବାକୁ ପଡ଼ିଥାଏ। କେବେ ଧାଡ଼ିରେ ମଝିରେ ଥିବା ବ୍ୟକ୍ତିର ପ୍ରତିକ୍ରିୟାକୁ ଉପଲବ୍ଧି କରିଛନ୍ତି କି? ତାହା ତ ନିଶ୍ଚିତ ରୂପ ଭିନ୍ନ ଧରଣର ହୋଇଥାଏ। ସେ କେବଳ ଆଗକୁ ପଛକୁ ଚାହିଁ ନିଜର ଅବସ୍ଥାନର ଆକଳନ କରୁଥାଏ। ଆଗକୁ ଚାହିଁ ମନ ଟିକିଏ ଊଣା କରିଦେଇ ଭାବୁଥାଏ ଯେ କେତେ ଜଣ ତା'ଠାରୁ କେତେ ପାଦ ଆଗୁଆ ରହିଯାଇଛନ୍ତି। ପୁଣି ପଛକୁ ଚାହିଁ ମନକୁ ଟିକିଏ ଆଶ୍ୱସ୍ତ କରିନିଏ ଯେ ତା' ପଛରେ ମଧ୍ୟ ଅନେକ ଅଛନ୍ତି; ଯେଉଁମାନେ ତା'ଠାରୁ କାହିଁ କେତେ ପଛରେ ଅଛନ୍ତି। ସମସ୍ତଙ୍କ ପାଇଁ କେଉଁଠି ଓଡ଼ିଆ ଭାଷାରେ ବଡ଼ ବଡ଼ ଅକ୍ଷରରେ ଲେଖା ଯାଇଥାଏ "ଦୟା କରି ଧାଡ଼ିରେ ଆସନ୍ତୁ" ତ କେଉଁଠି ଇଂଲିଶ୍‌ରେ ଲେଖା ଯାଇଥାଏ, "PLEASE STAND IN A QUEUE" ତ ଆଉ କେଉଁଠି ଅନ୍ୟ କେଉଁ ଭାଷାରେ। ଏପରି ପ୍ରାୟୋଜିତ ବ୍ୟବସ୍ଥା ସାଧାରଣତଃ ପ୍ରତ୍ୟେକଙ୍କ ପାଇଁ ଏକ ସକ୍ରିୟତାର ମୂଲ୍ୟବୋଧ ସୃଷ୍ଟି କରିଥାଏ, ଯଦ୍ୱାରା ସେମାନଙ୍କ ମଧ୍ୟରେ ପ୍ରତିଯୋଗୀ ମନୋଭାବର ଉଦ୍ରେକ ହୁଏ।

ସବା ପଛରେ ପଡ଼ିଥିବା ବ୍ୟକ୍ତି କିମ୍ବା ତା'ଠାରୁ କିଛି ପାଦ ଆଗରେ ଥିବା ବ୍ୟକ୍ତିଙ୍କୁ କିଛି ମୁହୂର୍ତ୍ତର ପ୍ରତୀକ୍ଷା କରିବାକୁ ହିଁ ପଡ଼ିଥାଏ। ଏହି ପ୍ରତୀକ୍ଷାର ବ୍ୟବଧାନ ଆଗ ଓ ପଛ ମଧ୍ୟରେ ସର୍ବଦା ଅନ୍ତରାୟ ହୋଇ ରହିଆସିଛି। "ଯିଏ ଆଗୁଆ ସିଏ ସବୁବେଳେ ହିଁ ଆଗୁଆ, ଯିଏ ପଛୁଆ ସେ ସବୁବେଳେ ହିଁ ପଛୁଆ" ଏଭଳି ଦୃଢ଼ୋକ୍ତିକୁ ସାଧାରଣ ଭାବେ ସହମତି ମିଳିଛି। ଯେତେବେଳେ ଦାୟିତ୍ୱବୋଧରେ ଅସମନ୍ୱୟତା ଆସିଯାଏ, ସେତେବେଳେ ଏହାର ଏକ ଅମୂଳକ ବ୍ୟତିକ୍ରମ ପରିଲକ୍ଷିତ ହୁଏ। ବାସ୍ତବିକ ପଛୁଆ ବ୍ୟକ୍ତିଟି ଯେତେବେଳେ ଆଗୁଆ ଚାଲେ ଅଥଚ ଆଗୁଆ ବ୍ୟକ୍ତି କେବେ ବି ପଛୁଆ ହୋଇ ରହେନା, ସେତେବେଳେ କ୍ରିୟାନୁଗତ ଆଭିମୁଖ୍ୟତାରେ କ୍ରମବିଚ୍ୟୁତି ପରିଲକ୍ଷିତ ହୋଇଥାଏ। ଏହା ଦାୟିତ୍ୱବୋଧର ପରିପନ୍ଥୀ କହିଲେ ଅତ୍ୟୁକ୍ତି ହେବ ନାହିଁ। ଜଣେ ଦାୟିତ୍ୱସମ୍ପନ୍ନ ବ୍ୟକ୍ତି ନା କେବେ ନିଜ ଦାୟିତ୍ୱରୁ ଓହରିଯାଏ ନା ଦାୟିତ୍ୱ ତାକୁ କେବେ ନିଜ ପାଖରୁ ଛାଡ଼ିବାକୁ ଦିଏ। ଦାୟିତ୍ୱକୁ ନିଜଠାରୁ ଦୂରେଇ ଦେଇଥିବା ବ୍ୟକ୍ତି ଜଣଙ୍କ ବେଳେବେଳେ ସମସ୍ୟା ଘେରରେ ଏ ଭଳି ଛନ୍ଦି ହୋଇଯାଏ ଯେ, ସେଥିରୁ ମୁକୁଳିବା ପାଇଁ ବିକଳ୍ପ ପନ୍ଥା ଖୋଜୁଥାଏ। କେତେବେଳେ ସେହି ବିକଳ୍ପ ପନ୍ଥା ତା' ପାଇଁ ଅନୁକୂଳ ହୋଇଥାଏ ତ କେତେବେଳେ ପ୍ରତିକୂଳ। ଦାୟିତ୍ୱସୂତ୍ର ସହ ସଂଯୋଜିତ ଜୀବନ କର୍ତ୍ତବ୍ୟବୋଧର ଶିକ୍ଷା ଦେଇଥାଏ, ଯେଉଁଠି ଧାଡ଼ି ରୂପେ ନିର୍ଦ୍ଦିଷ୍ଟ କ୍ରମାନ୍ୱୟତାର ପ୍ରଦର୍ଶନ ଏକ ସୂଚନାତ୍ମକ ନମୁନା ମାତ୍ର।

**ରାମେଶ୍ୱର, ଖୋର୍ଦ୍ଧା**
**ମୋ: ୯୯୩୮୭୪୭୮୨୧**

## ଏଇ ଭାରତରେ

ଦଶହରାରେ ଭାଇଚାରା ଓ ଧର୍ମ ସମନ୍ୱୟର ବର୍ତ୍ତା ଦେଉଛି ଉତ୍ତରପ୍ରଦେଶ ହାପୁର ଜିଲାର ଏକ ମୁସଲମାନ ପରିବାର। ତିନି ଦଶନ୍ଧି ହେଲା ଏହି ପରିବାର ରାବଣପୋଡ଼ିରେ ବିରାଟକାୟ ରାବଣର ପିତୁଳା ବା ପ୍ରତିକୃତି ତିଆରି କରିଆସୁଛି। ଏବକାର ପିଢ଼ିର ମସୁମ ଅଲି ଏବେ ଏହି କାର୍ଯ୍ୟ ତୁଲାଉଛନ୍ତି। ସେ ୭୦ ଫୁଟ ଉଚ୍ଚ ରାବଣ, ମେଘନାଦ ଓ କୁମ୍ଭକର୍ଣ୍ଣ ପ୍ରତିକୃତି ତିଆରି କରୁଛନ୍ତି। ମସୁମ କହନ୍ତି ୧୦୦ ବର୍ଷ ହେଲା ତାଙ୍କ ପୂର୍ବଜ ଏହି କାମ କରିଛନ୍ତି ଓ ଆଗାମୀ ପିଢ଼ି ମଧ୍ୟ ଏହା ଜାରି ରଖିବେ। ମସୁମଙ୍କୁ ଏବେ ତାଙ୍କ ଶାଳକ ସାହାଯ୍ୟ କରୁଛନ୍ତି ଏବଂ ସେ କହନ୍ତି, ସେମାନେ ପ୍ରତିବର୍ଷ ଯେଉଁଭଳି ଇଦ୍‌କୁ ଚାହିଁ ରହିଥାନ୍ତି ସେହିଭଳି ଦଶହରା ଅପେକ୍ଷାରେ ରହନ୍ତି। ପ୍ରତିବର୍ଷ ହାପୁରର ଫିଲଖୁଆରେ ରାବଣ, ମେଘନାଦ ଓ କୁମ୍ଭକର୍ଣ୍ଣ ପୋଡ଼ି ଉତ୍ସବ ଦଶହରାର ସନ୍ଧ୍ୟାବେଳେ ଅନୁଷ୍ଠିତ ହୋଇଥାଏ। ମସୁମଙ୍କ ପରିବାର ଏହି ତିନୋଟି ପ୍ରତିକୃତି ତିଆରି କରିବା ପାଇଁ ଆବଶ୍ୟକୀୟ ଉପକରଣ, ରଙ୍ଗ ଇତ୍ୟାଦି ପ୍ରସ୍ତୁତ କରିବାରେ ମାସ ମାସ ସମୟ ଦେଇଥାନ୍ତି।

## ଚିରନ୍ତନୀ

କୁଞ୍ଚିତ ତବ ବକ୍ଷବାସରୁ
ଫୁଟିଦିଶୁ ଯଉବନ
ସ୍କନ୍ଧୁ କନକ ହାର ଝୁଲିପଡ଼ୁ
ଫଣୀ ସମ ସଚେତନ !
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବେକାରି ଭତ୍ତା କେବେ

ମହାଶୟ,

ବିହାରରେ ବେକାରଙ୍କ ପାଇଁ ୧ ହଜାର ଟଙ୍କା ଦେବା ବ୍ୟବସ୍ଥା ହେବା ପରେ ଓଡ଼ିଶାରେ ଏଭଳି ଏକ ଆବଶ୍ୟକତା ପ୍ରତି ସରକାର ଦୃଷ୍ଟି ଦେବେ କି ? ନେତା ଓ ମନ୍ତ୍ରୀଙ୍କ ଦ୍ୱାରା ହାତଗଣତି ନିଯୁକ୍ତିପତ୍ର ବଣ୍ଟନକରି ବେକାରି ଦୂରୀକରଣ ବାହାଦୁରି ନେଇ ଗଣମାଧ୍ୟମକୁ ତଥ୍ୟ ଦେଲେ ବାସ୍ତବ ବେକାରି ତଥ୍ୟ ଓ ସେମାନଙ୍କ ସମସ୍ୟା ଲୁଚିଯିବ କି ? ଗୃହରକ୍ଷୀ ପଦବୀ ପାଇଁ ପ୍ରତିଯୋଗିତାର ସମ୍ମୁଖୀନ ହୋଇ ପ୍ରାର୍ଥୀଙ୍କ ଦୁଃଖଦ ମୃତ୍ୟୁ କ'ଣ ଓଡ଼ିଶାର ବେକାରି ସ୍ଥିତି ସମ୍ପର୍କରେ ଏକ ଜ୍ୱଳନ୍ତ ନମୁନା ନୁହେଁ କି । କାମ ଅଭାବରେ ବୟସ ଥିବା ବହୁ ଯୁବତୀଯୁବକ କାମ ଖୋଜିବାକୁ ବାହାର ରାଜ୍ୟକୁ ଚାଲିଯାଇ ଦୁର୍ଦ୍ଦଶା ଭୋଗୁଛନ୍ତି। ଏ ପ୍ରେକ୍ଷାପଟରେ ଆମ ରାଜ୍ୟରେ ବେକାର ସଂଜ୍ଞା କାହା ପାଇଁ ପ୍ରଯୁଜ୍ୟ, ତାହା ଅସ୍ପଷ୍ଟ । ଏଣୁ ନିର୍ଦ୍ଧାରିତ ମାନଦଣ୍ଡ ମାଧ୍ୟମରେ ବେକାରି ଭତ୍ତା ମିଳିଲେ ସେମାନଙ୍କର ଆବଶ୍ୟକତାର କିୟଦଂଶରେ ପୂରଣ ହୁଅନ୍ତା।

**-ଡି.ପି. ତ୍ରିପାଠୀ, ଶ୍ରୀନିବାସ ବିହାର, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦଶହରା: ମାତୃଶକ୍ତି ବନ୍ଦନାର ଅନନ୍ୟ ପରମ୍ପରା



**ମୋହନ ଚରଣ ମାଝୀ**
**ମୁଖ୍ୟମନ୍ତ୍ରୀ**

ସୃଷ୍ଟି ସ୍ଥିତି ବିନାଶାନାଂ ଶକ୍ତିଭୂତେ ସନାତନୀ। ଗୁଣାଶ୍ରେୟ ଗୁଣମୟେ ନାରାୟଣୀ ନମୋସ୍ତୁତେ ॥

ସୃଷ୍ଟି (ସୃଜନ), ସ୍ଥିତି (ପାଳନ) ଏବଂ ବିନାଶର (ସଂହାର) ଶାଶ୍ୱତ ଶକ୍ତି, ପରମ ଓ ମୌଳିକ ଶକ୍ତିର ଅଧିକାରିଣୀ, ସର୍ବବ୍ୟାପ୍ତ ; ହେ ସନାତନୀ ଦେବୀ, ସର୍ବଗୁଣସମ୍ପନ୍ନୀ, ସର୍ବଗୁଣମୟୀ ନାରାୟଣୀଙ୍କୁ ଭକ୍ତିପୂତ ପ୍ରଣାମ। ଆଜି ସାରା ଦେଶ ବିଜୟା ଦଶମୀ ହର୍ଷ, ଉଲ୍ଲାସ ଓ ଆନନ୍ଦରେ ପାଳନ କରୁଛି। ଏହା ଏକ ଅପୂର୍ବ ସଂଯୋଗ ଯେ ଚଳିତବର୍ଷ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୬ତମ ଜୟନ୍ତୀ ମଧ୍ୟ ଦଶହରା ଦିନ ପାଳନ ହେଉଛି। ଖଳ ବ୍ରିଟିଶ୍ ଶାସକ ବିରୁଦ୍ଧରେ ହୋଇଥିବା ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇ ଦେଶକୁ ସ୍ୱାଧୀନ କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଆଜିର ଦିନରେ ଭାରତମାତାଙ୍କ ଆଉ ଜଣେ ସୁଯୋଗ୍ୟ ସନ୍ତାନ, ଲାଲ ବାହାଦୁର ଶାସ୍ତ୍ରୀ ଜନ୍ମ ଗ୍ରହଣ କରି 'ଜୟ ଯବାନ, ଜୟ କିଷାନ' ନାରାରେ ସାରା ଦେଶକୁ ଉଦ୍‌ବୁଦ୍ଧ କରିଥିଲେ। ଏହି ଉଭୟ ବରପୁତ୍ରଙ୍କ ଜୟନ୍ତୀ ଉପଲକ୍ଷେ ଆଜି ସାରା ଦେଶ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ଗତ ମାସ ୨୨ ତାରିଖ ନବରାତ୍ରର ଶୁଭାରମ୍ଭରୁ ଆରମ୍ଭ ହୋଇଥିବା ଶାରଦୀୟ ଦୁର୍ଗାପୂଜାର ଆଜି ହେଉଛି ଅନ୍ତିମ ଦିବସ। ଦଶହରା ତଥା ବିଜୟା ଦଶମୀ ହେଉଛି ଦୁଷ୍ଟ ସଂହାରର ପ୍ରତୀକ। ଆଜିର ଦିନରେ ମା' ଦୁର୍ଗା ସଂପୂର୍ଣ୍ଣ ଦେବଶକ୍ତିରେ ସୁସଜ୍ଜିତ ହୋଇ ମହିଷାସୁରକୁ ବଧ କରିଥିଲେ ଏବଂ ଆଜିର ଦିନରେ ପ୍ରଭୁ ଶ୍ରୀରାମ ମା' ଦୁର୍ଗାଙ୍କ ଆଶୀର୍ବାଦରେ ଦାନବରାଜ ରାବଣକୁ ବଧ କରିଥିଲେ। ଉଭୟ ମହିଷାସୁର ଏବଂ ରାବଣ ହେଉଛନ୍ତି 'ଦୁଷ୍ଟ' ଚରିତ୍ର, ଅତ୍ୟାଚାରର ପ୍ରତୀକ। ତେଣୁ ସାରା ଭାରତ ବର୍ଷରେ ଦଶହରାକୁ 'ମନ୍ଦ ଉପରେ ଭଲର ବିଜୟ'ର ପ୍ରତୀକ ଭାବେ ପାଳନ କରାଯାଏ।

ଆଜି ହୁଏତ ମହିଷାସୁର କିମ୍ବା ରାବଣ ପରି ଅତ୍ୟାଚାରୀ ଦାନବ ସଶରୀରେ ନାହାନ୍ତି, କିନ୍ତୁ ଆଧୁନିକ ସମାଜରେ ମାନବରୂପୀ ଦାନବ ବିଚରଣ କରୁଛନ୍ତି। ଏମିତି କିଛି ଅସାମାଜିକ ତତ୍ତ୍ୱ ସମାଜର ଶାନ୍ତି, ସୌହାର୍ଦ୍ଦ୍ୟ ଏବଂ ଏକତା ନଷ୍ଟ କରିବାକୁ ବିଭିନ୍ନ ଘୃଣ୍ୟ କାର୍ଯ୍ୟ କରିଥାଆନ୍ତି। ସଭ୍ୟ ସମାଜରେ ତାଙ୍କର କୌଣସି ସ୍ଥାନ ନାହିଁ। ଏପରି ଦାନବୀୟ କୃତ୍ୟକୁ ସମାଜରୁ ନିର୍ମୂଳ କରିବା ପାଇଁ ଆଜିର ଦିନରେ ପ୍ରେରଣା ମିଳିଥାଏ। ମାନବ ଭିତରେ ଥିବା ଆସୁରିକ ମାନସିକତାକୁ ନିପାତ କରିବା 'ବିଜୟା ଦଶମୀ'ର ପ୍ରମୁଖ ବାର୍ତ୍ତା। ଅସାମାଜିକ ତତ୍ତ୍ୱ ନିଜ ଭିତରେ ରହିଥିବା ଏଇ ଆସୁରିକ ପ୍ରବୃତ୍ତିକୁ ନିର୍ମୂଳ କରନ୍ତୁ, ନ ହେଲେ ସେଥିପାଇଁ ସରକାର ସଦାସର୍ବଦା ଜାଗ୍ରତ ଅଛନ୍ତି।

ଏ ବର୍ଷର ନବରାତ୍ର ଏବଂ ଦୁର୍ଗାପୂଜାର ଉତ୍ସବକୁ ଦ୍ୱିଗୁଣିତ କରିଛି। ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ନବରାତ୍ରିର ପ୍ରଥମ ଦିନରୁ ଲାଗୁ ହୋଇଥିବା ଜିଏସ୍‌ଟି ନେକ୍ସଟ୍ ଜେନେରେଶନ ସଂସ୍କାର। ପୂର୍ବ ଭାରତ ବିଶେଷ ଭାବେ ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ପାର୍ବଣ ଋତୁରେ ସାଧାରଣ ଜନତା ଘରକରଣା ଦ୍ରବ୍ୟଠାରୁ ଆରମ୍ଭ କରି ଖାଦ୍ୟ ପଦାର୍ଥ, ପୋଷାକ ଇତ୍ୟାଦି କ୍ରୟ କରିଥାଆନ୍ତି। ନୂତନ ଜିଏସ୍‌ଟି ସଂସ୍କାର ଫଳରେ ଦେଶ ତଥା ରାଜ୍ୟର ପ୍ରତ୍ୟେକ ପରିବାର କିଛି ନା କିଛି ସଞ୍ଚୟ କରିବେ। ଅର୍ଥନୀତିର ଗୋଟିଏ ପ୍ରମୁଖ ନୀତି ହେଉଛି, 'ଗୋଟିଏ ଟଙ୍କା ସଞ୍ଚୟ, ଅର୍ଥାତ୍ ଗୋଟିଏ ଟଙ୍କାର ଉପାର୍ଜନ'। ତେଣୁ ଓଡ଼ିଶାର ଜନସାଧାରଣ ଏହି ସଞ୍ଚୟ ଉତ୍ସବରେ ଅଂଶଗ୍ରହଣ କରି ଖୁସିକୁ ଦ୍ୱିଗୁଣିତ କରିଛନ୍ତି।

ଦୁର୍ଗାପୂଜାକୁ ଆହୁରି ଅଧିକ ଆନନ୍ଦମୟ କରି ତୋଳିଛି, ଦେବୀଙ୍କ ଆଗମନ ଦିନ ଏସିଆ କପ୍ କ୍ରିକେଟ୍‌ରେ ଭାରତର ପଡ଼ୋଶୀ ଦେଶ ଉପରେ ଐତିହାସିକ ବିଜୟ। ଏହି ବିଜୟ କେବଳ ଏକ ଖେଳରେ ବିଜୟ ନୁହେଁ, ଏହା ଏକ କୁତ୍ସିତ ମାନସିକତା, ରାବଣ ଓ ମହିଷାସୁର ପରି ଦାନବ ମଧ୍ୟରେ ଅନ୍ତର୍ନିହିତ ଆସୁରିକ ଶକ୍ତି ଉପରେ ବିଜୟର ପ୍ରତୀକ। ପହଲଗାମ୍ ନରସଂହାର ପରେ ଯେଉଁସବୁ ଘଟଣାଚକ୍ର ଅତିବାହିତ ହୋଇଯାଇଛି, ଦେଶବାସୀଙ୍କ ଏହି ବିଜୟକୁ ନେଇ ଉଦ୍ଦୀପନାଯୁକ୍ତ ପ୍ରତିକ୍ରିୟା ସ୍ୱାଭାବିକ।

ଦେବୀ ପୂଜନ ଭାରତୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଆମ ଧର୍ମଶାସ୍ତ୍ରରେ ଲେଖାଅଛି, 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତାଃ'। ଭାରତବର୍ଷରେ ତ ଦେବଦେବୀଙ୍କୁ ପୂଜା କରାଯାଇଥାଏ, କିନ୍ତୁ ମାନବରୂପୀ ମାତୃଶକ୍ତିର ବି ବନ୍ଦନା କରାଯାଇଥାଏ। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି, ନବରାତ୍ର ସମୟରେ 'କୁମାରୀ ପୂଜା'। ଯଦିଓ କୁମାରୀ ପୂଜାର ଅନେକ ବିଧି ଅଛି, ମହାନବମୀରେ ନ' ଜଣ ଅଳ୍ପ ବୟସ୍କା କୁମାରୀ କନ୍ୟାଙ୍କୁ ପୂଜା କରାଯାଇଥାଏ, ଯାହା 'ନବଦୁର୍ଗା'ଙ୍କ ନ' ପ୍ରକାର ସ୍ୱରୂପକୁ ଚିତ୍ରଣ କରିଥାଏ। ମାତୃଶକ୍ତି ବନ୍ଦନାର ଏପରି ପରମ୍ପରା କେବଳ



ଭାରତୀୟ ସଂସ୍କୃତିରେ ଦେଖିବାକୁ ମିଳିଥାଏ। ଏପରି ରୀତିନୀତି ଆମକୁ ସବୁବେଳେ ସ୍ମରଣ କରାଇଥାଏ ଯେ, ମାତୃବନ୍ଦନା କେବଳ ପରମ୍ପରା ନୁହେଁ, ମାତୃଶକ୍ତିକୁ ସମସ୍ତେ ସବୁ ସମୟରେ ସମ୍ମାନ କରିବା ଉଚିତ।

ଆଜି ବୋଧହୁଏ ଭାରତୀୟ ସଭ୍ୟତା ପୃଥିବୀର ସର୍ବପୁରାତନ ବିଭିନ୍ନ ଝଡ଼ଝଞ୍ଜା ସତ୍ତ୍ୱେ ବଞ୍ଚି ରହିଥିବା ସଭ୍ୟତା। ଏହାର ଗୁପ୍ତ ରହସ୍ୟ ହେଉଛି, 'ବିବିଧତା ଭିତରେ ଏକତା'। ଦେଶର ବିଭିନ୍ନ ଅଞ୍ଚଳରେ ଦଶହରା ଓ ବିଜୟା ଦଶମୀ ଉତ୍ସବ ବିଭିନ୍ନ ପ୍ରକାରେ ପାଳନ କରାଯାଏ। ମହୀଶୂରର ପ୍ରସିଦ୍ଧ ଚାମୁଣ୍ଡେଶ୍ୱରୀ ପୂଜାରୁ ଆରମ୍ଭ କରି କୁଲୁ ଦଶହରାରେ ପ୍ରଭୁ ରଘୁନାଥଙ୍କ ପୂଜା ; ସାରା ଦେଶରେ ବିଭିନ୍ନ ପ୍ରକାରେ ଆଜି ଦିନରେ ଜଗତ ଜନନୀଙ୍କ ଉପାସନା କରାଯାଏ। ଓଡ଼ିଶାରେ ପାରମ୍ପରିକ ରୀତିନୀତିରେ ମୁଖ୍ୟତଃ ମହିଷମର୍ଦ୍ଦିନୀ ଦେବୀ ଦୁର୍ଗା ପୂଜା ପାଇଥାଆନ୍ତି। ଓଡ଼ିଶାରେ ଶାରଦୀୟ ଦୁର୍ଗାପୂଜା ଅନନ୍ୟ, ସମସ୍ତ ଓଡ଼ିଶାବାସୀଙ୍କୁ ଏହି ପୂଜା ଏକତାର ସୂତ୍ରରେ ବାନ୍ଧିଥାଏ। ଆଜି ଦିନରେ ଲୋକେ ଶୁଭକାମ ବ୍ୟକ୍ତିଗତ ତଥା ବ୍ୟବସାୟିକ ସ୍ତରରେ ଅନୁକୂଳ ବି କରିଥାଆନ୍ତି।

ଜଗନ୍ନାଥ ସଂସ୍କୃତିରେ ଶକ୍ତିଙ୍କ ସ୍ଥାନ ସ୍ୱତନ୍ତ୍ର। ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଲାଗି ହେଉଥିବା ଭୋଗ ମା' ବିମଳାଙ୍କୁ ଅର୍ପଣ ହେଲା ପରେ ହିଁ 'ମହାପ୍ରସାଦ'ର ଆଖ୍ୟା ଲାଭ କରିଥାଏ। ଦୁର୍ଗା ଦଶମୀ ଦିନ ପ୍ରଭୁ ଶ୍ରୀରାମ ରାବଣକୁ ବଧ କରିଥିଲେ ଏବଂ ସଂସାରକୁ ଆସୁରିକ ଅତ୍ୟାଚାରରୁ ମୁକ୍ତ କରିଥିଲେ। ତେଣୁ ଦଶହରାକୁ 'ବିଜୟା ଦଶମୀ' ଭାବେ ପାଳନ କରାଯାଏ। ପ୍ରଭୁ ଶ୍ରୀରାମଙ୍କ ଅବତାର ପ୍ରଭୁ ଶ୍ରୀଜଗନ୍ନାଥ ଏହି ଦିନ ସୁନାବେଶ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦିଅନ୍ତି।

ଆଜି ଆମେ ଏକ ନୂତନ ସମୟରେ ଉପନୀତ ହୋଇଛୁ। ଆଧ୍ୟାତ୍ମିକ ସୁଖ ପ୍ରାପ୍ତି ଅପେକ୍ଷା ଭୌତିକ ସୁଖ ପଛରେ ସମସ୍ତେ ଧାଉଁଛନ୍ତି। କିନ୍ତୁ ସୌଭାଗ୍ୟବଶତଃ ଭାରତରେ ଏ ପର୍ଯ୍ୟନ୍ତ ଆଧ୍ୟାତ୍ମିକତା ଭାବ କେବଳ ଜୀବନ୍ତ ଅଛି ତାହା ନୁହେଁ, ଏହା ଅଧିକ ପରିପୁଷ୍ଟ ହେଉଛି। ବିଶେଷ ଖୁସିର କଥା ଯେ ଦେଶର ଯୁବ ସମାଜ ଆଧ୍ୟାତ୍ମିକତା ପ୍ରତି ଅଧିକ ଅନୁରାଗ ଦେଖାଉଛନ୍ତି। କୁମ୍ଭମେଳାରେ ରେକର୍ଡ ସଂଖ୍ୟକ ଶ୍ରଦ୍ଧାଳୁ ସ୍ନାନ କରିବା, ଅଯୋଧ୍ୟା ରାମ ମନ୍ଦିର ନିର୍ମାଣରେ ଯୁବ ଗୋଷ୍ଠୀଙ୍କ ଅବଦାନ, ଚଳିତ ପୁରୀ ରଥଯାତ୍ରାରେ ରେକର୍ଡ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଆଗମନ ଏହି ଆଧ୍ୟାତ୍ମିକତାର ଭାବକୁ ସୂଚିତ କରିଥାଏ।

ଦେଶର ଜନତାଙ୍କ ମଧ୍ୟରେ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ପୁନର୍ଜାଗ୍ରତ କରିବା ଦିଗରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଶେଷ ଭୂମିକା ରହିଛି। ସେ ଦେଶର ଶାସନ ଭାର ଗ୍ରହଣ କରିବା ପରେ ନାରା ଦେଇଥିଲେ, 'ବିକାଶ ଭି, ବିରାସତ୍ ଭି'। ସେ କାୟମନୋବାକ୍ୟରେ ଏହି ଭାବନାକୁ ବ୍ୟକ୍ତିଗତ ସ୍ତରରେ ପାଳନ କରିଆସୁଛନ୍ତି। ଦେଶର ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ ଧର୍ମୀୟ ସ୍ଥଳ ଯେପରିକି କାଶୀ ବିଶ୍ୱନାଥ କରିଡର, ମହାକାଳ କରିଡର, ଚାରଧାମ ଯାତ୍ରା, ସେଗୁଡ଼ିକୁ ଲୋକ ସଭାରେ ସ୍ଥାପନ କରିବା ପରି କାର୍ଯ୍ୟକ୍ରମ ଦ୍ୱାରା ଦେଶର ସାଂସ୍କୃତିକ ଚେତନାକୁ ଏକ ନୂତନ ଦିଗନ୍ତ ମିଳିଛି।

ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଏବଂ ଦୂରଦୃଷ୍ଟିରେ ପ୍ରେରିତ ହୋଇ ଓଡ଼ିଶା ସରକାର ବି ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଶାସନ-ପ୍ରଶାସନର ଏକ ଅଭିନ୍ନ ଅଙ୍ଗ ଭାବେ ଅବିହିତ କରି କାର୍ଯ୍ୟରତ। ବିଭିନ୍ନ ମଠ ମନ୍ଦିରର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରିବା ସହିତ ମହତ୍ତ୍ୱପୂର୍ଣ୍ଣ ଉତ୍ସବ ଯେପରିକି ବରଗଡ଼ ଧନୁଯାତ୍ରା, ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାକୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

ଗଣେଶ ପୂଜାଠାରୁ ଆରମ୍ଭ ହୋଇଥିବା ପାର୍ବଣ ଋତୁର ସବୁଠାରୁ ବଡ଼ ମହୋତ୍ସବ ହେଉଛି ଶାରଦୀୟ ଦୁର୍ଗାପୂଜା। ଓଡ଼ିଶାର ପୁରପଲ୍ଲୀରେ ଏହି ଉତ୍ସବ ପାଳନ ହୋଇଥାଏ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ମା'ଙ୍କ ଆରାଧନା କରିଥାଆନ୍ତି। ଉଚ୍ଚ ନୀଚର ପ୍ରଭେଦ ନ ଥାଏ ଏହି ସମୟରେ। ମା' ପାଖରେ ସବୁ ଭକ୍ତ ସମାନ। ଏହି ଉତ୍ସବକୁ ସୁରକ୍ଷିତ, ମନୋରମ ଏବଂ ଆକର୍ଷଣୀୟ କରିବା ପାଇଁ ସରକାର ସବୁ ପ୍ରକାର ସହଯୋଗ ପ୍ରଦାନ କରୁଛନ୍ତି।

ଆଜି ଓଡ଼ିଶା ବିକାଶର ନୂତନ ଦିଗନ୍ତକୁ ଛୁଉଁଛି, ବିକାଶ ସହିତ ଓଡ଼ିଶାର ଭାଷା, ସାହିତ୍ୟ, ପରମ୍ପରାକୁ ସୁରକ୍ଷା କରିବା ସହିତ ପ୍ରଚାର ଓ ପ୍ରସାର କରିବା ପାଇଁ ସରକାର ଚେଷ୍ଟିତ। 'ବିକାଶ' ଓ 'ସଂସ୍କୃତି' ସହିତ '୨୦୩୬ ସୁଦ୍ଧା ଗଠନ ହେବ ସମୃଦ୍ଧ ଓଡ଼ିଶା'। 'ବିକଶିତ ଭାରତ' ଓ 'ସମୃଦ୍ଧ ଓଡ଼ିଶା' ଗଠନ ଦିଗରେ 'ସ୍ୱଦେଶୀ' ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି। ତେଣୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱୂତ 'ସ୍ୱଦେଶୀ' ମନ୍ତ୍ର ଅନୁଯାୟୀ ସମସ୍ତେ ଯେତେଦୂର ସମ୍ଭବ ସ୍ୱଦେଶୀ ବସ୍ତୁ କ୍ରୟ କରି ସ୍ୱଦେଶୀ ଅର୍ଥନୀତିକୁ ପ୍ରୋତ୍ସାହିତ କରନ୍ତୁ।

ଓଡ଼ିଶାର ଦୁର୍ଗାପୂଜା ଭାଇଚାରା ଏବଂ ସଦ୍‌ଭାବର ପ୍ରତୀକ। ଯଦିଓ ଦୁର୍ଗାପୂଜା ମୁଖ୍ୟତଃ ସନାତନ ଓ ହିନ୍ଦୁ ସଂସ୍କୃତି ସହିତ ଜଡ଼ିତ, ସବୁ ଧର୍ମର ଲୋକେ ଏହାକୁ ଉତ୍ସାହର ସହିତ ପାଳନ କରିଥାଆନ୍ତି। ଏହାର ପ୍ରକୃଷ୍ଟ ଉଦାହରଣ ଦେଖିବାକୁ ମିଳେ ସର୍ବପୁରାତନ ଦୁର୍ଗାପୂଜା ଅନୁଷ୍ଠିତ ହେଉଥିବା କଟକ ସହରରେ। ସାଇଭାଇ, ଭାଇଚାରା ଓ ସାଂସ୍କୃତିକ ସମନ୍ୱୟର ଅପୂର୍ବ ସମାହାର କଟକର ବାଉନ ବଜାର ତେପନ ଗଳିରେ ଦେଖିବାକୁ ମିଳେ। କେବଳ କଟକ ନୁହେଁ, ଓଡ଼ିଶାର ପ୍ରତ୍ୟେକଟି ସ୍ଥାନରେ ଏହି ଭାବାବେଗରେ ଦଶହରାକୁ ପାଳନ କରାଯାଏ। ଏହି ସଂସ୍କୃତିକୁ ନେଇ ପ୍ରତ୍ୟେକ ଓଡ଼ିଶାବାସୀ ଗର୍ବ ଅନୁଭବ କରନ୍ତି।

ଆଜି ଦିନ ହେଉଛି ଉପାସନାର ଦିନ, ମା'ଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିବାର ଦିନ। ଏହି ପବିତ୍ର ଉତ୍ସବରେ ମୁଁ ସମସ୍ତ ଦେଶବାସୀ, ବିଶେଷଭାବେ ଓଡ଼ିଶାବାସୀଙ୍କ କଲ୍ୟାଣ ଓ ଉତ୍ତରୋତ୍ତର ଉନ୍ନତି ପାଇଁ ମା' ଜଗତ ଜନନୀଙ୍କ ପାଖରେ ପ୍ରାର୍ଥନା କରୁଛି।

ଦେହି ସୌଭାଗ୍ୟମାରୋଗ୍ୟଂ, ଦେହି ମେ ପରମଂ ସୁଖମ୍। ରୂପଂ ଦେହି ଜୟଂ ଦେହି, ଯଶୋ ଦେହି ଦ୍ୱିଷୋ ଜହି ॥

ହେ ଦେବୀ! ସଚରାଚର ସମସ୍ତଙ୍କୁ ସୁଖ ସମୃଦ୍ଧି, ରୂପ, ଗୁଣ, ସ୍ୱାସ୍ଥ୍ୟ, ଯଶ ଓ ସଫଳତା ପ୍ରଦାନ କରନ୍ତୁ ଏବଂ ମନୁଷ୍ୟ ମନରେ ଥିବା କାମ-କ୍ରୋଧ ପରି ଶତ୍ରୁଙ୍କୁ ବିନାଶ କରନ୍ତୁ।

ଓଁ ଦୁର୍ଗେ ଦୁର୍ଗତିନାଶିନୀ

# କାନ୍ଧରେ ବୁହାହୋଇ ବିସର୍ଜନ ହୁଅନ୍ତି ମା'

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରପାଳିକା ଅନ୍ତର୍ଗତ ଫକୀରପୁରରେ ଅନୁଷ୍ଠିତ ଦୁର୍ଗାପୂଜା ୧୫୮ ବର୍ଷରେ ପହଞ୍ଚିଛି। ଏହା ଜିଲ୍ଲାର ସର୍ବପୁରାତନ ଦୁର୍ଗାପୂଜା କୁହାଯାଉଥିବା ବେଳେ ଭସାଣିରେ ଭକ୍ତମାନେ ମା'ଙ୍କୁ କାନ୍ଧରେ ବୋହି ଶୋଭାଯାତ୍ରାରେ ବୁଲାଇବା ସହ ବିସର୍ଜନ କରିଥାଆନ୍ତି।

୧୮୬୭ମସିହାରୁ ଏଠାରେ ଆଦ୍ୟ ଦୁର୍ଗା ଦେବୀ ଅନୁଷ୍ଠାନ ପକ୍ଷରୁ ଦେବୀ ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି। ୨୦୧୨ରୁ ଏଠାରେ ଚାନ୍ଦିମେଢ଼ରେ ମୃଣ୍ମୟୀ ଦେବୀ ପୂଜା ପାଉଛନ୍ତି। ଏଠାକାର ବିଶେଷତ୍ୱ ହେଲା ମାଆଙ୍କ ଭସାଣିରେ ଅନେକ ହଜାର ଭକ୍ତ ସାମିଲହୋଇ ସମର୍ପଣ ମନୋଭାବରେ ମାଆଙ୍କ ମୂର୍ତ୍ତିଙ୍କୁ ନିଜ କାନ୍ଧରେ ଧରି ଶୋଭାଯାତ୍ରାରେ ନେଇଥାଆନ୍ତି। ପ୍ରାୟ ୨ କିଲୋମିଟର ରାସ୍ତା ଅତିକ୍ରମକରି ବୈତରଣୀ ନଦୀରେ ଭସାଣି ହେଉଥିବା ଆୟୋଜକ ଭାଗୀରଥି ଲାହା କହିଛନ୍ତି। ସେହିପରି ପରମ୍ପରା ଅନୁଯାୟୀ ଏଠାରେ ପୂଜାରେ ବାହାର ଭୋଗ ଲାଗି ହୁଏ ନାହିଁ। ସବୁ ଭୋଗରାଗ ଭକ୍ତମାନେ ନିଜେ ପ୍ରସ୍ତୁତ କରିଥାଆନ୍ତି। ଭଦ୍ରକ ଜିଲ୍ଲା ଆଗରପଡ଼ାର କାହ୍ନୁ ଚରଣ ମାଝୀ ପ୍ରାୟ ୧୫ ବର୍ଷ ହେଲା ଏଠାରେ ମୂର୍ତ୍ତି ଗଢ଼ି ଆସୁଛନ୍ତି । ଚଳିତ ବର୍ଷ ଗୋପୀନାଥ ପଣ୍ଡା, ବାବୁଲି ମିଶ୍ର, ସୁଶାନ୍ତ ମିଶ୍ର, କୁନା ପଣ୍ଡା ପୂଜକ ରୂପେ ମାଆଙ୍କ ପୂଜାନୀତି ଦାୟିତ୍ୱରେ ଅଛନ୍ତି। ଏଠାରେ ଦଶମୀ ପରଦିନ ମା'ଙ୍କ ବିସର୍ଜନ ଅପରାହ୍ନ ୧ ଟାରେ ହେବ। ଏହା ବହୁ ପୁରୁଣା ଅନୁଷ୍ଠାନ ହୋଇଥିଲେ ହେଁ ସରକାରଙ୍କ ତରଫରୁ ସହଯୋଗ ମିଳିଲେ ଅଧିକ ପ୍ରତିଷ୍ଠା ଲାଭ କରିପାରିବ ବୋଲି ପୂଜା କମିଟି ସହ ସ୍ଥାନୀୟ ପରିବେଶକର୍ମୀ ତ୍ରିଲୋଚନ ସାହୁ କହିଛନ୍ତି।

**୧୫୮ ବର୍ଷରେ ଫକୀରପୁର ଆଦ୍ୟ ଦୁର୍ଗାଦେବୀ ପୂଜା**

**-ନରେଶ ଚନ୍ଦ୍ର ପଟ୍ଟନାୟକ**, କେନ୍ଦୁଝର

# ଶେଷରେ ମେଲାଣି ନିଅନ୍ତି ରାଜାଘର ମେଢ଼

**କଟକ ଦଶହରା**

କଟକ ସହରରେ ରାଜାଘର ମେଢ଼ ଭାବେ ଚୋନ୍ଦିନୀଚୌକ ପୂଜା କମିଟିକୁ ଆଖ୍ୟା ଦିଆଯାଇଛି। କିମ୍ବଦନ୍ତୀ ଅନୁସାରେ, ପୂର୍ବରୁ କଟକରେ ୫ଟି ପୂଜା ମଣ୍ଡପରେ ମା' ଦୁର୍ଗା ପୂଜା ପାଉଥିଲେ। ସେଥିମଧ୍ୟରୁ ଚାନ୍ଦିନୀଚୌକ ମା'ଦୁର୍ଗାଙ୍କୁ ସାନ ଭଉଣୀ କୁହାଯାଏ। ଏହି ଅଞ୍ଚଳରେ ପ୍ରଥମେ ବଙ୍ଗୀୟ ପରିବାର ନିଜ ଘର ବାରଣ୍ଡାରେ ମା'ଦୁର୍ଗାଙ୍କ ପୂଜା କରୁଥିଲେ। ପରେ ଦର୍ପଣୀ ରାଜ ପରିବାର ଏହି ପୂଜା ପରିଚାଳନା ଦାୟିତ୍ୱ ନେଲେ। ରାଜ ପରିବାର ଏହି ପୂଜାରେ ସମ୍ପୃକ୍ତ ଥିବାରୁ ଚାନ୍ଦିନୀଚୌକ ମେଢ଼କୁ ରାଜାଘର ମେଢ଼ ବୋଲି କୁହାଯାଏ। ରାଜତନ୍ତ୍ର ଲୋପ ପାଇଲା ପରେ ଚାନ୍ଦିନୀଚୌକ ଅଞ୍ଚଳବାସୀ ପୂଜା ଦାୟିତ୍ୱ ହାତକୁ ନେଇଥିଲେ। କମିଟି ପକ୍ଷରୁ ୨୦୦୩ରେ ୪.୫ କ୍ୱିଣ୍ଟାଲ ଓଜନର ଚାନ୍ଦି ମେଢ଼ ନିର୍ମାଣ କରାଯାଇଥିଲା। ଏହାସହ ଚଳିତବର୍ଷ ସାଢ଼େ ୩ କେଜି ଓଜନର ସୁନା ମୁକୁଟ କାର୍ଯ୍ୟ ଆରମ୍ଭ କରାଯାଇଛି ଏବଂ ଏହା ଆଗାମୀ ବର୍ଷ ମା'ଙ୍କଠାରେ ଲଗାଯିବ। ପୂର୍ବରୁ କଟକ ସହରର ସମସ୍ତ ମେଢ଼ ରାଜାଘର ମା' ଦୁର୍ଗାଙ୍କ ମଣ୍ଡପ ଅତିକ୍ରମ କରି ମେଲଣରେ ଯୋଗ ଦେବା ପରେ ବିସର୍ଜନ ନେଇଥାନ୍ତି। ତେବେ ଶେଷରେ ରାଜାଘର ମା'ଦୁର୍ଗା ଦେବୀଗଡ଼ାରେ ମେଲାଣି ନିଅନ୍ତି। ଏ ନେଇ କଟକ ମହାନଗର ଶାନ୍ତି କମିଟି ସାଧାରଣ ସମ୍ପାଦକ ଭିକାରୀ ଦାସ କହିଛନ୍ତି, ସମସ୍ତ ମେଢ଼ ବିସର୍ଜନ ହେବା ବେଳକୁ ରାତି ପାହି ଯାଇଥାଏ। ସେଥିପାଇଁ ଶେଷରେ ଅର୍ଥାତ ଦ୍ୱାଦଶୀ ଦିନ ରାଜାଘର ମେଢ଼ ମେଲାଣି ନେଇଥାନ୍ତି।

**-ଶିଲ୍ପା ପ୍ରିୟଦର୍ଶିନୀ**, କଟକ




















**ସାଇକେଲରେ ଆସି ନେଇଗଲେ ସ୍କୁଟି**

କାମାକ୍ଷାନଗର,(ସୁଧୀର ପରିଡ଼ା): କାମାକ୍ଷାନଗର ସହର ମଧ୍ୟରେ ଥିବା ଲକ୍ଷ୍ମୀବଜାରରୁ ମଙ୍ଗଳବାର ସକାଳେ ସ୍କୁଟି ଚୋରି ହୋଇଥିବା ଅଭିଯୋଗ ହୋଇଛି। କେତେଜଣ ଦୁର୍ବୃତ୍ତ ସାଇକେଲରେ ଆସି ସ୍କୁଟି ନେଇ ଫେରାର ହୋଇଯାଇଥିବା ଜଣାପଡ଼ିଛି। କାମାକ୍ଷାନଗର ସହର ମଧ୍ୟରେ ଥିବା ତୃପ୍ତି ବିୟୁଟି ପାର୍ଲରରେ ପୂଜା କରିବା ପାଇଁ ଆସିଥିବା ପଣ୍ଡିତ ସତୀଶ ପ୍ରସାଦ ଆଚାର୍ଯ୍ୟଙ୍କ ସ୍କୁଟିକୁ ଦୁର୍ବୃତ୍ତମାନେ ନେଇଯାଇଥିବା ଅଭିଯୋଗ ହୋଇଛି।

# ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ହେବ ଐତିହ୍ୟ ଶିକ୍ଷାନୁଷ୍ଠାନ

## ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଖବରଦାତା ସମ୍ମିଳନୀ

### ପୌରାଞ୍ଚଳର ବିକାଶ ପାଇଁ ୩୧ କୋଟି ଅନୁଦାନ

ଢେଙ୍କାନାଳ,୩୦।୯(ରତନ ନାୟାର)



ଖବରଦାତା ସମ୍ମିଳନୀରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଅନ୍ୟମାନେ।

ଢେଙ୍କାନାଳ ସହରରେ ଥିବା ଶତାୟୁ ଶିକ୍ଷାନୁଷ୍ଠାନ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟକୁ ଐତିହ୍ୟ ଶିକ୍ଷାନୁଷ୍ଠାନରେ ପରିଣତ କରାଯିବ। ସେହିପରି ଗଁଦିଆ ବ୍ଲକ ପିଙ୍ଗୁଆ କଲେଜର ବିକାଶ ପାଇଁ ଦେଢ କୋଟି, ଯୋରନ୍ଦା କଲେଜରେ ବିକାଶ ପାଇଁ ୨କୋଟି ଏବଂ ସଦର ବ୍ଲକ ଭାପୁର କଲେଜର ବିକାଶ ପାଇଁ ୧କୋଟି ଟଙ୍କା ଅର୍ଥ ଅନୁଦାନ ମଞ୍ଜୁର ହୋଇଛି। ଢେଙ୍କାନାଳରେ ମେଡିକାଲ କଲେଜ ପାଇଁ ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଏହାକୁ ନଜରରେ ରଖି ଦକ୍ଷିଣକାଳୀ ରାସ୍ତାକୁ ପ୍ରଶସ୍ତୀକରଣ କରାଯିବ। ଏଥିପାଇଁ ୧୫୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଗଁଦିଆକୁ ବିଜ୍ଞାପିତ ପରିଷଦ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ରାଜ୍ୟ ସରକାରଙ୍କର ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦ୍ୱାରା ସୋମବାର ରେଙ୍ଗାଳି ଦକ୍ଷିଣ କେନାଲ ବିଭାଗ ଡାକ ବଙ୍ଗଳାଠାରେ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଢେଙ୍କାନାଳ ଜିଲା ଏବଂ ପୌରାଞ୍ଚଳର ବିକାଶ ପାଇଁ କରାଯାଇଥିବା ବିଭିନ୍ନ ଯୋଜନା, ପ୍ରକଳ୍ପ ନିର୍ମାଣ ଏବଂ ଅନୁଦାନ ବ୍ୟବସ୍ଥା ସମ୍ପର୍କରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଥିଲେ। ସେ ଆହୁରି କହିଛନ୍ତି, ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମର ପୀଠ ମହିମାଗାଦୀ ଯୋରନ୍ଦାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ୧୭୧ କୋଟି ଟଙ୍କା ଗତ ୨୮ ତାରିଖରେ କ୍ୟାବିନେଟରେ ଅନୁମୋଦନ ହୋଇଛି। ସେହିପରି ଢେଙ୍କାନାଳ ପୌରାଞ୍ଚଳରେ ବାଜିରାଉତ ସ୍ପୋର୍ଟସ କମ୍ପ୍ଲେକ୍ସ ପାଇଁ ୧୨୦କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଏଥିସହିତ ୧୦୦ଶଯ୍ୟା ବିଶିଷ୍ଟ କ୍ରୀଡା ଛାତ୍ରାବାସ ମଧ୍ୟ ହେବ। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୨କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଦେଓଗାଁ, ଜମୁ, ନରଣପୁରରେ ଷ୍ଟାଡିୟମ ନିର୍ମାଣ ସହିତ ପଞ୍ଚିମେଶ୍ୱର ପୀଠରେ ବିକାଶ କରାଯିବ। ପୂର୍ତ୍ତବିଭାଗ ଏବଂ ଗ୍ରାମ୍ୟ ନିର୍ମାଣ ବିଭାଗ ରାସ୍ତାର ଉନ୍ନତୀକରଣ କରାଯିବ। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଢେଙ୍କାନାଳ ପୌରାଞ୍ଚଳରେ ୭କୋଟି ୨୯ଲକ୍ଷ ଟଙ୍କା ବ୍ୟୟରେ ୯୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ହେବ। ଢେଙ୍କାନାଳ ସହର ଚତୁଃପାର୍ଶ୍ୱରେ ରିଙ୍ଗ୍‌ରୋଡର ପ୍ରସ୍ତାବ ଯାଇଛି। ସେହିପରି ଢେଙ୍କାନାଳ ସହର ଦେଇ ଯାଇଥିବା ୫୫ନଂ ଜାତୀୟ ରାଜପଥର ଗୋବିନ୍ଦପୁର, ମହିଷାପାଟ, କଣ୍ଟାନାଳୀ ବାଇପାସ୍ ଓ ତାରେଣୀ ଛକଠାରେ ଅଣ୍ଡରପାସ୍ ନିର୍ମାଣ ହେବ। କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ କ୍ୟାପିଟାଲ ରିଜନ ରିଙ୍ଗରୋଡ ଢେଙ୍କାନାଳ ଜିଲାର ଶଙ୍କରପୁର ଓ ଗୋବିନ୍ଦପୁର ଦେଇ ଯିବ। ଏଥିପାଇଁ ୮୩୦୭.୭୪ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ସୁଭଦ୍ରା ଯୋଜନାରେ ୩ଲକ୍ଷ ୧୦ହଜାର ମହିଳା ଉପକୃତ ହୋଇଛନ୍ତି। ଧାନ କିଣାରେ ଚାଷୀଙ୍କୁ କୁଇଣ୍ଟାଲ ପିଛା ୩୧୦୦ଟଙ୍କା ଦିଆଯାଉଛି। ୧୭ଲକ୍ଷ ୨୫ହଜାର କୁଇଣ୍ଟାଲ ଧାନ କିଣା ହୋଇଛି। ୧୫୧୪୪ ହିତାଧିକାରୀଙ୍କୁ ରାସନ କାର୍ଡବଣ୍ଟାଯିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୪୦୫୦ ହିତାଧିକାରୀ, ଅନ୍ତୋଦ୍ୟୟ ଗୃହ ଯୋଜନାରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୩୨୭୨ ହିତାଧିକାରୀ ଘର ପାଇବେ। ବିକଶିତ ଗାଁ, ବିକଶିତ ଓଡିଶାରେ ୨୬୧୦ କୋଟି ଟଙ୍କା ବ୍ୟୟରେ ୫୬୭ ପ୍ରକଳ୍ପ ହେବ। କାମାକ୍ଷାନଗରଠାରେ ୩୦କୋଟି ଟଙ୍କା ବ୍ୟୟରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପିତ ହୋଇଛି। ଗୋଦାବରିଶ ପ୍ରାଥମିକ ବିଦ୍ୟାଳୟ ୨୦୨୪-୨୫ବର୍ଷରେ ୪ଟି ଓ ୨୦୨୫-୨୬ ବର୍ଷରେ ୬୨ଟି ସ୍କୁଲକୁ ପରିଣତ କରାଯିବ। ୨ଲକ୍ଷଙ୍କୁ ଆୟୁଷ୍ମାନ କାର୍ଡ ପ୍ରଦାନ କରାଯାଇଥିବା ବେଳେ ୬ହଜାରଙ୍କୁ ବୟୋବନ୍ଦନା କାର୍ଡ ପ୍ରଦାନ କରାଯାଇଛି। ୮୦ବର୍ଷରୁ ଊର୍ଦ୍ଧ୍ୱ ଓ ୮୦ ପ୍ରତିଶତ ଭିନ୍ନକ୍ଷମଙ୍କୁ ମାସିକ ୩୫୦୦ଟଙ୍କା ପେନସନ ପ୍ରଦାନ କରାଯାଇଛି। ଢେଙ୍କାନାଳ ସହରରେ ବାଜିଚୌକଠାରେ ଥିବା ବାଜିରାଉତଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନାନ୍ତର କରାଯାଇ ବାଜିଚୌକର ମଧ୍ୟସ୍ଥଳରେ ବାଜି ରାଉତଙ୍କର ଏକ ବିଶାଳ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତି ସ୍ଥାପିତ ହେବ। ଆସନ୍ତା ୫ ତାରିଖ ଦିନ ଭୁବନ ବ୍ଲକ ନୀଳକଣ୍ଠପୁର ଗ୍ରାମରେ ଶହୀଦ ବାଜି ରାଉତଙ୍କର ୧୦୦ତମ ଜନ୍ମ ବାର୍ଷିକ ଉତ୍ସବ ପାଳନରେ ମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଢେଙ୍କାନାଳକୁ ବେଦାନ୍ତର ଏକ ପ୍ରକଳ୍ପ ଆସିବାର ପ୍ରୟାସ ଜାରି ରହିଛି। ସେଥିପାଇଁ ୨୨୦୦ ଏକର ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ଜିଲା ଭାଜପା ସଭାପତି ନରେଶଚନ୍ଦ୍ର ମହାପାତ୍ର, ଜିଲା ଭାଜପା ମିଡିଆ ସେଲ ପ୍ରଭାରୀ ନବକିଶୋର ଗୁରୁ, ମିଳିତ ବଜାର ପୂଜା କମିଟି ସଭାପତି ରୁଦ୍ର ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ସନ୍ଧ୍ୟାତାରା ସାହିତ୍ୟ ସଂସଦର ବାର୍ଷିକ ସାଙ୍ଗଠନିକ ନିର୍ବାଚନ

ଢେଙ୍କାନାଳ,୩୦।୯
(ରତନ ନାୟାର)



ଢେଙ୍କାନାଳର ପ୍ରମୁଖ ସାହିତ୍ୟ ଅନୁଷ୍ଠାନ ସନ୍ଧ୍ୟାତାରା ସାହିତ୍ୟ ସଂସଦର ବାର୍ଷିକ ସାଂଗଠନିକ ନିର୍ବାଚନ ମଙ୍ଗଳବାର ଅଷ୍ଟମୀ ତିଥିରେ କାଠଗଡାସ୍ଥିତ ସନ୍ଧ୍ୟାତାରା ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୨୦୨୫-୨୬ ବର୍ଷ ପାଇଁ ସଂସଦର ସାଂଗଠନିକ ନିର୍ବାଚନରେ ସଭାପତି ଭାବେ ବିଶିଷ୍ଟ ଶିକ୍ଷାବିତ ଡ. ଭବାନୀ ଶଙ୍କର ମିଶ୍ର, ଉପସଭାପତି ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଭବାନୀକାନ୍ତ ନନ୍ଦ ଏବଂ ସାଧାରଣ ସମ୍ପାଦକ ଭାବେ ବିଭୂତି ଭୂଷଣ ବେହେରା ନିର୍ବାଚିତ ହୋଇଥିଲେ। ସେହିପରି ସହ ସମ୍ପାଦକ ଭାବେ ମନୋରଞ୍ଜନ ସାହୁ, କୋଷାଧ୍ୟକ୍ଷ ଭାବେ ଭ୍ରମରବର ହୋତା, ପରିଚାଳନା ସମ୍ପାଦକ ମନମୋହନ ତ୍ରିପାଠୀ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନୃସିଂହ ପ୍ରସାଦ ମହାପାତ୍ର, ନିରଦାନନ୍ଦ ନନ୍ଦ, ଜ୍ୟୋତି ରଞ୍ଜନ ମହାପାତ୍ର, ଭରତ କୁମାର ହାତୀଙ୍କୁ ମନୋନିତ କରାଯାଇଥିଲା। ବରିଷ୍ଠ ସଦସ୍ୟ ନୃସିଂହ ପ୍ରସାଦ ମହାପାତ୍ର ନିର୍ବାଚନ ପରିଚାଳନା ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିବା ସହିତ ନବ ନିର୍ବାଚିତ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କୁ ଶପଥପାଠ କରାଇଥିଲେ। ଉପଦେଷ୍ଟା ଭାବରେ ବିଶିଷ୍ଟ ଗବେଷକ ଓ ଭାଷାବିତ୍ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶରତ ମିଶ୍ର ଭରଦ୍ୱାଜ, ଅଭିମନ୍ୟୁ ସାହୁ, ଅଜିତ ଦାସ, ନିର୍ମଳା ମହାପାତ୍ର, ଗୀତାଞ୍ଜଳି ସାହୁ, ଶୁଭଶ୍ରୀ ରାଉତ, ଶୁଭ୍ରାଂଶୁ ବେହେରା, ସୁଧାକର ଭାଟ ଓ ନିରାକାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଝାରଦାରେ ଷୋଳପୂଜା

ଗଁଦିଆ,୩୦।୯(ବିଶ୍ୱ ମୋହନ ସାହୁ)



ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ଗ୍ରାମ ପଞ୍ଚାୟତର ଝାରଦା ଗିରିବର ଗିରିଧାରୀ ଆଶ୍ରମରେ ମୂଳାଷ୍ଟମୀରୁ ଷୋଳପୂଜା ଆରମ୍ଭ ହୋଇଥିଲା। ସୋମବାର ଅପରାହ୍ନରେ ମହାଷ୍ଟମୀ ପୂଜା ମହାସମାରୋହରେ ପାଳନ କରାଯାଇଛି। ଷୋଳପୂଜା ପାଇଁ ବ୍ରତ ଧାରଣ କରିଥିବା ଭକ୍ତମାନେ ମା'ଙ୍କ ଆଶିଷ ଲାଭ କରିଥିଲେ। ପୁରାତନ ପୀଠ ହୋଇଥିବାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଜନସମାଗମ ହୋଇଥିଲା। ମଙ୍ଗଳବାର ନବମୀ ପୂଜା ସହିତ ସନ୍ଧି ପୂଜା ରାତିରେ ସମାପନ ହୋଇଥିବା ଜଣାପଡ଼ିଛି।

# ଭଲ ମଣିଷ ହେବାକୁ ସ୍ୱେଚ୍ଛାସେବୀଙ୍କୁ ଆହ୍ୱାନ

## ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଢେଙ୍କାନାଳ,୩୦।୯
(ରତନ ନାୟାର)




ଜିଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦଯାପିତ।

ଢେଙ୍କାନାଳ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୩ଦିନ ଧରି ଆୟୋଜିତ ଜିଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ରାଷ୍ଟ୍ରୀୟ ସେବା ଯୋଜନା ଅଧୀନରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ବିଭାଗର ଆନୁକୂଲ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ସହଯୋଗରେ ଏହି ଶିବିର ଅନୁଷ୍ଠିତ ହାଇଥିଲା। ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଶକୁନ୍ତଳା ଜେନାଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ରୂପେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଚାକିରି ଅପେକ୍ଷା ଭଲ ମଣିଷ ହେବା ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ବାର୍ତ୍ତା ପ୍ରଦାନ କରିବା ସହିତ ଜାତୀୟ ଭିତ୍ତିଭୂମି ନିର୍ମାଣ ପାଇଁ ଯୁବ ସମାଜର ଭୂମିକା ଏବଂ ଚାରା ରୋପଣର ଗୁରୁତ୍ୱ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ସାମ୍ମାନିତ ଅତିଥି ରୂପେ ଜାତୀୟ ସେବା ଯୋଜନା ମୁଖ୍ୟ ପରିଚାଳକ ସ୍ୱେଚ୍ଛାସେବୀମାନଙ୍କୁ ସମାଜ ନିର୍ମାଣରେ ଉପଯୁକ୍ତ ଚରିତ୍ର ଗଠନର ଭୂମିକା ବିଷୟରେ ବାର୍ତ୍ତା ପ୍ରଦାନ କରିଥିଲେ। ଅନ୍ୟତମ ସାମ୍ମାନିତ ଅତିଥି ଜିଲା ଜାତୀୟ ସେବା ଯୋଜନା ଅଧିକାରୀ ଡ. ଦେବରାଜ ପରିଡ଼ା, ପରିବେଶ ପ୍ରଦୂଷଣମୁକ୍ତ ସମାଜ ଗଠନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହିତ ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଆସିଥିବା ଜାତୀୟ ସେବା ଯୋଜନାର ଅଧିକାରୀମାନେ ନିଜ ନିଜର ଅନୁଭୂତି କହିଥିଲେ। ଏହି ଅବସରରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ସ୍ୱେଚ୍ଛାସେବୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଢେଙ୍କାନାଳର ଜାତୀୟ ସେବା ଯୋଜନାର ପରିଚାଳକ ଡ. ପଙ୍କଜ ବାରିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମହିଳା କଲେଜର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରେମିକାଙ୍କୁ ଦେଖାକରିବାକୁ ଯାଇ ଜୀବନ ଗଲା

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ ଘଟଣା

### ପରିବାର ପକ୍ଷରୁ ହତ୍ୟା ଅଭିଯୋଗ, ୨ ଅଟକ

ଢେଙ୍କାନାଳ,୩୦।୯
(ରତନ ନାୟାର)



ବିଶ୍ୱଜିତ ବେହେରା(ଫାଇଲ ଫଟୋ)

ଢେଙ୍କାନାଳ ପୌରାଞ୍ଚଳର ସିମିଳିଆ ଗ୍ରାମର ବିଶ୍ୱଜିତ ବେହେରା(୧୮)ଙ୍କର ରବିବାର ରାତିରେ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଥିଲା। ପ୍ରେମରେ ଅନ୍ଧହୋଇ ରାତିରେ ପ୍ରେମିକାକୁ ଦେଖା କରିବାକୁ ଗଲାବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ତାଙ୍କର ଜୀବନ ଗଲା ବୋଲି ଜଣାପଡ଼ିଛି। ଅଭିଯୋଗରୁ ଜଣାପଡ଼ିଛି ଯେ, ନିଜର ପ୍ରେମିକାଙ୍କ ଫୋନ୍ ପାଇ ରାତିରେ ତାଙ୍କୁ ଦେଖା କରିବାକୁ ଯିବାବେଳେ ଝିଅ ଘର ପାଖରେ ଲାଗିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ବିଶ୍ୱଜିତଙ୍କ ପରିବାର ପକ୍ଷରୁ ସଦର ଥାନାରେ ଏକ ଯୋଜନାବଦ୍ଧ ହତ୍ୟା ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏ ସଂକ୍ରାନ୍ତରେ ସଦର ଥାନାରେ କେସ୍ ନଂ. ୮୦୩/୨୫ରେ ଏକ ମାମଲା ମଧ୍ୟ ରୁଜୁ କରାଯାଇଛି। ବିଶ୍ୱଜିତଙ୍କ ବଡବାପା ଗଣେଶ ଚନ୍ଦ୍ର ବେହେରାଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ସାନଭାଇ ନଗେନ କୁମାର ବେହେରାଙ୍କ ପୁଅ ବିଶ୍ୱଜିତ୍ ସଦର ଥାନା ନୂଆଗାଁ ଗୋଡିସାହିର ଜଣେ ଝିଅକୁ ଭଲ ପାଉଥିଲେ। ରବିବାର ସନ୍ଧ୍ୟାରେ ଝିଅଟି ବିଶ୍ୱଜିତଙ୍କୁ ଫୋନ କରି ତାଙ୍କ ଘର ପଛପଟ ବାଡିକୁ ଆସିବା ପାଇଁ କହିଥିଲେ। ଏହାପରେ ବିଶ୍ୱଜିତ୍ ନିଜ ପ୍ରେମିକାଙ୍କୁ ଦେଖା କରିବା ପାଇଁ ରାତିରେ ପ୍ରେମିକାଙ୍କ ଘର ନିକଟରେ ଥଫବା ବାଡ ଡେଉଁଥିବା ବେଳେ ବାଡରେ ଦିଆଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ। ଏହି ଘଟଣା ଜାଣିବା ପରେ ଝିଅ ଜଣକ ବିଶ୍ୱଜିତଙ୍କ ଇନଷ୍ଟାଗ୍ରାମ୍ ଆଇଡିରୁ ବିଶ୍ୱଜିତଙ୍କ ସାଙ୍ଗକୁ ଜଣାଇଲେ। ବିଶ୍ୱଜିତଙ୍କ ସାଙ୍ଗ ତାଙ୍କ ବାପାଙ୍କୁ ଏ ସମ୍ପର୍କରେ ଜଣାଇବାରୁ ଗ୍ରାମର କିଛି ଯୁବକ ଘଟଣା ସ୍ଥଳକୁ ଯାଇ ଦେଖିଲେ ବିଶ୍ୱଜିତ୍ ଚେତାଶୂନ୍ୟ ହୋଇ ବିଦ୍ୟୁତ ତାର ଉପରେ ପଡିଛନ୍ତି। ଘଟଣା ସ୍ଥଳରେ ଅନ୍ୟ କେହି ଉପସ୍ଥିତ ନ ଥିଲେ। ତୁରନ୍ତ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ବିଶ୍ୱଜିତ ପୂର୍ବରୁ ଅନେକ ସମୟରେ ଝିଅକୁ ଦେଖା କରିବା ପାଇଁ ଉକ୍ତ ବାଡ ଡେଇଁ ଯାଇଥାନ୍ତି। କିନ୍ତୁ ଶେଷଥର ବିଶ୍ୱଜିତଙ୍କୁ ମାରିଦେବା ଉଦ୍ଦେଶ୍ୟରେ ଝିଅର ପରିବାର ଝିଅଙ୍କୁ ନ ଜଣାଇ ବାଡ଼ରେ ବିଦ୍ୟୁତ ଚାର୍ଜ କରିଥିବା ବିଶ୍ୱଜିତଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ବିଶ୍ୱଜିତଙ୍କ ମୃତ୍ୟୁ ପାଇଁ ଝିଅଘର ପରିବାର ଦାୟୀ ବୋଲି ତାଙ୍କ ବଡ଼ବାପା ଗଣେଶ ଚନ୍ଦ୍ର ବେହେରା ଅଭିଯୋଗ କରିବା ସହିତ ତଦନ୍ତ କରି ଅଭିଯୁକ୍ତ ମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କହିଛନ୍ତି। ସଦର ଥାନା ପୋଲିସ ପକ୍ଷରୁ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ବେଳେ ଏହି ଘଟଣାରେ ଅଧିକ ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ପ୍ରୀୟବ୍ରତ ଦାସ କହିଛନ୍ତି।

# ଦଶହରା ପାଇଁ ପରଜଙ୍ଗ ଚଳଚଞ୍ଚଳ

ପରଜଙ୍ଗ, ୩୦।୯
(ନିଗମାନନ୍ଦ ଦଳବେହେରା)



ଢେଙ୍କାନାଳ ଜିଲା ଗଡ଼ପରଜଙ୍ଗ ଗ୍ରାମ ଚଉପାଢ଼ି ପ୍ରାଙ୍ଗଣରେ ୧୯୬୩ରୁ ଦଶହରା ପର୍ବ ମହା ଆଡମ୍ବର ସହକାରେ ପାଳିତ ହେଉଛି। ଗ୍ରାମରେ ୫ଶହରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ କ୍ଷତ୍ରୀୟ ବଂଶଧର ଏହି ପର୍ବକୁ ଧୁମଧାମରେ ପାଳନ କରିଥାନ୍ତି। ଗ୍ରାମବାସୀମାନେ ଏକତ୍ରିତ ହୋଇ ଗ୍ରାମ ଚଉପାଢ଼ି ପ୍ରାଙ୍ଗଣରେ ମା'ଙ୍କ ପୂଜା ମଣ୍ଡପ ସ୍ଥାନରେ ପୂଜା କରିଥାନ୍ତି। ଗ୍ରାମର ଖଣ୍ଡିଆବନ୍ଧ ପୋଖରୀରେ ପୂଜକ ପୂଜାର୍ଚ୍ଚନା କରିଥିବା ବେଳେ, ସର୍ବେଶ୍ୱର ଦଳବେହେରା କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ବ୍ରତଧାରୀ ଶ୍ରଦ୍ଧାଳୁମାନେ କଳସରେ ପାଣି ଉଠାଇ ମା'ଙ୍କ ପୂଜା ଆସ୍ଥାନରେ କଳସ ସ୍ଥାପନ କରିଥିଲେ। କଳସ ଯାତ୍ରାରେ ସୁବ୍ରତ ପରିଡ଼ା, ଦୁଷ୍ମନ୍ତ କୁମାର ନାୟକ, ମୁନା ବାବା, ବେଣୁଧର ତ୍ରିପାଠୀ, ସୁବ୍ରତ ଦଳବେହେରା, ଜୟନ୍ତ କୁମାର ସାହୁ, ଅଶୋକ ବାରିକ, ଶ୍ୟାମ ସୁନ୍ଦର ବାରିକ, ଚନ୍ଦ୍ରଶେଖର ଦାନୀ ପ୍ରମୁଖ କଳସ ଯାତ୍ରା କରିଥିଲେ। ମା'ଙ୍କ ପୂଜା ମଣ୍ଡପରେ ପୂଜକ ଶାସ୍ତ୍ରୀ ମନୋରଞ୍ଜନ ପଣ୍ଡା, ଗୋପୀନାଥ ପାଣି ଓ ମାଧବାନନ୍ଦ ଆଚାର୍ଯ୍ୟ ପୂଜା ଦାୟିତ୍ୱ ନିର୍ବାହ କରୁଥିବା ବେଳେ ସର୍ବେଶ୍ୱର ଦଳବେହେରା କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରୁଥିବା ଗ୍ରାମ ସଭାପତି ସାନ୍ତନୁ କୁମାର ସାମଲ ସୂଚନା ଦେଇଛନ୍ତି।

# ଭୁବନରେ ଉତ୍ସାହ, ଆରମ୍ଭ ହେଲାଣି ସାଜସଜ୍ଜା

## ୨ ଦିନ ପରେ ଐତିହାସିକ ବଳଦଯାତ୍ରା

ଭୁବନ ୩୦।୯ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନର ଐତିହାସିକ ବଳଦ ଯାତ୍ରା ଆଉ ୨ଦିନ ପରେ ଅନୁଷ୍ଠିତ ହେବ। ସେଥିପାଇଁ ଭୁବନବାସୀଙ୍କ ମନରେ ଅନେକ ଉତ୍ସାହ ଦେଖାଦେଇଛି। ସାଜସଜ୍ଜା ମଧ୍ୟ ଆରମ୍ଭ ହୋଇଗଲାଣି। ବିଶେଷ କରି ଥୋରିଆ, ବଣିଆ ଓ କାଚରା ସମ୍ପ୍ରଦାୟର ଲୋକମାନେ ଏହି ଯାତ୍ରା କରିଥାନ୍ତି। ଏହି ଯାତ୍ରା ଦଶମୀ ଓ ଏକାଦଶୀ ୨ଦିନ ଧରି କରାଯାଇଥାଏ। ଏବେ ବଳଦ ଅଭ୍ୟାସ ଯାତ୍ରା ଶେଷ ହୋଇଥିବା ବେଳେ ସମସ୍ତ ପୂଜା ମଣ୍ଡପ ଓ ବଳଦ କମିଟି ପକ୍ଷରୁ ପ୍ରସ୍ତୁତି ସହ ଶାନ୍ତି କମିଟି ପକ୍ଷରୁ ସମସ୍ତ ବୈଠକ ଶେଷ ହୋଇଛି। ଭୁବନର ପ୍ରତ୍ୟକ ଅଞ୍ଚଳରେ ଉଠା ଦୋକାନୀ ସହିତ ମିନାବଜାର ପସରା ମେଲିସାରିଲେଣି। ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ପାଇଁ ୨ଟି ସ୍ଥାନରେ ଅସ୍ଥାୟୀ ଫାଣ୍ଡି କରାଯାଇ ସମସ୍ତ ମେଢ଼ ନିକଟରେ ପୋଲିସ ମୁତୟନ କରାଯାଇଛି। ଯାତ୍ରା ପାଇଁ ଏନଏସି କର୍ତ୍ତୃପକ୍ଷ, ବିଦ୍ୟୁତ ବିଭାଗ, ଜନସାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି।



## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ବଇଣ୍ଡା, ୩୦।୯ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇକସାହି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପଦ୍ମନାଭ ସାହୁ (୮୮)ଙ୍କ ସୋମବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ସେ ଶିକ୍ଷକ ଭାବରେ ବେଶ ସୁନାମ ଅର୍ଜନ କରିଥିବା ବେଳେ ପାଇକସାହିର ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ ସରପଞ୍ଚ ନିରୋଜକାନ୍ତ ସାହୁଙ୍କ ସହ ନାତିଓ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ତାଳଚେରରେ ଦର୍ଶକଙ୍କ ଅସମ୍ଭାଳ ଭିଡ଼

ତାଳଚେର, ୩୦।୯(ମନୋଜ ନନ୍ଦ)

ଶାରଦୀୟ ଦୁର୍ଗାପୂଜା ଅବସରରେ କଳାହୀରାର ସହର ତାଳଚେରରେ ଦର୍ଶକଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳୁଛି। ତାଳଚେରର ୧୧ଟି ମଣ୍ଡପ ଏମ୍‌ସିଏଲ୍ ବଳରାମ, ହିଙ୍ଗୁଳା, ଭରତପୁର, ଜଗନ୍ନାଥ, ଅନନ୍ତ, ଲିଙ୍ଗରାଜ, ନନ୍ଦିରା, ତାଳଚେର କଲିୟାରୀ, ସାଉଥବଲଣ୍ଡା, ଡେରା, ଦେଉଳବେଡା ଆଦି କୋଇଲା ଖଣି ପକ୍ଷରୁ ମହାଆଡ଼ମ୍ବରରେ ପୂଜା କରାଯାଉଛି। ପ୍ରତ୍ୟେକ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ସାଜସଜ୍ଜା କରାଯାଇଛି। ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟାପକ ପୋଲିସ ଓ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି। ଫାଷ୍ଟଫୁଡ, ଦୋଳି, ମିନାବଜାର ଆଦି ପଡ଼ିଥିବାରୁ ସହରବାସୀ ଏହାର ମଜା ନେଉଛନ୍ତି। ବିଜୟାଦଶମୀ ଦିନ ସାଉଥବଲଣ୍ଡାସ୍ଥିତ ରାବଣପୋଡ଼ି ଅନୁଷ୍ଠାନ ପକ୍ଷରୁ ରାବଣ ପୋଡି ଉତ୍ସବ ପାଳନ କରାଯିବ।



ଏମ୍‌ସିଏଲ୍ ବଳରାମ ଓପନକାଷ୍ଟ ମଣ୍ଡପରେ ଦୁର୍ଗାମେଢ଼।



ଏମ୍‌ସିଏଲ୍ ଭରତପୁର ଓପନକାଷ୍ଟ ମଣ୍ଡପରେ ମେଢ଼।



ଏମ୍‌ସିଏଲ୍ ହିଙ୍ଗୁଳା ଓପନକାଷ୍ଟ ପୂଜା ମଣ୍ଡପ ମେଢ଼।



ସାଉଥବଲଣ୍ଡା ଠାରେ ଦୁର୍ଗା ମେଢ଼।

୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



✓ ବନବାସୀ ସାମଲ
ସ୍ୱାମୀ-✓ଅଧୀକାରୀ ସାମଲ
ଖଡ଼ଗପ୍ରସାଦ,ଢେଙ୍କାନାଳ
ତିରୋଧାନ-୧୨.୧୦.୨୦୦୫
ତୁମ ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାବିନ୍ଦରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର
ପୁଅ-ବୋହୁ- ରମେଶ,ଅଞ୍ଜଳୀ,ଗଙ୍ଗା,ଗୀତା,ସୁଧିର(ନିଧି),ଅବନ୍ତୀ
ଝିଅ-ଜ୍ୱାଇଁ- ଇନ୍ଦ୍ରମଣୀ,ସୁଧାକର,ସୁଷମା,ପ୍ରତାପ
ନାତି- କୁମାର,ଅବିନାଶ,ଜଗ
ନାତୁଣୀ- ଲିସୁ,ଲିଟୁ,ଲିମା,ଲିଜା,ଲିକି,ଲୋନୀ,ରାନୀ ଓ ସାମଲ ପରିବାର।

## କାର୍ଯ୍ୟାଳୟରୁ ବ୍ୟାଟେରି ଚୋରି

ବଇଣ୍ଡା, ୩୦।୯ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ଜାମୁନାଳୀଠାରେ ଥିବା ବନ ବିଭାଗ କାର୍ଯ୍ୟାଳୟରୁ ଇନଭର୍ଟର ଓ ବ୍ୟାଟେରି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ବନରକ୍ଷୀ ତପସ୍ୱିନୀ ସାହୁ ଅଭିଯୋଗ କରିବା ପରେ ପୋଲିସ ନମ୍ବର ୩୬୭/୨୫ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ଲୁହାଛଡ଼ ବୋଝେଇ ଟ୍ରକ୍ ଚୋରି

ବନ୍ତଳା, ୩୦।୯ (ସୁଶିତ ସାହୁ)

ଅନୁଗୋଳ ବ୍ଲକ ବନ୍ତଳା-ବଡ଼କେରା ରାସ୍ତାର ଜରାରପୁରଠାରୁ ଲୁହା ବୋଝେଇ ଟ୍ରକ୍ ଚୋରି ହୋଇଥିବା ସୋମବାର ଓମ୍‌ସାଇ ଟ୍ରାନ୍ସପୋର୍ଟ ମାଲିକ ସସ୍ମିତା ନନ୍ଦ ବନ୍ତଳା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କହିଛି, ଜାରାରପୁର ଗାଁର ଅରୁଣ ସାହୁ ଲିଜ୍‌ରେ ଏକ ଟ୍ରକ୍ ଆଣି ଚଳାଉଥିଲେ। ସେ ଉକ୍ତ ଟ୍ରାନ୍ସପୋର୍ଟ ଜରିଆରେ ଲୁହାଛଡ଼ ନେଇ ମୟୂରଭଞ୍ଜ ଯାଉଥିବା ବେଳେ ଜରାରପୁର ଠାରେ ଗାଡ଼ି ରାଖି ଘରକୁ ଯାଇଥିଲେ। ଏହାପରେ ଗାଡ଼ି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ପୋଲିସ ଚାଳକଙ୍କୁ ସନ୍ଦେହ କରି ପଚରାଉଚରା ଜାରି ରଖିଥିବା ଥାନା ଅଧିକାରୀ ନଟବର ନନ୍ଦ ପ୍ରକାଶ କରିଛନ୍ତି।

# ଆଠମଲ୍ଲିକରେ କମ୍ପୁଛି ପୂଜାମଣ୍ଡପ

ଆଠମଲ୍ଲିକ,୩୦।୯ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକରେ ସର୍ବପୁରାତନ ଦୁର୍ଗାବଜାରସ୍ଥିତ ଦୁର୍ଗା ମଣ୍ଡପ ଓ ଲକ୍ଷ୍ମୀ ନାରାୟଣ ବଜାରସ୍ଥିତ ଦୁର୍ଗା ମଣ୍ଡପରେ ମା' ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହେଉଥିବା ବେଳେ ସାଜସଜ୍ଜା ଓ ରଙ୍ଗିନ ଆଲୋକମାଳା ସହ ବିଭିନ୍ନ ବାଦ୍ୟ ଶବ୍ଦରେ ପୂଜାସ୍ଥଳ ପ୍ରକମ୍ପିତ ହୋଇଉଠୁଛି। ପୂଜକ ପ୍ରମୋଦ ପାଣିଗ୍ରାହୀ ଓ କର୍ତ୍ତା ଭାବରେ ମନୋଜ ତ୍ରିପାଠୀ ଦାୟିତ୍ୱ ତୁଲାଉଛନ୍ତି। ଦୁର୍ଗା ପୂଜା କମିଟି ସଭାପତି ସୁଧାଂଶୁ ବେହେରା, ସମ୍ପାଦକ ମଳୟ ବେହେରା, ସଭ୍ୟ ପ୍ରମୋଦ ସାହୁ, ବିଭୂତି ଭୂଷଣ ରଥ, ରାଜେଶ ନାଏକ, ପଙ୍କଜ ବିଶିଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି। ସେହିପରି ଲକ୍ଷ୍ମୀ ନାରାୟଣ ବଜାରସ୍ଥିତ ଦୁର୍ଗା ମଣ୍ଡପରେ ପୂଜକ ଚିତ୍ତରଞ୍ଜନ ପାଣିଗ୍ରାହୀ, କର୍ତ୍ତା ପିକନ ନନ୍ଦ ଦାୟିତ୍ୱ ତୁଲାଉଛନ୍ତି। ପୂଜା କମିଟି ସଭାପତି ରଞ୍ଜିତ ମିଶ୍ର, ସମ୍ପାଦକ ସୁନୀଲ କୁମାର ମହାପାତ୍ର, ବରିଷ୍ଠ ସଭ୍ୟ ଉମେଶ ଅଗ୍ରୱାଲ, ଶ୍ରୀନିବାସ ସାହୁ, ବିଶାଲ ଅଗ୍ରୱାଲ, ପ୍ରିୟଦର୍ଶୀ ସାମଲ, ପ୍ରିୟବ୍ରତ ସାମଲ, କମ୍ବୁପାଣି ଲଉରିଆ, ବୁବୁନ ପାଣିଗ୍ରାହୀ, ହୃଦାନନ୍ଦ ସାହୁ, ରାଜୁ ବେହେରା, ଅଂଶୁମାନ ଆଚାର୍ଯ୍ୟଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରୁଛନ୍ତି। ମା'ଙ୍କ ଦର୍ଶନ ପାଇଁ ପ୍ରତ୍ୟହ ପୂଜା ମଣ୍ଡପରେ ଭକ୍ତଙ୍କ ଭିଡ଼ ଲାଗି ରହୁଥିବା ଦେଖାଯାଉଛି।





ଆଠମଲ୍ଲିକର ୨ଟି ମଣ୍ଡପରେ ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା ଚାଲିଛି।

DSPL-281





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ
ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ଜରା ଦିବସ
୧ ଅକ୍ଟୋବର ୨୦୨୫

ସୁସ୍ଥ ଓ ଆନନ୍ଦମୟ ଜୀବନ - ପ୍ରତ୍ୟେକ ବୟସ୍କଙ୍କ ଅଧିକାର

- ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବୟସ୍କଙ୍କ ପାଇଁ ୧୦ ଶଯ୍ୟା ବିଶିଷ୍ଟ ଜରା ରୋଗ ୱାର୍ଡ଼ ଏବଂ ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ
- ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ବାର୍ଦ୍ଧକ୍ୟ ଜନିତ ସ୍ୱାସ୍ଥ୍ୟ ସମସ୍ୟାର ଉପଚାର ନିମନ୍ତେ ପରୀକ୍ଷା, ନିଦାନ, ଚିକିତ୍ସା, ଯୋଗ ଓ ବ୍ୟାୟାମ ଆଦି ଉପଲବ୍ଧ
- ସନ୍ତୁଳିତ ଖାଦ୍ୟ, ଯଥେଷ୍ଟ ବିଶ୍ରାମ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ହାଲୁକା ଶାରୀରିକ ଶ୍ରମ ଏବଂ ସାମାଜିକ ସୁସମ୍ପର୍କ ଆଦି ଦ୍ୱାରା ବୃଦ୍ଧାବସ୍ଥାକୁ ଆନନ୍ଦମୟ କରାଯାଇପାରିବ

ବିଶ୍ୱର ସମୃଦ୍ଧିରେ ବୟସ୍କଙ୍କ ଅବଦାନ ଅତୁଳନୀୟ
ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପଲାଇନ୍ : ୧୦୪
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10003/13/0291/2526

DSPL-286





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ
ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ
୧ ଅକ୍ଟୋବର ୨୦୨୫

ରକ୍ତଦାନ ମହତ ଦାନ

ଆପଣ ବି ଜଣେ ସ୍ୱେଚ୍ଛାକୃତ ରକ୍ତଦାତା ହୋଇପାରିବେ ଯଦି ଆପଣଙ୍କର;
- ବୟସ ୧୮ ରୁ ୬୫ ବର୍ଷ ମଧ୍ୟରେ
- ଶରୀରର ଓଜନ ୪୫ କି.ଗ୍ରା.ରୁ ଅଧିକ
- ନାଡ଼ିର ଗତି ପ୍ରତି ମିନିଟ୍ ୬୦ରୁ ୧୦୦ ମଧ୍ୟରେ ଓ ନିୟମିତ ଅଛି
- ରକ୍ତଚାପ: ସିଷ୍ଟୋଲିକ୍ ୧୦୦ରୁ ୧୪୦ ମି.ମି. ଓ ଡାୟାଷ୍ଟୋଲିକ୍ ୬୦ରୁ ୯୦ ମି.ମି. ମଧ୍ୟରେ ଅଛି
- ହିମୋଗ୍ଲୋବିନ୍‌ର ସ୍ତର ଅତି କମରେ ୧୨.୫ ଗ୍ରା.ରୁ ଅଧିକ ଅଛି
- ପାଟିର ତାପମାତ୍ରା ୩୭ ଡିଗ୍ରି ସେଲସିୟସରୁ ଅଧିକ ନାହିଁ

ଥାଲାସିମିଆ, ସିକିଲ୍‌ସେଲ୍, ହେମୋଫିଲିଆ ଆଦି ରୋଗୀମାନଙ୍କୁ ଚିକିତ୍ସା ପାଇଁ ଯାତାୟାତ ନିମନ୍ତେ ମାସିକ ଟ.୫୦୦/- ର ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି।


ଅଧିକ ସୂଚନା ପାଇଁ ଜିଲ୍ଲା/ଉପଖଣ୍ଡ ସ୍ତରୀୟ ରକ୍ତ କେନ୍ଦ୍ର କିମ୍ବା ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ, ଭୁବନେଶ୍ୱର ସହ ପରାମର୍ଶ କରନ୍ତୁ।
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10003/13/0292/2526





# ନିଷ୍ଠାପର ସେବା ପାଇଁ ମିଳିଲା ସମ୍ମାନ

## ସଫେଇ କର୍ମଚାରୀଙ୍କୁ ନିଆରା ଅବସର ସମ୍ବର୍ଦ୍ଧନା



ଅବସରପ୍ରାପ୍ତ ସଫେଇ କର୍ମଚାରୀ ଲକ୍ଷ୍ମଣ ଗୋଚ୍ଛାୟତଙ୍କୁ ନିର୍ବାହୀ ଅଧିକାରୀ ସମ୍ବର୍ଦ୍ଧିତ କରୁଛନ୍ତି।

ଅନୁଗୋଳ,୩୦।୯(ଦିବ୍ୟଶାନ୍ତନୁ ନାଥ)

ଦୀର୍ଘ ୩୧ ବର୍ଷର ନିଷ୍ଠାପର ସେବା ପାଇଁ ଜଣେ ସଫେଇ କର୍ମଚାରୀଙ୍କୁ ମିଳିଛି ଆଶାଠାରୁ ଅଧିକ ସମ୍ମାନ। ଅବସର ସମ୍ବର୍ଦ୍ଧନା ଗ୍ରହଣ କରିବା ପରେ ନିର୍ବାହୀ ଅଧିକାରୀଙ୍କ ସହିତ କାର୍‌ରେ ହୋଟେଲକୁ ଯାଇ ଇଚ୍ଛା ଅନୁସାରେ ସମସ୍ତ କର୍ମଚାରୀଙ୍କ ସହ କରିଛନ୍ତି ମଧ୍ୟାହ୍ନ ଭୋଜନ। ଆଗାମୀ ଦିନରେ ପୁନଃ ନିଯୁକ୍ତି ପାଇବାର ଆଶ୍ୱାସନା ମଧ୍ୟ ମିଳିଛି ତାଙ୍କୁ। ପରିଶ୍ରମୀ ମନୋଭାବ ଓ ସମୟାନୁବର୍ତ୍ତିତା ପାଇଁ ଏପରି ନିଆରା ଢଙ୍ଗରେ ସମ୍ମାନିତ ହୋଇଥିବା ଏହି ସଫେଇ କର୍ମଚାରୀ ହେଉଛନ୍ତି ଅନୁଗୋଳ ପୌରପାଳିକାରୁ ମଙ୍ଗଳବାର ଅବସର ନେଇଥିବା ଲକ୍ଷ୍ମଣ ଗୋଚ୍ଛାୟତ।

ଅନୁଗୋଳ ପୌରପାଳିକାର ଜଣେ ନିଷ୍ଠାବାନ ସଫେଇ କର୍ମଚାରୀ ଭାବେ ଲକ୍ଷ୍ମଣ ଜଣାଶୁଣା ଥିଲେ। ପ୍ରତିଦିନ ରାତି ୩ଟାରୁ ସେ କାର୍ଯ୍ୟରେ ଲାଗିପଡୁଥିଲେ। ଜିଲା କାର୍ଯ୍ୟାଳୟ, କୋର୍ଟ, କଲେଜ ଛକ ଆଦି ଅଞ୍ଚଳରେ ସେ ନିୟମିତ ସଫେଇ କାର୍ଯ୍ୟ କରୁଥିଲେ। ଦୀର୍ଘ ୩୧ ବର୍ଷର କାର୍ଯ୍ୟ ସମୟ ମଧ୍ୟରେ କେବେ ତାଙ୍କ ନାମରେ କୌଣସି ଅଭିଯୋଗ ଆସି ନ ଥିଲା। ନିଜ କର୍ମରେ ସେ ସର୍ବଦା ଚଳଚଞ୍ଚଳ ରହୁଥିଲେ। ହେଲେ କିଛିଦିନ ପୂର୍ବରୁ ଲକ୍ଷ୍ମଣଙ୍କ ମନ ଉଦାସ ରହୁଥିବା ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ଲକ୍ଷ୍ୟ କରିଥିଲେ। ଏହାର କାରଣ ସମ୍ପର୍କରେ ନିର୍ବାହୀ ଅଧିକାରୀ ଲକ୍ଷ୍ମଣଙ୍କୁ ପଚାରିଥିଲେ। ଚାକିରିର ଅନ୍ତିମ ଦିନ ପାଖେଇ ଆସୁଥିବା ବେଳେ ଜଣେ ଡିଏଲ୍‌ଆର୍ କର୍ମଚାରୀ ଭାବେ ସେ ବିଶେଷ କିଛି ସଞ୍ଚୟ କରିପାରି ନ ଥିବା ଚିନ୍ତାର କାରଣ ବୋଲି ଲକ୍ଷ୍ମଣ ଜଣାଇଥିଲେ। ତେଣୁ ଜଣେ ସଚ୍ଚୋଟ, ଦାୟିତ୍ୱବାନ କର୍ମଚାରୀଙ୍କୁ ଅବସରବେଳେ ଉପଯୁକ୍ତ ସମ୍ମାନ ଯେପରି ପ୍ରଦାନ କରାଯିବ, ତାହାର ସମସ୍ତ ବ୍ୟବସ୍ଥା ନିର୍ବାହୀ ଅଧିକାରୀ କରିଥିଲେ। ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମଙ୍ଗଳବାର ଆୟୋଜନ କରାଯାଇ ଲକ୍ଷ୍ମଣଙ୍କୁ ମାନପତ୍ର, ଟ୍ରଫି, ଉପଢୌକନ ସହିତ ବ୍ୟକ୍ତିଗତ ଭାବେ ୫ ହଜାର ଟଙ୍କା ନିର୍ବାହୀ ଅଧିକାରୀ ପ୍ରଦାନ କରିଥିଲେ। ଏଥିସହ ସୁବିଧା ଅନୁସାରେ ପରବର୍ତ୍ତୀ ସମୟରେ ତାଙ୍କୁ ପୁନଃ ନିଯୁକ୍ତି ଦେବାର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ସମ୍ବର୍ଦ୍ଧନା ବେଳେ ଲକ୍ଷ୍ମଣଙ୍କୁ ତାଙ୍କ ଇଚ୍ଛା ବିଷୟରେ ପଚରାଯିବାରୁ ସେ ଦୁର୍ଗାଷ୍ଟମୀରେ ସମସ୍ତ କର୍ମଚାରୀଙ୍କ ସହ ମିଶି ଖାଦ୍ୟ ଖାଇବାକୁ ଚାହୁଁଥିବା କହିଥିଲେ। ନିର୍ବାହୀ ଅଧିକାରୀ ତୁରନ୍ତ ଏହାର ବ୍ୟବସ୍ଥା କରିବା ସହ ଲକ୍ଷ୍ମଣଙ୍କୁ କାର୍‌ରେ ନେଇ ସହରର ଏକ ହୋଟେଲକୁ ଯାଇଥିଲେ। ସେଠାରେ ପୌର କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସହ ଲକ୍ଷ୍ମଣ ବସି ଭୋଜନ କରିଥିଲେ। ହୋଟେଲ ମାଲିକ ନିଜେ ଉପସ୍ଥିତ ରହି ଲକ୍ଷ୍ମଣଙ୍କ ପସନ୍ଦ ଅନୁଯାୟୀ ତନ୍ଦୁର ରୁଟି, ଛତୁ ତରକାରି, ମିକ୍ସ ଭେଜ, ପନିର, ପାପଡ଼ ପରଷି ଦେଇଥିଲେ। ଶେଷରେ ଆଇସକ୍ରିମ୍ ଖୁଆଇଥିଲେ। ନିର୍ବାହୀ ଅଧିକାରୀଙ୍କ ସହ ଟେବୁଲରେ ବସି ଖାଇବା ପରେ ଲକ୍ଷ୍ମଣ କହିଛନ୍ତି, ଜଣେ ସଫେଇ କର୍ମଚାରୀଙ୍କୁ ଏତେ ବଡ଼ ସମ୍ମାନ ମିଳିବ ବୋଲି କେବେ ଭାବି ନ ଥିଲି। ଜୀବନସାରା ଏହାକୁ ମନେ ରଖିବି। ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ କହିଛନ୍ତି, ସଫେଇ କର୍ମଚାରୀ ଲକ୍ଷ୍ମଣ ସବୁଠାରୁ ପ୍ରିୟ କର୍ମଚାରୀ ଥିଲେ। ଅବସର ପୂର୍ବରୁ ଉଦାସ ରହୁଥିବା ଲକ୍ଷ୍ମଣଙ୍କ ମନରେ ଖୁସି ଭରିବା ପାଇଁ ଏହି ନିଆରା ସମ୍ବର୍ଦ୍ଧନାର ଆୟୋଜନ କରାଯାଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବେଳେ ପୌର କର୍ମଚାରୀଙ୍କ ସହ ଯୁବ ସାମାଜିକ କର୍ମୀ ପ୍ରତାପ ମହାପାତ୍ର ଉପସ୍ଥିତ ଥିଲେ।



ଅନୁଗୋଳ ସହର ଆମ୍ବେଦକର ନଗର ଦୁର୍ଗାପୂଜା କମିଟି ମେଢ଼। (ଫଟୋ: ବୁବୁ)

# ମା’ ଦୁର୍ଗାଙ୍କ ୪୭ ତମ ପୂଜା

ସନ୍ତ୍ରିଛକ,୩୦।୯(ସନ୍ତୋଷ ପରିଡ଼ା)

ବଅଁରପାଳ ବ୍ଲକ ମା’ ଭବାନୀ ପୂଜା ପ୍ରତିଷ୍ଠାନ ନୂଆହତା (ଶିମିଳିସାହି) ପକ୍ଷରୁ ୪୭ତମ ଦୁର୍ଗାପୂଜା ପାଳନ ହେଉଛି। ଅଷ୍ଟମୀରେ ଖେଚୁଡ଼ି ଭୋଗର ବ୍ୟବସ୍ଥା କରାଯାଇଥିଲା। ନବମୀରେ ହଜାରେ ଲୋକଙ୍କ ପାଇଁ ଅନ୍ନପ୍ରସାଦ, ଦଶମୀ ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋମ ଓ ଆସନ୍ତା ଶୁକ୍ରବାରରେ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ। ଆକର୍ଷଣୀୟ ସାଉଣ୍ଡ, ଘଣ୍ଟ ବାଦ୍ୟ, ଦୁଲଦୁଲି ବାଦ୍ୟ, ଛତି ତରାଶ ଓ କାର୍ଟୁନ ନାଚର ଆୟୋଜନ କରାଯାଇଛି। ଅନୁଷ୍ଠାନ ସଭାପତି ସନ୍ତୋଷ ବେହେରା, ସମ୍ପାଦକ ଦିଲୀପ କୁମାର ସାହୁ, କୋଷାଧ୍ୟକ୍ଷ କୃଷ୍ଣ କମଳ ପରିଡ଼ା, ଶିବାରମ ଭୂତିଆ, ପ୍ରିୟବ୍ରତ ଦାସ, ଗଣେଶ୍ୱର ସାହୁ, ବାବୁ ପରିଡ଼ା, କ୍ଷୀରୋଦ ପଟ୍ଟନାୟକ, ହରିଶ୍ଚନ୍ଦ୍ର ସାହୁ, ଗଙ୍ଗାଧର ଭୁତିଆ, ପିଙ୍କୁ ଦାସ, ଲକ୍ଷ୍ମୀଧର ସାହୁ, ସଞ୍ଜୀବ ନାହାକ, ନରେନ୍ଦ୍ର ସାହୁ, ପ୍ରକାଶ ବେହେରା, ସିପୁନ ସାହୁ ପ୍ରମୁଖଙ୍କ ସହଯୋଗ କରୁଛନ୍ତି।



# ଛେଣ୍ଡିପଦାର ବିଭିନ୍ନ ମଣ୍ଡପରେ ମହାଷ୍ଟମୀ



ଛେଣ୍ଡିପଦା ଥାନା ଛକ ଦୁର୍ଗା ମେଢ଼।



ଛେଣ୍ଡିପଦା ବ୍ଲକ ଛକ ମେଢ଼।



ଜରପଡ଼ା ହାଟପଦା ମେଢ଼।



ବାଗଡ଼ିଆ ମେଢ଼।

ଛେଣ୍ଡିପଦା,୩୦।୯(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ସମସ୍ତ ପୁରପଲ୍ଲୀରେ ଶାରଦୀୟ ଦୁର୍ଗାପୂଜା ମହାସମାରୋହରେ ପାଳିତ ହେଉଛି। ମଙ୍ଗଳବାର ବିଭିନ୍ନ ପୀଠରେ ନବମୀ ପୂଜା ଓ ମଣ୍ଡପରେ ମହାଷ୍ଟମୀ ପୂଜା ପାଳିତ ହୋଇଯାଇଛି। ପ୍ରତି ପୂଜା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ବଜାର ଅଞ୍ଚଳର ସମସ୍ତ ମଣ୍ଡପରେ ଆକର୍ଷଣୀୟ ଆଲୋକସଜା ଶୋଭା ବଢାଉଛି। ପୂଜା କମିଟି ଏବଂ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଛି। ଛେଣ୍ଡିପଦା ଥାନା ଛକଠାରେ ଦୁର୍ଗାପୁଜା କମିଟି ସଭାପତି ବିଦ୍ୟାଧର ବେହେରା, ସମ୍ପାଦକ ପ୍ରଶାନ୍ତ ପ୍ରଧାନ, ପୂଜକ ଅକ୍ଷୟ କୁମାର ଶତପଥୀ, କର୍ତ୍ତା ମୁନା ସାହୁ ଓ ରୋହିତ ସାହୁଙ୍କ ନେତୃତ୍ୱରେ ପୂଜା ଚାଲିଛି। ବ୍ଲକ ଛକଠାରେ ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମ୍ପନ୍ନ ହେଉଥିବାବେଳେ କର୍ତ୍ତା ଭାବେ ସୁବୋଧ କୁମାର ବେହେରା କାର୍ଯ୍ୟ ତୁଲାଉଛନ୍ତି। କୋଶଳା ଗ୍ରାମ ଜୟଦୁର୍ଗା କ୍ଲବ ସଭାପତି ଜ୍ଞାନରଞ୍ଜନ ସାହୁଙ୍କ ନେତୃତ୍ୱରେ ପୂଜା ପାଳନ ହେଉଛି। ଜୟଦୁର୍ଗା କ୍ଲବ ସମ୍ପାଦକ ଅଜିତ୍ କୁମାର ସାହୁଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରୁଛନ୍ତି। ବାଗଡ଼ିଆରେ ଦୁର୍ଗାପୂଜା ସଭାପତି ଭରତ ବେହେରା, ସମ୍ପାଦକ ଟନିସ କୁମାର ବେହେରା, ପୂଜକ ମଦନ ମହାପାତ୍ର ଓ ତନୁଜ ମହାପାତ୍ର, କର୍ତ୍ତା ବିଜୟ କୁମାର ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ପୂଜାକାର୍ଯ୍ୟ ପରିଚାଳିତ ହେଉଛି। ଜରପଡାଠାରେ ଜରପଡ଼ା ଗ୍ରାମବାସୀ ଓ ଜରପଡ଼ା ଦୁର୍ଗାପୂଜା କମିଟି ପକ୍ଷରୁ ଧୁମଧାମରେ ପୂଜା ପାଳିତ ହେଉଥିବା ବେଳେ ରାବଣପୋଡି ଉତ୍ସବ ଅନୁଷ୍ଠିତ ହେବ। ଜରପଡ଼ା ଗ୍ରାମସଭାପତି ବିନୋଦ କୁମାର ପ୍ରଧାନ, ପୂଜାକମିଟି ସଭାପତି ତ୍ରିନାଥେଶ୍ୱର ପ୍ରଧାନ, ସମ୍ପାଦକ ସରୋଜ କୁମାର ସାହୁ ଓ କ୍ଷୀରୋଦ କୁମାର ସାହୁଙ୍କ ନେତୃତ୍ୱରେ ପୂଜା କାର୍ଯ୍ୟ ଚାଲିଛି।

# ରୁପା ଅଳଙ୍କାର ପିନ୍ଧି ଦର୍ଶନ ଦେଲେ ମା’

ବଅଁରପାଳ,୩୦।୯(ସୁବାସ ସାହୁ)





ନାଲ୍‌କୋ ଶାରଦୀୟ ଦୁର୍ଗାପୂଜା କମିଟି ମେଢ଼ ଓ ଆଞ୍ଚାଲଡୁ ନିଲାମ।

ଅନୁଗୋଳ ଜିଲା ନାଲ୍‌କୋନଗରରେ ୪୨ତମ ଶାରଦୀୟ ଦୁର୍ଗାପୂଜା ପାଳିତ ହେଉଛି। ଏଥିପାଇଁ ନାଲ୍‌କୋ ଶାରଦୀୟ ଦୁର୍ଗାପୂଜା କମିଟି ପକ୍ଷରୁ ଉଚ୍ଚ ତୋରଣ ସହ ସାଜସଜ୍ଜା ବେସ୍ ଆକର୍ଷଣୀୟ ହୋଇଛି। ମା’ ଓ ପାର୍ଶ୍ୱ ଦେବତା ସମୁଦାୟ ୨୩ କିଲୋ ଓଜନର ରୁପା ମୁକୁଟ ଓ ଅଳଙ୍କାର ପରିଧାନ କରି ଦର୍ଶନ ଦେଉଛନ୍ତି। ନାଲ୍‌କୋନଗର କୋଅପରେଟିଭ ମାର୍କେଟ କମ୍ପ୍ଲେକ୍ସ ପ୍ରାଙ୍ଗଣରେ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା କମିଟି ପକ୍ଷରୁ ମା’ ପୂଜାପାଇ ଆସୁଛନ୍ତି। ମଙ୍ଗଳବାର ମହାଷ୍ଟମୀ ଅବସରରେ ମା’ଙ୍କ ଅଞ୍ଚାଲଡୁ ଲଟେରି ମାଧ୍ୟମରେ ଉଠାଣ ହୋଇଥିଲା। କମିଟି ସଦସ୍ୟ ବାମଦେବ ସେଠ ଲଡୁ ଉଠାଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ନାଲ୍‌କୋ ମାନବ ସମ୍ବଳ ମହାପ୍ରବନ୍ଧକ ଏଚ୍.ଏସ୍. ପ୍ରଧାନ, ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ମିଶ୍ର, ସଚ୍ଚିଦାନନ୍ଦ ଜେନା, ଭାରତ ଚନ୍ଦ୍ର ମହାରଣା, ପ୍ରଣବ ଦାସ, ଲଲାଟେନ୍ଦୁ ମହାପାତ୍ର, ବିନୟ କୁମାର ଠାକୁର, ରାଜାରାମ ମିଶ୍ର, ଶ୍ରମିକ ନେତା ବିଭବ ଜେନା, ନିର୍ମଳ ସାମଲ, ସୁଜିତ୍ ସେଠ, ସୁଶାନ୍ତ ସାମଲ, ସଚି ଗଡ଼ନାୟକ, ସଞ୍ଜୟ ଦେହୁରୀ, ମୁନା ସାମଲ, ସ୍ୱରୂପ ରଞ୍ଜନ ଗଡ଼ନାୟକ, ହରି ନାଥ, ନଟବର ମହାନ୍ତିଙ୍କ ସମେତ ସମସ୍ତ ଶ୍ରମିକ ସଙ୍ଗଠନ କର୍ମକର୍ତ୍ତା ଯୋଗଦେଇଥିଲେ। ଚଳିତବର୍ଷ ତୃତୀୟ ଥର ପାଇଁ ୩ଟି ଲଡୁ ନିଲାମ କରାଯାଇଥିଲା। ପ୍ରଥମ କୁପନରେ ବଳରାମପ୍ରସାଦ ଗ୍ରାମର ଗୋବିନ୍ଦ ଅମାନ୍ତ ତୃତୀୟ ଲଡୁ ହାସଲ କରିଥିଲେ। ଦ୍ୱିତୀୟ ଲଡୁ କର୍ପୋରେଟ କାର୍ଯ୍ୟାଳୟ ସିଜିଏମ୍ ସୁନୀଲ କୁମାର ମହାପାତ୍ର ଓ ପ୍ରଥମ ଲଡୁ ବିଜେତା ଭାବେ ନାଲ୍‌କୋ ଏମ୍ପ୍ଲୋଇଜ ସଂଘ ଶ୍ରମିକ ସଙ୍ଗଠନ ସାଧାରଣ ସମ୍ପାଦକ ରଞ୍ଜିତ କୁମାର ସାହୁ ପାଇଥିଲେ। ସେହିପରି ନବମୀ ଦିନ ଚରୁଅନ୍ନ ପ୍ରସାଦ ଓ ଦଶମୀ ଦିନ ନାଲ୍‌କୋ ଆଖପାଖ ଅଞ୍ଚଳର ପ୍ରାୟ ୫ ହଜାର ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା ରହିଛି। ଗୁରୁବାର ଦଶମୀ ରାତି ୮ଟାରେ କଲ୍ୟାଣମଣ୍ଡପ ପଛ ପାଖ ଷ୍ଟାଡିୟମ ପଡିଆଠାରେ ୧୩୦ ଫୁଟ୍ ଉଚ୍ଚତା ରାବଣ ପୋଡ଼ିର ଯୋଜନା ରହିଛି। ୩ ଦିନ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପୂଜା କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି।

# ମା’ଙ୍କ ଦର୍ଶନ କଲେ, ପୂଜା କମିଟି ସମସ୍ୟା ବୁଝିଲେ

ଛେଣ୍ଡିପଦା,୩୦।୯ (ଅଜିତ୍ ଧଳ)



ମା’ଙ୍କ ଦର୍ଶନ ବେଳେ ଡ.ଠାକୁରଙ୍କ ସହ ଅନ୍ୟମାନେ।

ଛେଣ୍ଡିପଦା ବ୍ଲକର ବିଭିନ୍ନ ପୂଜାମଣ୍ଡପରେ ମା’ଙ୍କୁ ଦର୍ଶନ କରିଛନ୍ତି ବିକାଶ ଫାଉଣ୍ଡେଶନ ଅଧ୍ୟକ୍ଷା ଡ. ମୃଦୁଳା ଠାକୁର। ରାଇଝରଣ ପଞ୍ଚାୟତରେ ପାଳନ ହେଉଥିବା ଦୁର୍ଗାପୂଜାରେ ସାମିଲ ହୋଇ ମା’ଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ସେହିପରି ବ୍ଲକର କୋଶଳା, ଛେଣ୍ଡିପଦା ବ୍ଲକଛକ, ଛେଣ୍ଡିପଦା ଥାନାଛକ, ପୋଡାପଡା, ବାଗଡିଆ, ବାଲିପଟା ଓ ଜରପଡା ଆଦି ପୂଜା ମଣ୍ଡପଗୁଡିକୁ ଯାଇ ମା’ଙ୍କ ଦର୍ଶନ କରିବା ସହ ପୂଜା କମିଟି କର୍ମକର୍ତ୍ତାଙ୍କୁ ସମସ୍ୟା ପଚାରି ବୁଝିଥିଲେ। ଡ. ଠାକୁରଙ୍କ ଗସ୍ତ ସମୟରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଭାଜପା ନେତା ଚୌଧୁରୀ ପ୍ରଧାନ, ଯଶୋବନ୍ତ ପ୍ରସାଦ ବେହେରା, ଅକ୍ଷୟପାଦ ବେହେରା, ଗୋପବନ୍ଧୁ ଗଡ଼ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରତି ପୂଜାମଣ୍ଡପରେ ବିଭିନ୍ନ ପୂଜା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଭାଜପାର ବହୁ କର୍ମକର୍ତ୍ତା, କର୍ମୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ଦଶହରା ପାଇଁ ଢେଙ୍କାନାଳ ସହର ଚଳଚଞ୍ଚଳ



ସହରସ୍ଥିତ କାଞ୍ଚନ ବଜାରଠାରେ ଦୁର୍ଗାପୂଜା ମଣ୍ଡପ।

ଢେଙ୍କାନାଳ,୩୦।୯(ରତନ ନାୟାର)

ଢେଙ୍କାନାଳ ସହରରେ ଦଶହରା ପୂଜା ଉତ୍ସବ ମହାସମାରୋହରେ ପାଳିତ ହେଉଛି। ପୂଜା ଉତ୍ସବ ପାଇଁ ସହର ଚଳଚଞ୍ଚଳ ହୋଇଛି। ପୂଜା ପ୍ରତିଷ୍ଠାନ ଗୁଡିକରେ ସକାଳେ ଓ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କର ନାହିଁ ନଥିବା ଭିଡ ଲାଗିଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ସହରସ୍ଥିତ ରାଧାକୃଷ୍ଣ ବଜାରଠାରେ ମା’ଙ୍କର ନବରାତ୍ର ପୂଜା ମହାସମାରୋହରେ ଅନୁଷ୍ଠିତ ହେଉଛି। ସେହିପରି କୁଞ୍ଜକାନ୍ତ ଚନ୍ଦ୍ରଶେଖର ପ୍ରେସ୍ ପୂଜା ମଣ୍ଡପ, କାଞ୍ଚନ ବଜାର, ରିଜର୍ଭ ପୋଲିସ ଲାଇନ ପୂଜା ମଣ୍ଡପ ଓ ମହାବୀର ବଜାରଠାରେ ମା’ଙ୍କର ପୂଜା ଉତ୍ସବ ଧୁମଧାମରେ ପାଳିତ ହେଉଛି। ସେହିପରି ସହର ମଧ୍ୟରେ ଥିବା ମା’ ବ୍ରହ୍ମାୟଣୀ ଦେବୀଙ୍କ ପୀଠ, ଗାନ୍ଧୀ ମନ୍ଦିର ରୋଡରେ ଥିବା ମା’ ତାରେଣୀଙ୍କ ପୀଠ, ଜୁବୁଲି ଟାଉନ ଅଞ୍ଚଳରେ ଥିବା ମା’ କନକଦୁର୍ଗାଙ୍କ ପୀଠ, କଲେଜଛକ ନିକଟରେ ଥିବା ମା’ ସୁନ୍ଦରଶୁଣୀଙ୍କ ପୀଠ, କୁଞ୍ଜକାନ୍ତ ସ୍ଥିତ ମା’ ବନଦୁର୍ଗାଙ୍କ ପୀଠ, ଜୁବୁଲି ଟାଉନ-୧ ସ୍ଥିତ ବୁଢୀ ଠାକୁରାଣୀଙ୍କ ପୀଠରେ ମଧ୍ୟ ମା’ଙ୍କର ପୂଜା ଉତ୍ସବ ମହାସମାରୋହରେ ପାଳିତ ହେଉଛି।

# ଝଟକୁଛି ହମାମିରା, ୭ ମଣ୍ଡପରେ ଆକର୍ଷଣୀୟ ପୂଜା

ବନ୍ତଲା,୩୦।୯(ସୁଶିତ ସାହୁ)

୫୯ତମ ସାର୍ବଜନୀନ ଦୁର୍ଗାପୂଜାକୁ ନେଇ ଚଳଚଞ୍ଚଳ ହୋଇଉଠିଛି ଅନୁଗୋଳ ବ୍ଲକ ହମାମିରା ଗାଁ। ବନ୍ତଲା ଅଞ୍ଚଳର ଏହି ସର୍ବ ପୁରାତନ ଦୁର୍ଗାପୂଜା ସ୍ଥାନୀୟ ଅଞ୍ଚଳରେ ବେଶ୍ ଖ୍ୟାତି ଲାଭ କରିଛି। ଚଳିତବର୍ଷ ବିଭିନ୍ନ କ୍ଲବ ପକ୍ଷରୁ ପ୍ରତିଯୋଗିତାମୂଳକ ଭାବେ ୭ଟି ମଣ୍ଡପରେ ମା’ଙ୍କୁ ପୂଜା କରାଯାଉଛି। ସୁସଜ୍ଜିତ ତୋରଣ, ଆକର୍ଷଣୀୟ ଆଲୋକମାଳା ଯୋଗୁ ଗାଁ ଝଲସି ଉଠୁଥିବାବେଳେ ପ୍ରତିଦିନ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବାରେ ଲାଗିଛି। ବିଭିନ୍ନ ଷ୍ଟ୍ରିଟଫୁଡ୍ ଓ ଦୋଳି ସହ ସେଲଫି ପଏଣ୍ଟ ଯୋଗୁ ଗାଁ ସହର ପରି ଚମକିଉଠୁଛି। ମୁଖ୍ୟ ମଣ୍ଡପ ସେଣ୍ଟ୍ରାଲ ପୂଜା କମିଟିସହ, ମହାଦେବ କ୍ଲବ, ସନ୍‌ରାଇଜ କ୍ଲବ, ତ୍ରିବେଣୀ କ୍ଲବ, ଇଗଲ ୱିଙ୍ଗ, ଏୱାନ, ମୁନ୍‌ଲାଇଟ ଓ କ୍ଲବ ହାଉସ ଆଦି ୭ଟି ମଣ୍ଡପରେ ଧୁମ୍‌ଧାମରେ ପୂଜା ପାଳନ କରାଯାଉଛି। ପାରମ୍ପରିକ ବାଦ୍ୟ, ଘଣ୍ଟ, କାହାଳି, ସଂକୀର୍ତ୍ତନ ମଧ୍ୟରେ ୧୦୮ କଳସ ସ୍ଥାପନ ଠାରୁ ମଙ୍ଗଳବାର ଅଷ୍ଟମୀ ପୂଜା ଯାଏ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ୫ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ପୂଜାରେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ, ଅନ୍ନପ୍ରସାଦ ସେବନ, ନାମ ସଂକୀର୍ତ୍ତନ, ପାଇକ ଆଖଡ଼ା, ଲଉଡି ଖେଳ, ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାକୁ ପ୍ରାଧାନ୍ୟ ଦିଆଯାଇଛି ବୋଲି ପୂଜା କମିଟି ସଭାପତି ଅଶୋକ ସାହୁ କହିଛନ୍ତି। ପୂଜା ସମୟରେ ଶାନ୍ତିଶୃଙ୍ଖଳା ସହ ଭାଇଚାରାରେ ପୂଜାକୁ ସମାପନ ପାଇଁ ଗୁରୁତ୍ୱ ଦିଆଯାଇଛି ବୋଲି ସମ୍ପାଦକ ପ୍ରଣୟ ଦେହୁରୀ କହିଛନ୍ତି।





ଅନୁଗୋଳ ବ୍ଲକ ହମାମିରା ଗାଁରେ ହୋଇଥିବା ମା’ ଦୁର୍ଗାଙ୍କ ମେଢ଼ ଓ ଆଲୋକ ସାଜସଜ୍ଜା।

# ରକ୍ତଦାନକରି ଜୀବନ ବଞ୍ଚାଇବା



## ଆଜି ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ

ରକ୍ତଦାନ ମହାନ୍ ଦାନ। ଏହାଦ୍ୱାରା ଆମେ ଜଣଙ୍କର ଜୀବନ ବଞ୍ଚାଇବାରେ କେତେକାଂଶରେ ସାହାଯ୍ୟ କରିପାରିବା। ଏପରି ବାର୍ତ୍ତାକୁ ଅଧିକ ପ୍ରଚାର ପ୍ରସାର ଲାଗି ପ୍ରତିବର୍ଷ ଅକ୍ଟୋବର ୧ରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳିତ ହୋଇଆସୁଛି। ଚଳିତବର୍ଷ ଏହି ଦିବସ ଲାଗି ସ୍ଲୋଗାନ ରହିଛି- 'ରକ୍ତଦାନ କରନ୍ତୁ, ଆଶାର ସଞ୍ଚାର କରନ୍ତୁ: ଆମେ ଜୀବନ ବଞ୍ଚାଇବା'। ଭାରତର ପ୍ରଥମ ରକ୍ତ ଭଣ୍ଡାର କଲିକତାଠାରେ ୧୯୪୨ରେ ପ୍ରତିଷ୍ଠା ହୋଇଥିଲା। ଏହାବ୍ୟତୀତ ୧୯୫୯ରେ ଓଡ଼ିଶାର ପ୍ରଥମ ରକ୍ତଭଣ୍ଡାର କଟକଠାରେ ପ୍ରତିଷ୍ଠା ହୋଇଥିଲେ। ହେଲେ ସେତେବେଳେ ଆମ ରାଜ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ବିଷୟରେ ବିଶେଷ ଅଭିଜ୍ଞତା ନ ଥିଲା। ଏଚ୍ ଡି ସୌରୀ ନାମକ ଜଣେ ବ୍ୟକ୍ତି ନିଜର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'କମନ କଜ' ମାଧ୍ୟମରେ ଉଚ୍ଚତମ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ୧୯୯୬ରେ ପ୍ରକାଶିତ ରାୟରେ ମାନ୍ୟବର କୋର୍ଟ କେନ୍ଦ୍ର ସରକାରଙ୍କୁ ରକ୍ତସଂଗ୍ରହ, ରକ୍ତର ରକ୍ଷଣାବେକ୍ଷଣ, ରକ୍ତ ଉପାଦାନର ପୃଥକୀକରଣ ଓ ସୁରକ୍ଷିତ ରକ୍ତ ସଞ୍ଚାରଣ ନିମନ୍ତେ ଏକ ପରିଷଦ ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ୧୯୯୬ରେ ହିଁ କେନ୍ଦ୍ର ସରକାର ଜାତୀୟ ରକ୍ତ ସଞ୍ଚାରଣ ପରିଷଦ ଗଠନ କରିଥିଲେ। ସେହିବର୍ଷ ପ୍ରତ୍ୟେକ ରାଜ୍ୟରେ ମଧ୍ୟ ଏହି ପରିଷଦ ଗଠିତ ହୋଇଥିଲା। ଆମ ରାଜ୍ୟରେ ଥିବା ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ ଏକ ସାମାଜିକ ଅନୁଷ୍ଠାନ ହୋଇଥିଲେ ମଧ୍ୟ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଏହାର ସଭାପତି ଓ ତାଙ୍କ ଦ୍ୱାରା ନିଯୁକ୍ତ ନିର୍ଦ୍ଦେଶକ ଏହାର ସଚିବ ଭାବେ କାମ କରୁଛନ୍ତି।

ଆମ ରାଜ୍ୟରେ ଏହି ପରିଷଦ ଗଠନ ପରେ ପ୍ରାୟ ୫ ବର୍ଷ ପର୍ଯ୍ୟନ୍ତ ସ୍ୱେଚ୍ଛାକୃତ ରକ୍ତଦାନ କ୍ଷେତ୍ରରେ ସେଭଳି କୌଣସି ପରବର୍ତ୍ତନ ହୋଇ ନ ଥିଲା। ୨୦୦୨ ଜୁନ ମାସରେ ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ ପକ୍ଷରୁ ରକ୍ତଦାତା ଓ ପ୍ରବର୍ତ୍ତକମାନଙ୍କର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ସବୁ ଜିଲାରୁ ରକ୍ତଦାତା ଓ ପ୍ରବର୍ତ୍ତକମାନେ ଯୋଗ ଦେଇଥିଲେ। ୨୦୦୨ ମସିହା ଜୁଲାଇ ୧୪ ତାରିଖ ଦିନ ବିଭିନ୍ନ ଜିଲାରୁ ଆସିଥିବା ରକ୍ତଦାତା ଓ ପ୍ରବର୍ତ୍ତକମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଦିନ ଗଠନ ହୋଇଥିଲା 'ଓଡ଼ିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘ'।

**- ଦିଲ୍ଲୀପ ଦାଶଶର୍ମା**

ପ୍ରତିଷ୍ଠାତା ସଭାପତି, ଓଡ଼ିଶା ସ୍ୱେଚ୍ଛାକୃତ ରକ୍ତଦାତା ଓ ପ୍ରବର୍ତ୍ତକ ସଂଘ, ଭୁବନେଶ୍ୱର

# ଜଳିଗଲା କୋବି, ଧାନ ଫସଲ

## ଲଟାମରା ବିଷ ସିଞ୍ଚିଲେ ଦୁର୍ବୃତ୍ତ

ବରଗଡ଼,୩୦।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଫସଲ ଅମଳ ପରେ ବିକ୍ରିବଟା ନେଇ ଚାଷୀଙ୍କୁ ନାହିଁ ନଥିବା ହଟହଟାର ସମ୍ମୁଖୀନ ହେବାକୁ ପଡୁଥିବା ବେଳେ ଫସଲ ଅମଳ ପୂର୍ବରୁ ମଧ୍ୟ ଚାଷୀଙ୍କ ଦୁଃଖ ବଢିଯାଇଛି। ରୋଗପୋକ ଉପଦ୍ରବ କିମ୍ବା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, କେହି ଦୁର୍ବୃତ୍ତ ଲଟାମରା ଔଷଧ ସିଞ୍ଚନ କରି ଦେବାରୁ ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଜମୁର୍ଡା ଗ୍ରାମର ଏକାଧିକ ଚାଷୀଙ୍କ କୋବି ଏବଂ ଧାନ ଫସଲ ଜଳି ନଷ୍ଟ ହୋଇଯାଇଛି। କ୍ଷତିଗ୍ରସ୍ତ ଚାଷୀଙ୍କ ଅଭିଯୋଗକୁ ଆଧାର କରି ମଙ୍ଗଳବାର ପୋଲିସ ଅନୁସନ୍ଧାନୀ କୁକୁର ନେଇ ଖୋଳତାଡ଼ ଆରମ୍ଭ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ପୋଲିସ ଜଣେ ଲୋକଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ପ୍ରେମାନନ୍ଦ ଭୁଏ ନିଜର ୨ ଏକର ଜମିରେ ଫୁଲକୋବି ଚାଷ କରିଥିଲେ। ତାହା ପ୍ରାୟତଃ ଅମଳକ୍ଷମ ଅବସ୍ଥାକୁ ଆସି ଯାଇଥିଲା। ତେବେ ଜମିରେ କେହି ନ ଥିବାବେଳେ ସୋମବାର ରାତିରେ କେହି ଦୁର୍ବୃତ୍ତ ସେହି କୋବି ଫସଲରେ ଲଟାମରା ଔଷଧ ମାରି ଦେଇଥିବା ଅଭିଯୋଗ ହୋଇଛି। ଏହାରି ପ୍ରଭାବରେ କୋବି ଫସଲ ଜଳି ନଷ୍ଟ ହୋଇଯାଇଛି। ସେହିପରି ଗ୍ରାମର ହେମକୁମାର କରନଙ୍କ ଅଧ ଏକର କୋବି ଫସଲ ନଷ୍ଟ ହୋଇଥିବାବେଳେ ନିର୍ମଳ କରନଙ୍କ କିଆରିରୁ କୋବି ଚୋରି ହୋଇଥିବା ଅଭିଯୋଗ ହୋଇଛି। ସେହିପରି ମିଥୁନ କରନଙ୍କ ଧାନ ଫସଲରେ ମଧ୍ୟ ସମ୍ପୃକ୍ତ ଲଟାମରା ଔଷଧ ସିଞ୍ଚନ କରାଯାଇଥିବାରୁ ତାହା ମଧ୍ୟ ଉଜୁଡି ଯାଇଛି।

ଧାନ ଓ କୋବି ଫସଲ ଅମଳ ପୂର୍ବରୁ ଦୁର୍ବୃତ୍ତଙ୍କ ଏଭଳି କାଣ୍ଡ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଦୁର୍ବୃତ୍ତଙ୍କୁ ଖୋଜି ବାହାର କରି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି। ଏହା ସହିତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ଦେବା ଦିଗରେ ମଧ୍ୟ ପଦକ୍ଷେପ ନେବା ପାଇଁ ସାଧାରଣରେ ମତପ୍ରକାଶ ପାଇଛି।




ଜଳିଯାଇଥିବା କୋବି ଫସଲ, ଧାନ ଫସଲ।

# ପୌରାଞ୍ଚଳ ରାସ୍ତାରେ ବୁଲୁଛି କୁମ୍ଭୀର

ପଟ୍ଟାମୁଣ୍ଡାଇ,୩୦।୯ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ୭ ନଂ. ୱାର୍ଡ ତଳବାଲିପଡ଼ା ଗ୍ରାମର ଢଳେଇ ରାସ୍ତା ଉପରେ ମଙ୍ଗଳବାର ରାତିରେ ହଠାତ୍ କୁମ୍ଭୀର ଚାଲୁଥିବା ଦେଖିବାକୁ ମିଳିଛି। ଫଳରେ ସେହି ରାସ୍ତା ଦେଇ ଯାଉଥିବା ପଥଚାରୀ ଏବଂ ଗାଡ଼ିମୋଟର ଅଟକି ରହିଥିଲେ। ଲୋକମାନଙ୍କ ପାଟି ଶୁଣି କୁମ୍ଭୀରଟି ରାସ୍ତା ନିକଟରେ ଥିବା ନାଳକୁ ଚାଲିଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ପ୍ରାୟ ୧୦ ଫୁଟ୍ ଲମ୍ବର ଏହି କୁମ୍ଭୀରଟି ରାସ୍ତା ଉପରେ ଚାଲୁଥିବା ଯୋଗୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ବ୍ରାହ୍ମଣୀ ନଦୀରେ ବାରମ୍ବାର ବନ୍ୟା ଆସିବା ଫଳରେ ବନ୍ୟାବିପନ୍ନ ଧୋୟାଞ୍ଚଳର ବିଭିନ୍ନ ଅଞ୍ଚଳରେ କୁମ୍ଭୀର ଦେଖିବାକୁ ମିଳିଥିଲା। କିନ୍ତୁ ମଙ୍ଗଳବାର ରାତି ୮ଟାରେ ତଳବାଲିପଡ଼ା ପୋଖରୀ ନିକଟ ରାସ୍ତାରେ ଏକ କୁମ୍ଭୀର ଶୋଇଥିବା ଦେଖି ଲୋକେ ଭୟଭୀତ ହୋଇ ପଡିଛନ୍ତି। ୭ ନଂ. ୱାର୍ଡ କାଉନସିଲର ମଳୟ ଓଝା ତୁରନ୍ତ କୁମ୍ଭୀରକୁ ଧରିବାକୁ ରାଜନଗର ବନ ବିଭାଗକୁ ଜଣାଇଛନ୍ତି। ବନ୍ୟା ପାଣିରେ ଭାସି ଆସିଥିବା କୁମ୍ଭୀରଟି ବନ୍ୟା ଛାଡ଼ିବା ପରେ ତଳବାଲିପଡ଼ା ପୋଖରୀ ମଧ୍ୟରେ ରହି ଯାଇଥିବା ଅନୁମାନ କରାଯାଉଛି।



**ଲୋକେ ଭୟଭୀତ**


OFFICE OF THE
ENGINEER-IN-CHIEF, RURAL WORKS,
ODISHA, BHUBANESWAR-751001 (Unit-IV, Sachivalaya Marg, Bhubaneswar)
E-mail ID : cerwbuilding_bbsr@yahoo.com

File No.Bld.215/2024 31741 Date : 26.09.2025

Bid Identification No.-02-Bld.-2025-26

NOTICE INVITING REQUEST FOR PROPOSAL THROUGH E-PROCUREMENT PORTAL OF GOVT. OF ODISHA

**No.O-910** : Chief Engineer, Buildings & Bridges, O/o the EIC, Rural Works, Odisha, Bhubaneswar invites technical and financial proposals from reputed Architectural and Planning consulting firms for **"Engagement of Consultant for Preparation of Plan, DPR (CIVIL+EI+PH), BOQ, Bid Documents & Construction Monitoring for Construction of Block Level Stadiums (Componets like Football / Cricket Field, Clay Athletic Track with throw and jump area, Volleyball / Kho Kho / Kabaddi Court, Indoor Hall (Badminton, Table Tennis etc.), Common facility centre etc.) in different Districts of Odisha (Southern Zone)."** Details are as follows :

| | | |
|---|---|---|
| 1. | Bid documents such as RFP etc. can be seen/downloaded during the period | 03.10.2025 to 17.10.2025 upto 05:30 P.M. |
| 2. | Deadline for submission of Pre-Bid Queries to **cerwbuilding_bbsr@yahoo.com** | Upto 05:30 P.M. on 08.10.2025 |
| 3. | Online bids shall be received till | Upto 05:30 P.M. on 17.10.2025 |
| 4. | Date of opening of technical bids | At 11:30 A.M. on 18.10.2025 |
| 5. | Date of opening of financial Bid | To be intimated later |
| 6. | Bid Processing Fee (Non-Refundable) | Rs.10000/- (Rupees Ten Thousand) only |

Chief Engineer, Buildings & Bridges has the right to accept or reject the Notice/RFP without assigning any reasons thereof.

Sd./- Chief Engineer, Buildings & Bridges
Rural Works, Odisha, Bhubaneswar

OIPR-25191/11/0008/2526


# ବୁଲେଟ୍ -ବାଇକ୍ ମୁହାଁମୁହିଁ ଧକ୍କା, ୩ ଯୁବକଙ୍କ ମୃତ୍ୟୁ

ଓଡ଼ଗାଁ,୩୦।୯(ଆଦର୍ଶ କୁମାର ପଟ୍ଟନାୟକ)



ନୟାଗଡ଼ ଜିଲା ଆଦର୍ଶ ଥାନା ଅନ୍ତର୍ଗତ ୨୧ ନମ୍ବର ରାଜ୍ୟ ରାଜପଥ ଗୋଡ଼ିପଲି ପେଟ୍ରୋଲ ପମ୍ପ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ବୁଲେଟ୍-ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ୩ ବାଇକ୍ ଓ ବୁଲେଟ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ମୋହନ ବାରିକ (୨୮), ସନ୍ତୋଷ କୁମାର ରାଉତରାୟ (୩୫) ଓ ସିଲୁ ନାୟକ (୨୪)।

ସୂଚନା ଅନୁସାରେ, ଏହି ଥାନା ବାଣ୍ଡପୁର ପଞ୍ଚାୟତ ଚେମେଡି ଗ୍ରାମର ମୋହନ ବୁଲେଟ(ଓଡି ୨୫କ୍ୟୁ ୯୨୮୫)ରେ ଗାଁରୁ ବାହାରି କୋମଣ୍ଡ ଓ ବାଘୁଆ ଛକ ହୋଇ ଓ ଆସୁଥିବା ବେଳେ କେନ୍ଦ୍ରାପଡ଼ାର ସନ୍ତୋଷ ଓ ତାଙ୍କ ସମ୍ପର୍କୀୟ ଭାଇ ପଡ଼ୋଶୀ ଗଞ୍ଜାମ ଜିଲା କରସିଂ ଗ୍ରାମର ସିଲୁଙ୍କ ସହ ଟିଭିଏସ୍ ରାଇଡର ବାଇକ୍ (ଓଡି ୨୯ ଡି ୨୪୪୮) ରେ କରସିଂ ଫେରୁଥିବା ବେଳେ ଉଭୟ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଏ ନେଇ ନଂ.୩୦୭/୨୫ରେ ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

ଦେଖଣାହାରୀଙ୍କ କହିବା ଅନୁସାରେ ଦୁର୍ଘଟଣା ଏତେ ଭୟଙ୍କର ଥିଲା ଉଭୟ ଗାଡ଼ି ସହ ୩ ଆରୋହୀ ପ୍ରାୟ ୧୦ ଫୁଟ ଉପରକୁ ଉଠି ରାସ୍ତା ଉପରେ ପଡ଼ିଥିଲେ। ସେମାନଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ହୋଇଥିବା ଲୋକେ କହୁଥିବା ବେଳେ ସମସ୍ତଙ୍କୁ ଦମକଳ ବାହିନୀ ସ୍ଥାନୀୟ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ୨ ଗାଡ଼ି ଓ ୩ ମୋବାଇଲ ସହ ମୃତଦେହ ଜବତକରି ମାମଲାର ତଦନ୍ତ କରୁଛି। ମୃତକଙ୍କ ସମ୍ପର୍କୀୟମାନେ ଶତାଧିକ ସଂଖ୍ୟାରେ ହସ୍ପିଟାଲରେ ପହଞ୍ଚିବାରୁ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ ମୃତ ମୋହନ ପାଣିଟାଙ୍କି ମିସ୍ତ୍ରି ଭାବେ କାମ କରୁଥିବା ବେଳେ ସେ ନୂଆ ବୁଲେଟ କିଣିଥିଲେ। ବାଇକ୍ ଆରୋହୀ ୨ ସମ୍ପର୍କୀୟ ଭାଇ ହୋଇଥିବା ବେଳେ କେନ୍ଦ୍ରାପଡ଼ାର ସନ୍ତୋଷ ନିଜ ମାମୁଘର କରସିଂ। ସେ ମାମୁ ପୁଅ ଭାଇ ସିଲୁ ସହିତ ବଜାର ସଉଦା କରିବାକୁ ଆସି କରସିଂ ଫେରୁଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# କୁମ୍ଭୀର ଆଖିରେ ଆଙ୍ଗୁଠି ଗେଞ୍ଜି ବର୍ତ୍ତିଲେ ଯୁବକ

ମହାକାଳପଡ଼ା,୩୦।୯(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ବଡଲକଣି ପଞ୍ଚାୟତ ବାଘୁଆମେଦୀ ଆଦିବାସୀ ଗ୍ରାମର ଟୁନା ସିଂ (୫୫) ଚାଷଜମି ଦେଖିବାକୁ ଯାଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ନିକଟ ରାମଚଣ୍ଡୀ ଗଳିଆ ନଦୀ ଶାଖା ବାଲିଯୋଡିରେ ଶୌଚହେବାକୁ ଯାଇଥିଲେ। ହଠାତ୍ ଏକ କୁମ୍ଭୀର ଆକ୍ରମଣକରି ନଦୀ ମଧ୍ୟକୁ ତାଙ୍କୁ ଟାଣିନେଉଥିଲା। ଟୁନା ସାହସକରି କୁମ୍ଭୀର ଆଖିରେ ୨ଟି ଆଙ୍ଗୁଠି ଗେଞ୍ଜି ଦେଇଥିଲେ। ଫଳରେ କୁମ୍ଭୀରଟି ଛାଡ଼ି ପାଣିକୁ ପଳାଇଯାଇଥିଲା। ସ୍ଥାନୀୟ ଲୋକେ ଟୁନାଙ୍କୁ ଉଦ୍ଧାରକରି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ତାଙ୍କ ଦୁଇ ଗୋଡ଼ରେ ଗଭୀର କ୍ଷେତ ଯୋଗୁ ରକ୍ତସ୍ରାବ ହୋଇଥିଲା। ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ମହାକାଳପଡ଼ା ରେଞ୍ଜ ଅଧିକାରୀ ଶାନ୍ତନୁକୁମାର ଦଳାଇଙ୍କୁ ପଚାରିବାରେ ନଦୀନାଳରେ ପ୍ରବେଶ ନ କରିବାକୁ ସ୍ଥାନୀୟ ନଦୀକୂଳିଆ ବାସିନ୍ଦାଙ୍କୁ ବାରଣ କରାଯାଇଛି ବୋଲି ସେ କହିଛନ୍ତି।

# ସୁନାଗହଣା ଚୋର ଦଳର ୩ ଗିରଫ

ରାଉରକେଲା,୩୦।୯ (ସଙ୍ଗୀତା ଜେନା)

ରାଉରକେଲା ସହରରେ ସୁନାଗହଣା ଚୋରି କରୁଥିବା ଏକ ଦଳର ୩ଜଣଙ୍କୁ ସେକ୍ଟର-୭ ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଲଗୋଦାମ ୱାର୍ଡ ନଂ. ୧୯ କାଳୀମନ୍ଦିର ନିକଟରେ ରହୁଥିବା ଏମ୍‌ଡି କେଫ୍ ଆଲମ୍(୧୯), ଏମ୍‌ଡ଼ି ଫରିଦ୍ ଖାନ୍(୨୪) ଏବଂ ଇରଫାନ୍ ଅଂସାରୀ(୧୯)। ସେମାନଙ୍କଠାରୁ ଗୋଟିଏ ସ୍କୁଟି, ୨ଟି ସୁନାଚେନ୍, ରୂପାଗହଣା, କଟର ମେଶିନ, ସିସିଟିଭି କ୍ୟାମେରା ଆଦି ଜବତ ହୋଇଛି। ପୋଲିସ ଏକ ମାମଲା (ନଂ.୨୧୭/୨୫) ରୁଜୁ କରି ଗିରଫ ଅଭିଯୁକ୍ତମାନଙ୍କୁ ସନ୍ଧ୍ୟା ୬ଟାରେ କୋର୍ଟଚାଲାଣ କରିଛି। ଏ ନେଇ ଅପରାହ୍ନ ୫ଟାରେ ସେକ୍ଟର-୭ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଡିଏସ୍‌ପି ଯୋଗେଶ ପଣ୍ଡା ସୂଚନା ପ୍ରଦାନ କରିଛନ୍ତି।

ଡିଏସ୍‌ପି ପଣ୍ଡା କହିଥିଲେ, ଗତ ୨୫ରେ ସେକ୍ଟର-୭ ଥାନା ଅନ୍ତର୍ଗତ ସି ବ୍ଲକ ନିବାସୀ ତନୁଜା ସୁନା(୫୦)ଙ୍କ ଏତଲା ଅନୁସାରେ, ସେପ୍ଟେମ୍ବର ୧୬ ତାରିଖରେ ସେମାନେ ସପରିବାର ପୁରୀ ଯାଇଥିଲେ। ୨୪ ତାରିଖ ସକାଳ ୧୦ଟା ୪୫ ମିନିଟ୍‌ରେ ଘରକୁ ଫେରିବା ପରେ ଚୋରି ହୋଇଥିବା ଜଣାପଡ଼ିଥିଲା। ଏ ନେଇ ତନୁଜା ଘରର ସିସିଟିଭି ଯାଞ୍ଚ କରିବାରୁ ୨୩ ତାରିଖ ରାତି ୧ଟା ୫୭ରେ ଅଭିଯୁକ୍ତମାନେ ମାସ୍କ ପିନ୍ଧି ଘରେ ପଶି ସୁନାଗହଣା ଓ ଅନ୍ୟ ସାମଗ୍ରୀ ଚୋରି କରିନେଇଥିଲେ। ସେହିପରି ମେ ମାସରେ କନକଲତା ପାଣିଗ୍ରାହୀ ନାମକ ମହିଳା ଫୁଲ ତୋଳୁଥିବା ବେଳେ ଦୁର୍ବୃତ୍ତ ତାଙ୍କ ଚେନ୍ ଛଡେଇ ନେଇ ଫେରାର ହୋଇଯାଇଥିଲେ। ପୋଲିସ ତଦନ୍ତରେ ଉଭୟ ଘଟଣାରେ ଉକ୍ତ ଅଭିଯୁକ୍ତମାନେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଜବତ ସୁନାଗହଣାଗୁଡ଼ିକ ଅଭିଯୋଗକାରୀମାନଙ୍କୁ ଫେରସ୍ତ ହେବବୋଲିଡିଏସ୍‌ପିପଣ୍ଡାକହିଛନ୍ତି।


ଓଡ଼ିଶା ସରକାର
ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଅଧିସୂଚନା

No.: ୮୬୧ Date: ୦୭।୦୮।୨୦୨୫

No. XXVIII-03: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ରାୟଗଡ଼ା ଜିଲ୍ଲାର ଟିଟିଲାଗଡ଼-ବିଜୟନଗର ତୃତୀୟ ରେଳଲାଇନ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: କୁମ୍ଭାରଗୁଡ଼ା, ତହସିଲ: କୋଲନରା, ଥାନା: ଚାନ୍ଦିଲି, ଜିଲ୍ଲା: ରାୟଗଡ଼ାରେ ନିମ୍ନ ତଫସିଲ ମତେ ପ୍ରାୟ ରକବା ଏ.୧.୨୪୦ଡି. ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act-2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ରାୟଗଡ଼ା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ: ଟିଟିଲାଗଡ଼-ବିଜୟନଗରମ ତୃତୀୟ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ: ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ) ବିଶାଖାପାଟଣା
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ: ଏହି ପ୍ରକଳ୍ପ ଦ୍ୱାରା କୌଣସି ଲୋକ ବିସ୍ଥାପିତ ହେବା ଆବଶ୍ୟକ ହେଉନାହିଁ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ: ଉକ୍ତ ପ୍ରକଳ୍ପ ପାଇଁ SIA Study vide No. SIA - ୧୬୩/NCDS ତା୦୨।୦୬।୨୦୨୫ରିଖ ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ: ଉପ ଜିଲ୍ଲାପାଳ, ରାୟଗଡ଼
୬. ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ରାୟଗଡ଼ା | କୋଲନରା | କୁମ୍ଭାରଗୁଡ଼ା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏ୩.୦୫ଡି. | ଏ୧.୨୪୦ଡି | ଏଥିସହ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରାୟଗଡ଼ାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ। ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦେୟ ସୃଷ୍ଟି ରାୟଗଡ଼ା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା./- ଜିଲ୍ଲାପାଳ, ରାୟଗଡ଼

ଭୂମି ଅଧିଗ୍ରହଣ ଅନୁସୂଚୀ

ମୌଜା: କୁମ୍ଭାରଗୁଡ଼ା (ଗ୍ରାମାଞ୍ଚଳ), ତହସିଲ: କୋଲନରା, ଥାନା: ଚାନ୍ଦିଲି, ଜିଲ୍ଲା: ରାୟଗଡ଼ା
ପୂର୍ବତଟ ଟିଟଲାଗଡ଼-ବିଜୟନଗରମ୍ ତୃତୀୟ ରେଳପଥ ପ୍ରକଳ୍ପ ନିମନ୍ତେ

| ଖାତା ନଂ. | ସ୍ୱତ୍ୱ | କିସମ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ରୟତଙ୍କ ନାମ, ପିତାଙ୍କ ନାମ/ ସ୍ୱାମୀଙ୍କ ନାମ |
|---|---|---|---|---|---|---|
| ୯ | ରୟତି | ଧାନ/୨ | ୨୬୦ | ୦.୧୯ | ୦.୦୯୦ | ସାନକାଶୀ ମଙ୍ଗୁଲ, ପି.: କାଶୀ ବୁଡୁ, ଜା: କୁମ୍ଭାର, ବା: କୁମ୍ଭାରଗୁଡ଼ା |
| | ରୟତି | ଧାନ/୩ | ୨୫୯ | ୦.୧୪ | ୦.୦୭୦ | |
| | ରୟତି | ଡଙ୍ଗର/୨ | ୨୫୫ | ୦.୧ | ୦.୧ | |
| | ରୟତି | ଡଙ୍ଗର/୨ | ୧୦୧ | ୦.୨୧ | ୦.୦୫୦ | |
| ୮ | ରୟତି | ଧାନ/୨ | ୨୪୬ | ୦.୫୧ | ୦.୦୯୦ | ବଡ଼କାଶୀ ମଙ୍ଗୁଲ, ପି.: ବଡ଼କାଶୀ ମଧୁ, ଜା: କୁମ୍ଭାର, ବା: କୁମ୍ଭାରଗୁଡ଼ା |
| ୧୨ | ରୟତି | ଧାନ/୩ | ୨୫୭ | ୦.୧ | ୦.୧ | ରାଧାମଣି କାଶୀ, ସ୍ୱା.: ସୁକୁରୁ କାଶୀ, ବିର କାଶୀ, ରମା କାଶୀ, ଅଁଳା କାଶୀ, ଜା: କୁମ୍ଭାର, ବା: କୁମ୍ଭାରଗୁଡ଼ା |
| | ରୟତି | ଡଙ୍ଗର/୨ | ୨୫୬ | ୦.୦୫ | ୦.୦୫ | |
| ୦୪ | ରୟତି | ଧାନ/୨ | ୨୪୫ | ୦.୨୬ | ୦.୦୩୦ | କାଶୀ ଡୈଳ, ପି.: କାଶୀ ଅର୍ଜୁନ, ଜା: କୁମ୍ଭାର, ବା: କୁମ୍ଭାରଗୁଡ଼ା |
| | ରୟତି | ଧାନ/୩ | ୨୫୮ | ୦.୧୧ | ୦.୦୩୦ | |
| | ରୟତି | ଡଙ୍ଗର/୩ | ୧୦୦ | ୦.୪୮ | ୦.୦୩୦ | |
| | ରୟତି | ଡଙ୍ଗର/୨ | ୯୫ | ୦.୯୦ | ୦.୬୦୦ | |
| | | | ମୋଟ | ୩.୦୫ | ୧.୨୪୦ | ଏକର |

ସ୍ୱା./- ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ
ଟିଟିଲାଗଡ଼-ବିଜୟନଗରମ ତୃତୀୟ ରେଳପଥ,
ରାୟଗଡ଼

OIPR-24169/14/0013/2526


# ଭସାଣି ଉତ୍ସବ ପାଇଁ ଟ୍ରାଫିକ୍ କଟକଣା

## କମିଶନରେଟ୍ ପୋଲିସ ଜାରିକଲା ନିର୍ଦ୍ଦେଶନାମା

ଭୁବନେଶ୍ୱର,୩୦।୯(ସତ୍ୟଜିତ ରାଉତ)

ରାଜଧାନୀରେ ମା' ଦୁର୍ଗା ମେଢ଼ ଭସାଣି ଉତ୍ସବ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ କିଛି ନିର୍ଦ୍ଦିଷ୍ଟ ରାସ୍ତାରେ କଟକଣା ଲାଗୁ କରାଯାଇଛି। ଏନେଇ ପୋଲିସ ପକ୍ଷରୁ ମଙ୍ଗଳବାର ନିର୍ଦ୍ଦେଶନାମା ଜାରି ହୋଇଛି। ଶୁକ୍ରବାର ୪ ରାସ୍ତାରେ ୪ଟି କମିଟି ଭସାଣି ଉତ୍ସବ ପାଳନ କରିବ। ଭୁବନେଶ୍ୱର ଭସାଣି ଉତ୍ସବ କମିଟି (ଶହୀଦନଗର), ରାଜଧାନୀ ମନ୍ଦିର ସୁରକ୍ଷା ଭସାଣି କମିଟି (ନୟାପଲ୍ଲୀ), ଉତ୍ତର ଭୁବନେଶ୍ୱର ଭସାଣି କମିଟି (ଚନ୍ଦ୍ରଶେଖରପୁର) ଓ ଓଲ୍ଡ ଟାଉନ ଭସାଣି କମିଟି ଏଥିପାଇଁ ପ୍ରସ୍ତୁତି କରିଛି। ଶୁକ୍ରବାର ଅପରାହ୍ନ ୨ଟା ଠାରୁ ରାତି ୧ଟା ଯାଏ କଟକଣା ବଳବତ୍ତର ରହିବ ବୋଲି କୁହାଯାଇଛି। ଶହୀଦନଗର ଭସାଣି କମିଟିର ମେଢ଼ଗୁଡ଼ିକ ଶହୀଦନଗରରେ ଏକତ୍ରିତ ହୋଇ ସେଠାରୁ ରାଜମହଲଛକ ଭାୟା ରାମ ମନ୍ଦିର ଛକ, ମାଷ୍ଟର କ୍ୟାଣ୍ଟିନ୍ ଛକ ହୋଇ ଯିବ। ଏତିକିବେଳେ କୌଣସି ଗାଡ଼ି ଜନପଥରେ ଯାଇପାରିବ ନାହିଁ। ଉକ୍ତ ଗାଡ଼ିଗୁଡିକ ସଚିବାଳୟ ମାର୍ଗ ଓ ଏହାର ସଂଲଗ୍ନ ରାସ୍ତା ଦେଇ ଯାଇପାରିବ। ନୟାପଲ୍ଲୀ ଭସାଣି କମିଟିର ସବୁ ମେଢ଼ ନୟାପଲ୍ଲୀରେ ଏକତ୍ରିତ ହୋଇ ସେଠାରୁ ସୁର କମ୍ପାନୀ ଛକ ଭାୟା ନୟାପଲ୍ଲୀ ଅଣ୍ଡରପାସ୍, ସିଆର୍‌ପି ଛକ, ଡିଏଭି ଛକ ଡାହାଣ ମୋଡ଼ ନେଇ ଗୋପବନ୍ଧୁ ଛକ, ଶିରିପୁର ଛକ ହୋଇ ଯିବ। ଏହି ସମୟରେ ସିଆର୍‌ପି ଛକ ପାର୍ଶ୍ୱରୁ ଜୟଦେବ ବିହାର ଆଡ଼କୁ ଯିବାକୁ ଚାହୁଁଥିବା ଗାଡ଼ିଗୁଡ଼ିକ ସିଆର୍‌ପି ଛକରୁ ଏକାମ୍ର ପାର୍କ ରାସ୍ତା ଦେଇଯିବ। ଏହି ସମୟରେ ଷ୍ଟୁଆର୍ଟ ସ୍କୁଲ୍ ରାସ୍ତା, ୟୁନିଟ୍-୮ ରାସ୍ତା, ଓୟୁଏଟି ଛକ-ନିୟୁ ଏୟାରପୋର୍ଟ ରାସ୍ତାରେ ଯାଉଥିବା ଗାଡ଼ିଗୁଡ଼ିକ ଏହାର ସଂଲଗ୍ନ ରାସ୍ତା ଦେଇଯିବ। ସେହିପରି ଚନ୍ଦ୍ରଶେଖରପୁର ଭସାଣି କମିଟିର ସବୁ ମେଢ କ୍ଲବ ଟାଉନ ଆପାର୍ଟମେଣ୍ଟ ପଡ଼ିଆରେ ଏକତ୍ରିତ ହୋଇ ସେଠାରୁ ନାଲ୍‌କୋ ଛକ ହୋଇ ଯିବ। ଶୋଭାଯାତ୍ରାବେଳେ ନନ୍ଦନକାନନ ଛକ ପଟୁ ଜୟଦେବ ବିହାର ଛକଆଡ଼କୁ ଆସୁଥିବା ଗାଡ଼ିଗୁଡ଼ିକ କିଟ୍ କିମ୍ବା କଳାରାହାଙ୍ଗ ଛକଠାରେ ଥିବା ସଂଲଗ୍ନ ରାସ୍ତା ଦେଇଯିବ। ଶୋଭାଯାତ୍ରାବେଳେ ଖୋର୍ଦ୍ଧାରୁ ଭୁବନେଶ୍ୱର ଆସୁଥିବା ଭାରିଯାନ ବସ୍‌ଗୁଡ଼ିକ ସର୍ଭିସ୍ ରୋଡରେ ଚଳାଚଳ କରିପାରିବ ନାହିଁ। ସେହି ଗାଡ଼ିଗୁଡ଼ିକ କେବଳ ଏନ୍‌ଏଚ୍‌ରେ ଯିବ। ଏହାଛଡ଼ା ଭୁବନେଶ୍ୱର ସହରର ବିଭିନ୍ନ ରାସ୍ତାରେ ଅନ୍ୟ ପୂଜା କମିଟିମାନଙ୍କ ଦ୍ୱାରା ବ୍ୟକ୍ତିଗତ ବିସର୍ଜନ ଶୋଭାଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ନିୟମ ଉଲ୍ଲଂଘନକାରୀଙ୍କୁ ଓଡ଼ିଶା ଅର୍ବାନ ପୋଲିସ ଆକ୍ଟ-୨୦୦୩ ଧାରା ୯୭ ଅନୁଯାୟୀ ଜରିମାନା ଆଦାୟ କରାଯିବ। ଅପରପକ୍ଷରେ ବିସର୍ଜନ ପାଇଁ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ବ୍ୟବସ୍ଥା କରାଯାଇଛି। କୁଆଖାଇ ନଦୀ ନିକଟରେ ଦୁଇ ସ୍ଥାନ (ପଳାଶୁଣୀ ଏବଂ ହଂସପାଳ), ଲିଙ୍ଗିପୁର ପୁରୀ ରାସ୍ତାରେ ଦୟା ନଦୀ ନିକଟ, ଜଟଣୀ ସେଞ୍ଚୁରିଆନ କ୍ୟାମ୍ପସ ପାର୍ଶ୍ୱ, ଚନ୍ଦକା ପଞ୍ଚାୟତ ଅଧୀନ ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ନିକଟ ଅସ୍ଥାୟୀ ସ୍ଥାନ ଏବଂ ଭିଙ୍ଗାରପୁର ପଞ୍ଚାୟତ ଅନ୍ତର୍ଗତ କେନାଲ ପାର୍ଶ୍ୱ ନିକଟସ୍ଥ ରାମଚନ୍ଦ୍ରପୁରରେ ଅସ୍ଥାୟୀ ପୁଷ୍କରିଣୀରେ ବିସର୍ଜନ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

**୨ଦିନରେ ୩୮ କୋଟି ଗ୍ରାହକଙ୍କ ଆମାଜନ୍ ପରିଦର୍ଶନ**

ଭୁବନେଶ୍ୱର: ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲକୁ ୨ ଦିନରେ ୩୮ କୋଟିରୁ ଅଧିକ ଗ୍ରାହକ ପରିଦର୍ଶନ କରି ଜିଏସ୍‌ଟି ଲାଭ ସହ ସଞ୍ଚୟ, ସର୍ବନିମ୍ନ ମୂଲ୍ୟରେ ୧ ଲକ୍ଷରୁ ଅଧିକ ଉତ୍ପାଦ ପ୍ରଦେଶ ଏବଂ ଆପଲ, ସାମସଙ୍ଗ୍, ୱାନ୍‌ପ୍ଲସ୍, ଆଇକ୍ୟୁଓଓ, ସୋନି, ଏଚ୍‌ପି, ଏଲ୍‌ଜି, ବୋସ୍, ହାୟର, ଟିଟାନ, ଲାକ୍‌ମେ ଏବଂ ଲିଭାଇସ୍ ଭଳି ବ୍ରାଣ୍ଡର ସ୍ମାର୍ଟଫୋନ୍, ଲାପ୍‌ଟପ୍, ଟିଭି, ଫ୍ୟାଶନ ଏବଂ ସୌନ୍ଦର୍ଯ୍ୟ, ଗୃହ ସାଜସଜ୍ଜା, ଉପକରଣ, ଫର୍ନିଚର ଏବଂ ଗ୍ରୋସେରି ସାମଗ୍ରୀ ସମେତ ବିଭିନ୍ନ ବର୍ଗରେ ୩୦ ହଜାରରୁ ଅଧିକ ନୂତନ ଉତ୍ପାଦ ସହ ସଞ୍ଚୟ ଉପଭୋଗ କରିଛନ୍ତି।

# ଆର୍‌ବିଆଇ ଗଠନକଲା ପେମେଣ୍ଟ ରେଗୁଲେଟେରି ବୋର୍ଡ

ଭୁବନେଶ୍ୱର, ୩୦।୯
(ଅନୁରାଧା ମହାରଣା)



- କେନ୍ଦ୍ର ସରକାରଙ୍କ ପ୍ରତିନିଧି ସାମିଲ
- ସୁରକ୍ଷିତ ଡିଜିଟାଲ ପେମେଣ୍ଟ ଉପରେ ଗୁରୁତ୍ୱ

ଭାରତରେ ଡିଜିଟାଲ ପେମେଣ୍ଟ ସିଷ୍ଟମ ଦ୍ରୁତଗତିରେ ବୃଦ୍ଧିପାଉଛି। ୟୁପିଆଇ, ନେଟ୍‌ବ୍ୟାଙ୍କିଙ୍ଗ୍, କାର୍ଡ ପେମେଣ୍ଟ ଓ ଡିଜିଟାଲ ୱାଲେଟର ବ୍ୟବହାର ବୃଦ୍ଧି ସହ ସୁରକ୍ଷା, ପାରଦର୍ଶିତା ଓ ନିରୀକ୍ଷଣକୁ ଅଧିକ ମଜଭୁତ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଆର୍‌ବିଆଇ ମଙ୍ଗଳବାର ଦେଶର ପେମେଣ୍ଟ ସିଷ୍ଟମର ନିୟନ୍ତ୍ରଣ ଓ ନିରୀକ୍ଷଣ ପାଇଁ ପେମେଣ୍ଟ ରେଗୁଲେଟରି ବୋର୍ଡ (ପିଆର୍‌ବି) ଗଠନ କରିଛି। ପୂର୍ବରୁ କାର୍ଯ୍ୟ କରୁଥିବା ବୋର୍ଡ ଫର୍ ରେଗୁଲେଶନ ଆଣ୍ଡ ସୁପରଭିଜନ ଅଫ୍ ପେମେଣ୍ଟ ଆଣ୍ଡ ସେଟଲମେଣ୍ଟ ସିଷ୍ଟମ (ବିପିଏସ୍‌ଏସ୍)ର ପରିବର୍ତ୍ତେ ଏହି ବୋର୍ଡ ଗଠନ କରାଯାଇଛି। ତେବେ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ପ୍ରଥମ ଥର ପାଇଁ ଏହି ବୋର୍ଡରେ କେନ୍ଦ୍ର ସରକାରଙ୍କ ପ୍ରତିନିଧିମାନଙ୍କୁ ସାମିଲ କରାଯାଇଛି। ପିଆର୍‌ବିରେ ମୋଟ ୬ ଜଣ ସଦସ୍ୟ ରହିବେ। ଆର୍‌ବିଆଇ ଗଭର୍ନର ଏହାର ଅଧ୍ୟକ୍ଷତା କରିବେ। ଆର୍‌ବିଆଇର ୨ ଜଣ ସଦସ୍ୟ ଏବଂ ଜଣେ ଡେପୁଟି ଗଭର୍ନର ଏବଂ ଜଣେ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ରହିବେ। ଏମାନେ ପେମେଣ୍ଟ ଓ ସେଟଲମେଣ୍ଟ ସିଷ୍ଟମର ଦାୟିତ୍ୱରେ ରହିବେ। ଏହା ସହ କେନ୍ଦ୍ର ସରକାରଙ୍କ ପକ୍ଷରୁ ୩ ଜଣ ସଦସ୍ୟ ଭାବେ ସଚିବ, ଆର୍ଥିକ ସେବା ବିଭାଗ ସଚିବ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ସଚିବ ଏବଂ ପୂର୍ବତନ ଦୂରସଞ୍ଚାର ସଚିବ ଅରୁଣା ସୁନ୍ଦରରାଜନ ରହିବେ। ଏହା ସହ ଆର୍‌ବିଆଇର ପ୍ରିନ୍ସିପାଲ ଲିଗାଲ ଆଡଭାଇଜର ବୋର୍ଡର ବୈଠକରେ ସ୍ଥାୟୀ ଆମନ୍ତ୍ରିତ ସଦସ୍ୟ ଭାବେ ଉପସ୍ଥିତ ରହିବେ। ପୂର୍ବରୁ ବିପିଏସ୍‌ଏସ୍‌ରେ ୫ ସଦସ୍ୟ ରହୁଥିବାବେଳେ ଆର୍‌ବିଆଇ ଗଭର୍ନର ଏଥିରେ ଅଧ୍ୟକ୍ଷତା କରୁଥିଲେ। ମାତ୍ର ଏଥିରେ କୌଣସି ସରକାରୀ ପ୍ରତିନିଧିଙ୍କୁ ସାମିଲ କରାଯାଉ ନ ଥିଲା। ନୂଆ ପିଆର୍‌ବିରେ ୩ ଜଣ କେନ୍ଦ୍ରୀୟ ପ୍ରତିନିଧିଙ୍କୁ ସ୍ଥାନ ଦିଆଯାଇଛି, ଯାହା ଏହାକୁ ପୂର୍ବାପେକ୍ଷା ଅଧିକ ବ୍ୟାପକ ଓ ଉତ୍ତରଦାୟୀ କରିଛି। ଆର୍‌ବିଆଇ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ, ପେମେଣ୍ଟ ରେଗୁଲେଟରି ବୋର୍ଡର ବୈଠକ ବର୍ଷକୁ ଅତି କମ୍‌ରେ ୨ଥର ହେବ। ଆବଶ୍ୟକତା ଅନୁଯାୟୀ ଅତିରିକ୍ତ ବୈଠକ ମଧ୍ୟ ଡକାଯାଇପାରେ।

ଏହି ନୂଆ ବୋର୍ଡ ଡିଜିଟାଲ ଆର୍ଥିକ କାରବାର ଉପରେ ନିରୀକ୍ଷଣକୁ ଆହୁରି କଡ଼ାକଡ଼ି କରିବ। ଗ୍ରାହକମାନେ ଠକେଇ ଓ ଟେକ୍ନିକାଲ ତ୍ରୁଟିରୁ ଅଧିକ ସୁରକ୍ଷା ପାଇବେ। ଏହା ସହ ପେମେଣ୍ଟ ସିଷ୍ଟମ ନୀତି ନିର୍ଦ୍ଧାରଣରେ ସରକାର ଓ ଆର୍‌ବିଆଇର ସିଧାସଳଖ ଭୂମିକା ରହିବ ବୋଲି ଆଶା କରାଯାଉଛି।

# ସ୍ମାଇଲ୍ ଗୋଲ୍ଡର ୧୩ ଭାଗ୍ୟଶାଳୀ ବିଜେତା ପୁରସ୍କୃତ

ଭୁବନେଶ୍ୱର, ୩୦।୯
(ଅନୁରାଧା ମହାରଣା)




**ଜୟଦୁର୍ଗା କେମିକାଲ୍ସର ୨୭ ତମ ପ୍ରତିଷ୍ଠା ଦିବସ**
**୧୦ ସଫଳ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧନା**

ଭୁବନେଶ୍ୱର ପଳାଶୁଣିସ୍ଥିତ ଜୟଦୁର୍ଗା କେମିକାଲ୍ସର ୨୭ତମ ପ୍ରତିଷ୍ଠା ଦିବସ ଅବସରରେ ଜୟଦୁର୍ଗା ପେଟ୍ ଇଣ୍ଡଷ୍ଟ୍ରି, ଜୟଦୁର୍ଗା ହୋମ୍ କେୟାର ପ୍ରଡକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ସ୍ମାଇଲ ହେଲଥ କେୟାର ଏବଂ ସ୍ମାଇଲ୍ ଗୋଲ୍ଡ ଜୁଏଲର୍ସ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଏକ ରେସୋର୍ଟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଇଂ. ବାବୁରାମ ସ୍ୱାଇଁଙ୍କ ଉପସ୍ଥିତିରେ ୧୦ ଜଣ ସଫଳ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସ୍ମାଇଲ ଗୋଲ୍ଡ ଜୁଏଲର୍ସର ୧୩ ଜଣ ଲକି ଡ୍ର ବିଜେତାଙ୍କ ନାମ ଘୋଷଣା କରାଯାଇଥିଲା। ଉପହାରରେ ଜଣେ ବିଜେତା ଏକ ସ୍କୁଟି ପାଇଥିବାବେଳେ ଜଣେ ଲେଖାଏ ଭାଗ୍ୟଶାଳୀ ବିଜେତାଙ୍କୁ ଏଲଇଡି ଟିଭି ଓ ରେଫ୍ରିଜରେଟର ପ୍ରଦାନ କରାଯାଇଥିଲା। ଅନ୍ୟ ୧୦ ଜଣ ଗ୍ରାହକଙ୍କୁ ହାତଘଣ୍ଟା ପ୍ରଦାନ କରାଯାଇଥିଲା। ଉପସ୍ଥାପିକା ପ୍ରେରଣା ସମସ୍ତ ବିଜେତାଙ୍କ ନାମ ଘୋଷଣା କରିଥିବାବେଳେ କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ ମଧ୍ୟ ସାମିଲ ହୋଇଥିଲେ। କଣ୍ଠଶିଳ୍ପୀ ପାମେଲା ଜେନଙ୍କ କଣ୍ଠରେ ସୁମଧୁର ଓଡ଼ିଆ ସଙ୍ଗୀତ ଦର୍ଶକଙ୍କୁ ଆକର୍ଷିତ କରିଥିଲା।

# କଣିହାଁ ଏନ୍‌ଟିପିସିକୁ ୨ ରୌପ୍ୟ ପୁରସ୍କାର




ତାଳଚେର,୩୦।୯ (ମନୋଜ ନନ୍ଦ)

ଭାରତୀୟ ଜନସମ୍ପର୍କ ପରିଷଦ (ପିଆରସିଆଇ) ପକ୍ଷରୁ ଗୋଆରେ ଅନୁଷ୍ଠିତ ୧୯ତମ ବିଶ୍ୱ ଯୋଗାଯୋଗ ସମ୍ମିଳନୀରେ ଏନ୍‌ଟିପିସି ଲିମିଟେଡ୍ ବିଭିନ୍ନ ବର୍ଗରେ ମୋଟ ୧୨ଟି ପୁରସ୍କାର ହାସଲ କରିଛି। ଏଥିରେ ୧ଟି ସ୍ୱର୍ଣ୍ଣ, ୨୮ ରୌପ୍ୟ, ୪୨ କାଂସ୍ୟ ଏବଂ ୪ଟି ସାମ୍ମାନିକ ପୁରସ୍କାର ରହିଛି। ଏହାସହ ଏନ୍‌ଟିପିସିକୁ ଚାମ୍ପିୟନ୍ ଅଫ୍ ଚାମ୍ପିୟନ୍ସ ଟ୍ରଫି ପାଇଁ ପ୍ରଥମ ରନର୍ସଅପ୍ ଭାବେ ସମ୍ମାନିତ କରାଯାଇଥିଲା। ଏନ୍‌ଟିପିସି ତାଳଚେର କଣିହାଁ ୨ଟି ରୌପ୍ୟ ପୁରସ୍କାର ପାଇଛି। ରୋଟିଭ କର୍ପୋରେଟ ଯୋଗାଯୋଗରେ ଉତ୍କର୍ଷ ପାଇଁ ଏବଂ ଅନ୍ୟଟି କର୍ପୋରେଟ ଫିଲ୍ମ ବର୍ଗରେ ମିଳିଛି। ମାନବ ସମ୍ବଳ ଅଭ୍ୟାସ, ସମ୍ପ୍ରଦାୟ ବିକାଶ ଏବଂ ସିଏସ୍‌ଆର୍ ପ୍ରକଳ୍ପ, କର୍ପୋରେଟ ଯୋଗାଯୋଗ ଅଭିଯାନ, ଡିଜିଟାଲ ପ୍ଲାଟ୍‌ଫର୍ମ, କର୍ମଚାରୀ ନିୟୋଜିତ କାର୍ଯ୍ୟକଳାପ ଏବଂ ଜନଚେତ୍ନା ସମେତ ଏକ ବିସ୍ତୃତ କ୍ଷେତ୍ର ପାଇଁ ଏନ୍‌ଟିପିସିକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ତାପଜ, ଜଳ, ସୌର ଏବଂ ପବନ ଶକ୍ତି କେନ୍ଦ୍ରର ବିବିଧ ପୋର୍ଟଫୋଲିଓ ସହ ଏନ୍‌ଟିପିସି ଦେଶକୁ ବିଦ୍ୟୁତ୍ ଯୋଗାଣ କରୁଛି। ୨୦୩୨ ସୁଦ୍ଧା ୬୦ ଗିଗାୱାଟ୍ ନବୀକରଣୀୟ ଶକ୍ତି କ୍ଷମତା ହାସଲ କରିବାକୁ ଏନ୍‌ଟିପିସି ଲକ୍ଷ୍ୟ ରଖିଛି।

# କିସ୍‌ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲେରିର ୨ୟ ଶୋ'ରୁମ୍

ଭୁବନେଶ୍ୱର,୩୦।୯
(ଅନୁରାଧା ମହାରଣା)



କିସ୍‌ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲେରି ପକ୍ଷରୁ ଭୁବନେଶ୍ୱର ସୌଭାଗ୍ୟନଗରସ୍ଥିତ ଷ୍ଟାଲୱାର୍ଟ ହାଇଟାରେ ଏହାର ୨ୟ ଏକ୍ସକ୍ଲୁସିଭ ଶୋ'ରୁମର ଶୁଭାରମ୍ଭ କରାଯାଇଛି। ଉଦ୍‌ଘାଟନ ସମାରୋହରେ ହରିକ୍ରିଷ୍ଣା ଗ୍ରୁପର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଘନଶ୍ୟାମ ଢୋଲକିଆ ଯୋଗଦେଇଥିଲେ। ଏହି ଅବସରରେ କିସ୍‌ନା ପକ୍ଷରୁ ହୀରା ଅଳଙ୍କାରର ମେକିଂ ଚାର୍ଜ ଉପରେ ୭୫% ପର୍ଯ୍ୟନ୍ତ ରିହାତି ଏବଂ ସୁନା ଅଳଙ୍କାରର ମେକିଂ ଚାର୍ଜ ଉପରେ ୨୫% ପର୍ଯ୍ୟନ୍ତ ରିହାତି ପ୍ରଦାନ କରିବା ସହ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ ଓ ଡେବିଟ୍ କାର୍ଡ ଉପରେ ଅତିରିକ୍ତ ୫%ର ତତ୍କାଳ ରିହାତି ପ୍ରଦାନ କରୁଛି। କିସ୍‌ନା ପକ୍ଷରୁ ଆରମ୍ଭ ହୋଇଥିବା ଏକ ସ୍ୱତନ୍ତ୍ର ଶପ୍ ଆଣ୍ଡ ୱିନ୍ କ୍ୟାମ୍ପେନ ମାଧ୍ୟମରେ ଗ୍ରାହକମାନେ ସୁନା ଓ ହୀରା ଅଳଙ୍କାର କ୍ରୟ ଉପରେ ୧୦୦୦ରୁ ଅଧିକ ସୁନାର ଓ ୨୦୦ରୁ ଅଧିକ କାର୍ ଜିତିବାର ଏକ ସୁଯୋଗ ପାଇପାରିବେ। ହରିକ୍ରିଷ୍ଣା ଗ୍ରୁପର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଘନଶ୍ୟାମ ଢୋଲକିଆ କହିଛନ୍ତି, ଭାରତର ପ୍ରତ୍ୟେକ ମହିଳାଙ୍କ ପାଖରେ ହୀରା ଅଳଙ୍କାରକୁ ପହଞ୍ଚାଇବା ଆମର ଲକ୍ଷ୍ୟ ରହିଛି। ଏହି ଶୁଭାରମ୍ଭ ଆମକୁ ଆମର ଦୃଷ୍ଟିକୋଣ 'ହର୍ ଘର୍ କିସ୍‌ନା'ର ନିକଟତର କରିଛି। ଶୁଭାରମ୍ଭ ଅବସରରେ କିଟ୍ ଏବଂ କିସ୍‌ନର ପ୍ରତିଷ୍ଠାତା ଅଦ୍ଭୁତ ସାମନ୍ତ ମଧ୍ୟ ଯୋଗଦେଇଥିଲେ। କିସ୍‌ନାର ନିର୍ଦ୍ଦେଶକ ପରାଗ ଶାହ କହିଛନ୍ତି, ନବରାତ୍ରି ଅବସରରେ ଆମର ଭୁବନେଶ୍ୱର ଶୋ'ରୁମ୍ ଲଞ୍ଚ କରିବା ସଫଳତାକୁ ଆହୁରି ସ୍ୱତନ୍ତ୍ର କରିଛି। କିସ୍‌ନାର ଫ୍ରାଞ୍ଚାଇଜ ପାର୍ଟନର ସୁଶୀଲ ଓ ଶୁଭମ ସେନାପତି କହିଛନ୍ତି, ଗ୍ରାହକଙ୍କୁ ନୂତନ ଡିଜାଇନ ପ୍ରଦାନକରି ସେମାନଙ୍କର ଉତ୍ସବକୁ ଆହୁରି ସ୍ୱତନ୍ତ୍ର କରାଯିବ।

# ସ୍ମାର୍ଟ ବଜାରର 'ଫେଷ୍ଟିଭ୍ ରେଡି ସେଲ୍'

ଭୁବନେଶ୍ୱର, ୩୦।୯
(ଅନୁରାଧା ମହାରଣା)




ସ୍ମାର୍ଟ ବଜାର ପକ୍ଷରୁ ଅକ୍ଟୋବର ୧ରୁ ୫ ତାରିଖ ପର୍ଯ୍ୟନ୍ତ 'ଫେଷ୍ଟିଭ ରେଡି ସେଲ୍' ଘୋଷଣା କରାଯାଇଛି। ଏହି ଅବଧି ମଧ୍ୟରେ ସ୍ମାର୍ଟ ବଜାର ଗ୍ରାହକମାନଙ୍କୁ ବିସ୍ତୃତ ଉତ୍ପାଦ ଓ ଆକର୍ଷଣୀୟ ଅଫର ପ୍ରଦାନ କରିବ। ଏଥିରେ ଫ୍ୟାଶନ, ଘର ସାଜସଜ୍ଜା, ଉପହାର, ଖାଦ୍ୟ ସାମଗ୍ରୀ ଆଦିରେ ମଧ୍ୟ ରିହାତି ମିଳିବ। ରିଲାଏନ୍ସ ରିଟେଲ-ଭାଲ୍ୟୁ ଫର୍ମାଟର ସିଇଓ ଦାମୋଦର ମଲ କହିଛନ୍ତି, ସ୍ମାର୍ଟ ବଜାର ଆମ ଗ୍ରାହକଙ୍କ ପାଇଁ ସୁଲଭ ମୂଲ୍ୟରେ ସମସ୍ତ ଉତ୍ସବ ଆବଶ୍ୟକତା ପୂରଣ କରିବାକୁ ପ୍ରସ୍ତୁତ। ଏହି ଫେଷ୍ଟିଭ ରେଡି ସେଲ୍ ମାଧ୍ୟମରେ ଆମେ ଆମ ସମସ୍ତ ସ୍ମାର୍ଟ ପରିବାର ସହ ଉତ୍ସବ ପାଳନ କରିବୁ। ଏହି ସେଲ୍ ମାଧ୍ୟମରେ ଯେକୌଣସି ଏକ ମିଠା କିମ୍ବା ଡ୍ରାଏ ଫ୍ରୁଟସ୍ କିଣିଲେ ଆଉ ଏକ ମାଗଣା ପାଇପାରିବେ। ସେହିପରି ମାତ୍ର ୪୯ ଟଙ୍କାରୁ ଆରମ୍ଭ ହୋଇ ୯,୯୯୯ ଟଙ୍କା ପର୍ଯ୍ୟନ୍ତ ସବୁ ବର୍ଗର ଗ୍ରାହକଙ୍କୁ ସୁହାଇଲା ଭଳି ଉପହାର ଉପଲବ୍ଧ ହୋଇଛି। ବିସ୍କୁଟ ଓ ଚକୋଲେଟ୍ ହ୍ୟାମ୍ପର ଆଦିରେ ୭୦% ପର୍ଯ୍ୟନ୍ତ ରିହାତି ରହିଛି। ସ୍ପେଶାଲ ଫେଷ୍ଟିଭ କମ୍ବୋରେ ୫ କିଲୋ କୋହିନୁର ବାସ୍‌ମତି ଚାଉଳ ସହ ୨.୫ ଲିଟର ଫର୍ଚ୍ୟୁନ ରାଇସ୍ ବ୍ରାନ୍ ତେଲ ମାତ୍ର ୬୯୯ ଟଙ୍କାରେ ଗ୍ରାହକ ପାଇପାରିବେ। ସେହିପରି କୋଲ୍ଡ ଡ୍ରିଙ୍କ୍ସ ଓ ଜୁସ୍‌ରେ ୩୩% ପର୍ଯ୍ୟନ୍ତ ରିହାତି ଦିଆଯିବ। ୧୯୯ ଟଙ୍କାରୁ କମ୍‌ରେ ଘରସଜା ସାମଗ୍ରୀ ମିଳିପାରିବ। ସୂଚନା ଥାଉକି, ଭାରତର ୯୫୦ରୁ ଅଧିକ ଷ୍ଟୋରରେ ସ୍ମାର୍ଟ ବଜାର ଦୈନିକ ଆବଶ୍ୟକତା ଓ ଉତ୍ସବ ଜିନିଷକୁ ସବୁଠୁ କମ୍ ମୂଲ୍ୟରେ ପ୍ରଦାନ କରୁଛି।

## ଅପରାଧ

# ୮୦ ଲକ୍ଷର ବାଣ ଜବତ

କୁଆଁରମୁଣ୍ଡା, ୩୦।୯(ମହେନ୍ଦ୍ର କୁମାର ସାହୁ)


ବୀରମିତ୍ରପୁର ପୋଲିସ ବାଣ ଜବତ କରିବା ପରେ ଥାନାକୁ ନେବା ଲାଗି ଗାଡ଼ିରେ ବୋଝେଇ କରାଯାଉଛି।

ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ଥାନା ପୋଲିସ ମଙ୍ଗଳବାର ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବାଣ ଜବତ କରିଛି। ବେଆଇନ ବାଣ କାରବାରକୁ ରୋକିବା ପାଇଁ ଅପରେଶନ ଅଗ୍ନିକୁ କୋର୍‌ଦାର କରି ସୁନ୍ଦରଗଡ଼ ଜିଲ୍ଲା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଅଭିଯାନ ଚଳାଇଛି। ବୀରମିତ୍ରପୁର ପୌରପାଳିକା ଅନ୍ତର୍ଗତ ଗୋଲବଜାର ନିକଟରେ ୨ଜଣ ବ୍ୟବସାୟୀ ବେଆଇନ ଭାବେ ବିପୁଳ ପରିମାଣର ବାଣ ରଖିଥିବା ସୂଚନା ପାଇ ବୀରମିତ୍ରପୁର ଆଇଆଇସି ରାମପ୍ରସାଦ ନାଗ ସଦଳବଳ ସୋମବାର ରାତିରେ ସେଠାରେ ଚଢ଼ାଉ କରିଥିଲେ। ଜଣେ ବ୍ୟବସାୟୀଙ୍କ ଗୋଦାମ ଓ ଅନ୍ୟ ଜଣେ ବ୍ୟବସାୟୀଙ୍କ ଗୋଦାମ ସହ ଆବାସିକ ଘରେ ଲୁଚାଇ ରଖାଯାଇଥିବା ମୋଟ ୫୪୫ ପେଟି ବାଣ ଜବତ କରାଯାଇଛି। ଉକ୍ତ ବାଣ ଜବତ ପରେ ୧୭ଟି ପିକ୍‌ଅପ୍ ଭ୍ୟାନ୍‌ରେ ବୋଝେଇ କରି ଥାନାକୁ ଅଣାଯାଇଛି ବୋଲି ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର ମଙ୍ଗଳବାର ଅପରାହ୍ନରେ ବୀରମିତ୍ରପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଜବତ ହୋଇଥିବା ବାଣର ଆନୁମାନିକ ମୂଲ୍ୟ ୮୦ ଲକ୍ଷରୁ ଅଧିକ ଟଙ୍କା ହେବ। ଏନେଇ ବୀରମିତ୍ରପୁର ଥାନାରେ ବ୍ୟବସାୟୀ ନଟବର ଅଗ୍ରୱାଲଙ୍କ ନାମରେ ଏକ ମାମଲା (ନଂ. ୪୫୪/୨୦୨୫) ଏବଂ ଭିକି ଗ୍ରେଡ଼ିୱାଲଙ୍କ ନାମରେ ୨ଟି ମାମଲା (ନଂ.୪୫୬ ଓ ୪୫୭/୨୦୨୫) ରୁଜୁ ହୋଇଛି ବୋଲି ଏସ୍‌ପି କୌର କହିଛନ୍ତି। ଆଗାମୀ ଦିନରେ ସୁନ୍ଦରଗଡ଼ ଜିଲ୍ଲାରେ ଅପରେଶନ ଅଗ୍ନିକୁ ଆହୁରି ଜୋରଦାର କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଡକାୟତି ଯୋଜନା ପଣ୍ଡ, ୭ ଗିରଫ

**ସୁତୁଲି ବମ୍, ତେଲେଙ୍ଗା କଟୁରି ଜବତ**

ବଡ଼ବିଲ,୩୦।୯(ଜୟନ୍ତୀ ରଣା)


ଗିରଫ ୭ ଅଭିଯୁକ୍ତ।

କେନ୍ଦୁଝର ଜିଲ୍ଲା ବଡ଼ବିଲ ପୋଲିସ ସୋମବାର ସନ୍ଧ୍ୟାରେ ଏକ ଡକାୟତି ଯୋଜନାକୁ ପଣ୍ଡକରିବା ସହ ୭ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡ଼ବିଲ ଥାନା ଅଧୀନ ବାମୁ ହଟ୍ଟିର ଟିଟୁ ଓରଫ ସୁନୀଲ ପାତ୍ର, ପୁରୁଣା ପୌର କାର୍ଯ୍ୟାଳୟ ନିକଟସ୍ଥ ଅଞ୍ଚଳର ଶଙ୍କର ସାହୁ, ଠାକୁରାଣୀ କଲନି ବସ୍ତିର ଯୋଗେନ୍ଦ୍ର କେଶରୀ, ଗାଡ଼ା ହଟ୍ଟିର ବୀରେନ୍ଦ୍ର ଲୋହାର, ବଡ଼ବିଲ ୱାର୍ଡ ନଂ. ୧୦ ଅଞ୍ଚଳର ଆକାଶ ନାଏକ, ଯୋଡ଼ା ଥାନା ହନୁମାନ ହଟ୍ଟିର ରାଜୁ ସୋନକାର ଓ କମାରଯୋଡ଼ାର ଶିବ ପାତ୍ର। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ବଡ଼ବିଲ ପୋଲିସ ପାଟ୍ରୋଲିଂ କରୁଥିବାବେଳେ କଳିଙ୍ଗନଗର ଫୁଟ୍‌ବଲ ପଡ଼ିଆ ନିକଟସ୍ଥ ଏକ ପରିତ୍ୟକ୍ତ ଗୃହରେ କେତେଜଣ ଅପରାଧୀ ଏକତ୍ରିତ ହୋଇଥିବା ଖବର ପାଇଥିଲା। ପୋଲିସ ଟିମ୍ ତୁରନ୍ତ ସେଠାରେ ଚଢ଼ାଉ କରିଥିଲା। ତେବେ ଅନ୍ଧାରର ସୁଯୋଗ ନେଇ ଅନେକ ଖସିଯିବାକୁ ସକ୍ଷମ ହୋଇଥିଲାବେଳେ ପୋଲିସ ୭ ଜଣଙ୍କୁ କାବୁ କରିଥିଲା। ଘଟଣାସ୍ଥଳରୁ ୩ଟି କଟୁରି, ଦୁଇଟି ସୁତୁଲି ବମ୍, ୧ ଦଉଡ଼ି, ଲଙ୍କାଗୁଣ୍ଡ ପାଉଡ଼ର ଆଦି ପୋଲିସ ଜବତ କରିଛି।

# ଖଣ୍ଡା ବୁଲାଇ ଆତଙ୍କ

**ଅଭ୍ୟାସଗତ ଅପରାଧୀ ଗିରଫ, ଖଣ୍ଡା ଜବତ**

ଭୁବନେଶ୍ୱର, ୩୦।୯(ସତ୍ୟଜିତ ରାଉତ)


ଗିରଫ ଅଭିଯୁକ୍ତ ଏବଂ ଜବତ ଖଣ୍ଡା।

ଖଣ୍ଡା ବୁଲାଇ ଆତଙ୍କ ରଚିବା ସହ ଚାନ୍ଦା ମାଗିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣେ ଅଭ୍ୟାସଗତ ଅପରାଧୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରଙ୍ଗମାଟିଆ ଚଳଞ୍ଚିତ ଦୀପୁ ଓରଫ ଦୀପକ ପରିଡ଼ା (୪୦)। ତାଙ୍କ ପାଖରୁ ଏକ ଖଣ୍ଡା ଓ ସ୍କୁଟି ଜବତ ହୋଇଛି। ମଙ୍ଗଳବାର ଦୀପକଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଦୀପୁ ସୋମବାର ରାତିରେ ରଙ୍ଗମାଟିଆ ରେଲୱେ ଷ୍ଟେସନ୍ ଛକ ନିକଟରେ ଖଣ୍ଡା ଦେଖାଇ ସ୍ଥାନୀୟ ଲୋକଙ୍କୁ ଆତଙ୍କିତ କରିବା ସହ ଧମକଚମକ ଦେଉଥିଲେ। ଏନେଇ ସୂଚନା ମିଳିବା ପରେ ପୋଲିସ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରିବା ସହ ସ୍ଥାନୀୟ ଲୋକଙ୍କ ସହାୟତାରେ ଦୀପୁଙ୍କୁ କାବୁ କରିଥିଲା। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଦୀପୁ କିଛିଦିନ ହେବ ଜନସାଧାରଣ ଏବଂ ଦୋକାନୀଙ୍କଠାରୁ ବଳପୂର୍ବକ ଚାନ୍ଦା ଆଦାୟ କରୁଥିଲେ। ଯେଉଁମାନେ ଟଙ୍କା ଦେବାକୁ ମନା କରୁଥିଲେ ତାଙ୍କୁ ବିଭିନ୍ନ ଧମକ ଦେଉଥିଲେ। ତେବେ ଦୀପୁ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତାଙ୍କ ନାମରେ ପୂର୍ବରୁ ମଞ୍ଚେଶ୍ୱର ଥାନାରେ ୫ଟି ଅପରାଧିକ ମାମଲା ରହିଛି। ଏନେଇ ଆର୍ମସ ଆକ୍ଟରେ ସହ ବିଏନ୍‌ଏସ୍‌ର ଅନ୍ୟ ଦଫାରେ ମଞ୍ଚେଶ୍ୱର ଥାନା ପକ୍ଷରୁ ଏକ ମାମଲା (ନଂ. ୬୭୦/୨୦୨୫) ରୁଜୁ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ରାସ୍ତାକଡ଼ରୁ ଯୁବକଙ୍କ କ୍ଷତାକ୍ତ ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ, ତଦନ୍ତ ଦାବିରେ ରାସ୍ତା ଅବରୋଧ**

ଏରସମା, ୩୦।୯(ଦୀପ୍ତି ଖଣ୍ଡୁଆଳ)


ଏରସମା ଥାନା ସମ୍ମୁଖରେ ଗ୍ରାମବାସୀ ଧାରଣା ଦେଉଛନ୍ତି।

ଜଗତସିଂହପୁର ଜିଲ୍ଲା ଏରସମା ଥାନା ଅନ୍ତର୍ଗତ ନିଉ କଲୋନୀ ନିକଟ ରାସ୍ତାକଡ଼ରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ମିଳିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଜିରାଇଲୋ ପଞ୍ଚାୟତସ୍ଥିତ ବଡ଼କେଲାରୀ ଗ୍ରାମର ରଞ୍ଜନ ସାହୁ(୪୨)। ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ସ୍ତ୍ରୀ ଉଷାରାଣୀ ସାହୁ ଏରସମା ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ. ୩୩୯/୨୫) ରୁଜୁ କରିଛି। ଅପରପକ୍ଷରେ ଏହି ଘଟଣାର ଉପଯୁକ୍ତ ତଦନ୍ତ ସହ ପୋଲିସ ଦୁର୍ବ୍ୟବହାର ପ୍ରତିବାଦରେ ଉତ୍ତେଜିତ ଲୋକେ ରାସ୍ତାରୋକୋ କରିଥିଲେ। ରଞ୍ଜନ ଏରସମାର ଏକ ଲୁହାରଡ଼ ଦୋକାନରେ ଓଲ୍ଡିଂ କାମ କରନ୍ତି। ସକାଳ ପ୍ରାୟ ୭ଟାରେ ରଞ୍ଜନ ଘରୁ କାମ କରିବା ପାଇଁ ଆସିଥିଲେ। ମାତ୍ର ପୂର୍ବାହ୍ନ ସାଢ଼େ ୧୦ଟାରେ ତାଙ୍କ ମୃତଦେହ ଏରସମା-ଅସରେଶ୍ୱର ରାସ୍ତାର ନିଉ କଲୋନୀ ନିକଟରେ ପଡ଼ିଥିଲା। ତାଙ୍କ ମୁହଁ, ବେକ ଓ କାନରେ କ୍ଷତଚିହ୍ନ ଥିବାବେଳେ ଗଞ୍ଜିରେ ରକ୍ତଛିଟା ରହିଛି। ତାଙ୍କ ମୁଣ୍ଡ ପାଣିରେ ଓ ଶରୀର ଶୁଖିଲାରେ ପଡ଼ିଥିଲା। ସେ ହାତରେ ମୁଠାଏ ମୋରମ ଧରିଥିବା ମଧ୍ୟ ଜଣାପଡ଼ିଛି। କିନ୍ତୁ ରଞ୍ଜନଙ୍କ ବାଇକ୍ ଓଲ୍ଡିଂ କରାଯାଉଥିବା ସ୍ଥାନରେ ଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ପଞ୍ଚନାମା କରିବା ସମୟରେ ଗ୍ରାମବାସୀଙ୍କ ସହ ବଚସା ହୋଇଥିଲା। କେତେଜଣ ପୋଲିସ କର୍ମଚାରୀ ଏହି ସମୟରେ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରି ଗ୍ରାମବାସୀ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ରାସ୍ତା ଅବରୋଧ କରିଥିଲେ। ପରେ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଖବରପାଇ ଏସ୍‌ଡିପିଓ ଚିନ୍ମୟ ରାଉତ, ଥାନା ଆଇଆଇସି ପ୍ରେମଜିତ୍ ଦାସ ଧାରଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିଥିଲେ। ଏସ୍‌ପି ଅଙ୍କିତ୍ ବର୍ମା ଫୋନ୍ ଯୋଗେ ଉପଯୁକ୍ତ ତଦନ୍ତ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ରାତି ପ୍ରାୟ ସାଢ଼େ ୭ଟାରେ ଧାରଣା ପ୍ରତ୍ୟାହୃତ ହୋଇଛି।

# ଦାଦାଙ୍କୁ ହତ୍ୟାକରି ପୁତୁରା ଗିରଫ

କେନ୍ଦୁଝର,୩୦।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

**ମାଟି ନେବାକୁ କେନ୍ଦ୍ରକରି ସୃଷ୍ଟ ବଚସାରୁ ହତ୍ୟାକାଣ୍ଡ**

କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ନୟାକୋଟ ଥାନା ଅଧୀନ ଦୁଧପୋଖରୀ ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ରାସ୍ତାରେ ପକାଯାଉଥିବା ମାଟି ଆଣିବାକୁ କେନ୍ଦ୍ରକରି ପୁତୁରା ଆକ୍ରମଣରେ ଦାଦାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ମହେଶ୍ୱର ମହାଲ୍ତ(୫୫)। ପୋଲିସ ଅଭିଯୁକ୍ତ ପୁତୁରା ଧରଣୀଧର ମହାକୁଡ଼(୨୫) ଓରଫ ସିପୁଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଗତ ୨୨ତାରିଖରେ ଦୁଧପୋଖରୀ ଗାଁ ଛକଠାରୁ ଶିମିଳିସାହି ପର୍ଯ୍ୟନ୍ତ ନୂତନ କଂକ୍ରିଟ ରାସ୍ତା କାମ ଚାଲିଥିଲା। ଖୋଳାଯାଉଥିବା ମାଟି ନେବାକୁ କେନ୍ଦ୍ରକରି ଉଭୟ ଦାଦା ଓ ପୁତୁରାଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଧରଣୀଧର ଉତ୍ତେଜିତ ହୋଇ ମହେଶ୍ୱରଙ୍କ ମୁଣ୍ଡରୁ ଏକ କୋଦାଳରେ ଆକ୍ରମଣ କରିବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାଂଶପାଳ ଓ ପରେ କେନ୍ଦୁଝର ଧରଣୀଧର ମେଡିକାଲକୁ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ପରେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତିକରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତି ୧୦ଟା୩୦ରେ ମହେଶ୍ୱରଙ୍କର ମୃତ୍ୟୁ ଘଟିଥିଲା। ଏନେଇ ନୟାକୋଟ ପୋଲିସ ଏକ ମାମଲା (ନଂ.୧୭୨/୨୫) ରୁଜୁକରି ତଦନ୍ତ ଜାରି ରଖିଛି।


## ସଂକ୍ଷେପରେ

### ଆଜିଠୁ ସ୍ପିଡ୍ ପୋଷ୍ଟ ମହଙ୍ଗା

ନୂଆଦିଲ୍ଲୀ,୩୦।୯

ଅକ୍ଟୋବର ୧ରୁ ସ୍ପିଡ୍ ପୋଷ୍ଟରେ ଦସ୍ତାବିଜ୍ ପଠାଇବା ମହଙ୍ଗା ହେବ। ସ୍ପିଡ୍ ପୋଷ୍ଟର ବର୍ଦ୍ଧିତ ଦେୟ ବୁଧବାରଠାରୁ ଲାଗୁ ହେଉଥିବା ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ପରିଚାଳନା ଖର୍ଚ୍ଚ ବଢ଼ିବା ସହ ଉନ୍ନତ ସେବା ପାଇଁ ଅର୍ଥ ବିନିଯୋଗ କରିବାକୁ ପଡୁଥିବାରୁ ଦେୟରେ ସଂଶୋଧନ କରିବା ଜରୁରୀ ହୋଇପଡ଼ିଛି ବୋଲି ଡାକ ବିଭାଗ ପକ୍ଷରୁ କୁହାଯାଇଛି। ଡାକ ପ୍ରେରଣ ସୁରକ୍ଷାରେ ଉନ୍ନତି ଏବଂ ଗ୍ରାହକଙ୍କ ସୁବିଧା ପାଇଁ ପ୍ରଯୁକ୍ତି ଭିତ୍ତିକ ଫିଚରକୁ ସାମିଲ କରାଯାଉଛି। ୨୦୧୨ ଅକ୍ଟୋବରରେ ଇନ୍‌ଲାଣ୍ଡ ସ୍ପିଡ୍ ପୋଷ୍ଟ ଟାରିଫ୍ ଶେଷ ଥର ପାଇଁ ପରିବର୍ତ୍ତନ ହୋଇଥିଲା। ଗତ ୧୩ ବର୍ଷ ମଧ୍ୟରେ ଖର୍ଚ୍ଚ ବଢ଼ିବା ସହ ଲୋକେ ଉନ୍ନତ ସେବା ଚାହୁଁଥିବା ବିଭାଗ ପକ୍ଷରୁ କୁହାଯାଇଛି।

### ପରେଶ ରାୱଲଙ୍କ 'ତାଜ ଷ୍ଟୋରି' ପୋଷ୍ଟରକୁ ନେଇ ବିବାଦ




ନୂଆଦିଲ୍ଲୀ, ୩୦।୯ (ପି.ଟି.)

ଅଭିନେତା ପରେଶ ରାୱଲଙ୍କ ଆଗାମୀ ଫିଲ୍ମ 'ଦି ତାଜ୍ ଷ୍ଟୋରି'କୁ ନେଇ ବିବାଦ ଦେଖାଦେଇଛି। ଏହି ଫିଲ୍ମର ଏକ ପୋଷ୍ଟର ଲୋକଙ୍କ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଉଛି ଏବଂ ଫିଲ୍ମରେ ଭାରତର ଇତିହାସକୁ ବିକୃତ କରି ଉପସ୍ଥାପନ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ପରେଶ ସୋମବାର ତାଙ୍କ ଇନ୍‌ଷ୍ଟାଗ୍ରାମରେ 'ଦି ତାଜ୍ ଷ୍ଟୋରି'ର ମୋଶନ ପୋଷ୍ଟରକୁ ଜାରି କରିଥିଲେ। ପୋଷ୍ଟରରେ ପରେଶ ଏକ ଛୋଟ ତାଜମହଲର ଗମ୍ବୁଜ ଉଠାଉଥିବା ବେଳେ ସେଥିମଧ୍ୟରୁ ଭଗବାନ ଶିବଙ୍କର ଏକ ମୂର୍ତ୍ତି ବାହାରୁଥିବା ନେଇ ଦେଖିବାକୁ ମିଳିଥିଲା। କ୍ୟାପ୍‌ଶନ୍‌ରେ ସେ ଲେଖିଥିଲେ, ବର୍ତ୍ତମାନ ପର୍ଯ୍ୟନ୍ତ ଆପଣଙ୍କୁ ଯାହା ଶିଖାଯାଇଛି, ଯଦି ତାହା ମିଛ ପ୍ରମାଣିତ ହୁଏ ତେବେ କ'ଣ ହେବ। ପରେଶଙ୍କ ଏହି ପୋଷ୍ଟକୁ ନେଇ ବିବାଦ ବଢ଼ିଥିଲା ଏବଂ ମୁସଲମାନ ସମ୍ପ୍ରଦାୟର ଅନେକ ବ୍ୟକ୍ତି 'ଦି ତାଜ୍ ଷ୍ଟୋରି'ର ପୋଷ୍ଟରକୁ ନେଇ ଆପତ୍ତି ପ୍ରକାଶ କରିଥିଲେ। ବିବାଦକୁ ନେଇ ଫିଲ୍ମର ନିର୍ଦ୍ଦେଶକ ତୁଷାର ଅମରିଶ ଗୋୟଲ ମଙ୍ଗଳବାର ସଫେଇ ଦେଇ କହିଛନ୍ତି, 'ଦି ତାଜ୍ ଷ୍ଟୋରି' ଫିଲ୍ମକୁ କୌଣସି ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଇବା ପାଇଁ ନୁହେଁ ବରଂ ମନୋରଞ୍ଜନ ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଛି।

## ଦିଲ୍ଲୀରେ ଆଜି



ଦୁର୍ଗାପୂଜା ଅବସରରେ ନୂଆଦିଲ୍ଲୀସ୍ଥିତ ଆରାମବାଗ ଅଞ୍ଚଳର ଏକ ପୂଜା ମଣ୍ଡପରେ ମଙ୍ଗଳବାର ମହିଳାମାନେ ଦାଣ୍ଡିଆ ନୃତ୍ୟରେ ଝୁମୁଛନ୍ତି। (ଫଟୋ–ଚମନ ଗୌତମ)

# ଇଣ୍ଡୋନେସିଆରେ ସ୍କୁଲ୍ ବିଲ୍ଡିଂ ଭୁଶୁଡ଼ି ୩ ମୃତ

### ଭଗ୍ନାବଶେଷ ତଳେ ଫସିଛନ୍ତି ୬୫ ଛାତ୍ରୀଛାତ୍ର

ସିଦୋଆର୍ଜୋ,୩୦।୯

ଇଣ୍ଡୋନେସିଆର ମୁଖ୍ୟ ଦ୍ୱୀପ ଜାଭାରେ ସୋମବାର ଏକ ଇସ୍‌ଲାମୀୟ ସ୍କୁଲ୍ ବିଲ୍ଡିଂ ଭୁଶୁଡ଼ି ପଡ଼ିବାରୁ ଅନ୍ୟୂନ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ଆହତ ହୋଇଛନ୍ତି। ଭଗ୍ନାବଶେଷ ତଳେ ୬୫ ଛାତ୍ରୀଛାତ୍ର ଫସିଥିବା ଆଶଙ୍କା କରାଯାଉଛି। ପିଲାମାନେ ଅପରାହ୍ନ ପ୍ରାର୍ଥନା ପାଇଁ ଏକାଠି ହୋଇଥିବାବେଳେ ବହୁତଳ ବିଶିଷ୍ଟ ସ୍କୁଲ ବିଲ୍ଡିଂ ଭୁଶୁଡ଼ି ପଡ଼ିଥିଲା। କଂକ୍ରିଟ୍ ତଳେ ଫସିରହିଥିବା ପିଲାମାନଙ୍କ ପାଇଁ ଉଦ୍ଧାରକାରୀ ଟିମ୍ ଅକ୍ସିଜେନ୍ ଓ ପାଣି ନେଇ ପହଞ୍ଚିଥିବାବେଳେ ସେମାନଙ୍କୁ ବାହାର କରିବା ଲାଗି ଉଦ୍ୟମ ଜାରି ରହିଛି। ଉଦ୍ଧାରକାରୀ କର୍ମଚାରୀ, ପୋଲିସ ଏବଂ ସୈନ୍ୟମାନେ ସୋମବାର ରାତିରେ ୮ ଘଣ୍ଟା ଖୋଳାଖୋଳି କରିବା ପରେ ୮ ଜଣ ଆହତ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରିଥିଲେ।

ପୂର୍ବ ଜାଭାର ସିଦୋଆର୍ଜୋ ସହରରେ ଥିବା ଅଲ୍ ଖୋଜିନି ଇସ୍‌ଲାମିକ ବୋର୍ଡିଂ ସ୍କୁଲ୍ ସୋମବାର ଭୁଶୁଡ଼ି ପଡ଼ିଥିଲା। ଭଗ୍ନାବଶେଷ ତଳୁ ଅଧିକ ମୃତଦେହ ମିଳୁଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ତେବେ ଭୁଶୁଡ଼ି ପଡ଼ିଥିବା କଂକ୍ରିଟ୍‌ରେ କମ୍ପନ ହେବାରୁ ମଙ୍ଗଳବାର ସକାଳ ୧୦ଟା ୧୫ରୁ ସାମୟିକ ଭାବେ ଉଦ୍ଧାର କାର୍ଯ୍ୟକୁ ବନ୍ଦ ରଖାଯାଇଥିଲା। ଆହୁରି ବିଲ୍ଡିଂ ଭୁଶୁଡ଼ିବା ଆଶଙ୍କାରେ ଲୋକମାନେ ସେଠାରୁ ଧାଇଁ ପଳାଇଥିଲେ। ଅପରାହ୍ନ ୧ଟା ୪୫ ମିନିଟ୍‌ରେ ଉଦ୍ଧାର କାର୍ଯ୍ୟ ପୁଣି ଆରମ୍ଭ ହୋଇଛି। ପରିବାର ଲୋକେ ପିଲାମାନଙ୍କ ସମ୍ପର୍କରେ ଖବର ପାଇବା ପାଇଁ ଭୁଶୁଡ଼ି ପଡ଼ିଥିବା ବିଲ୍ଡିଂ ଏବଂ ହସ୍ପିଟାଲ ନିକଟରେ ରୁଣ୍ଡ ହୋଇଛନ୍ତି। ମୁଖ୍ୟତଃ ସପ୍ତମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରମାନେ ପ୍ରାର୍ଥନାରେ ଯୋଗଦେଇଥିବାବେଳେ ବିଲ୍ଡିଂ ଭୁଶୁଡ଼ିଥିଲା।

# ବିହାର ଚୂଡ଼ାନ୍ତ ଭୋଟର ତାଲିକାରେ ୭.୪୨ କୋଟି ମତଦାତା

### ଚିଠା ତାଲିକାରୁ କଟିଲେ ୩.୬୬ ଲକ୍ଷ, ଯୋଡ଼ିହେଲେ ୨୧.୫୩ ଲକ୍ଷ

ପାଟନା,୩୦।୯(ପି.ଟି.)

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ ମଙ୍ଗଳବାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି। ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ପୂର୍ବରୁ ରାଜ୍ୟରେ ୭.୮୯ କୋଟି ଭୋଟର ଥିବାବେଳେ ଚୂଡ଼ାନ୍ତ ତାଲିକାରେ ତାହା ୭.୪୨ କୋଟିକୁ ହ୍ରାସ ପାଇଛି। ତେବେ ଗତ ଅଗଷ୍ଟ ୧ରେ ପ୍ରକାଶ ପାଇଥିବା ଚିଠା ଭୋଟର ତାଲିକାରେ ୭.୪୨ କୋଟି ଭୋଟର ଥିବାବେଳେ ଚୂଡ଼ାନ୍ତ ତାଲିକାରେ ଏହା ବୃଦ୍ଧି ପାଇଛି। ଚିଠା ତାଲିକାରେ ୬୫ ଲକ୍ଷ ଭୋଟର ବାଦ୍ ପଡ଼ିଥିବାବେଳେ ଏହା ଉପରେ ଆସିଥିବା ଆପତ୍ତି ଅଭିଯୋଗଗୁଡ଼ିକୁ ବିଚାରକୁ ନିଆଯାଇଥିଲା। ଚିଠା ତାଲିକାରୁ ୩.୬୬ ଲକ୍ଷ ଭୋଟରଙ୍କୁ ବାଦ୍ ଦିଆଯାଇଥିବାବେଳେ ୨୧.୫୩ ଲକ୍ଷଙ୍କୁ ସାମିଲ କରାଯାଇଛି। ବିହାର ମୁଖ୍ୟ ନିର୍ବାଚନ ଅଧିକାରୀ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ସମ୍ପର୍କରେ ଏହାର ଫେସ୍‌ବୁକ୍ ପେଜ୍‌ରେ ଘୋଷଣା କରିଛନ୍ତି। voters.eci.gov.inରେ କ୍ଲିକ୍ କରି ଜନସାଧାରଣ ସେମାନଙ୍କ ନାଁ ଦେଖିପାରିବେ।




ଅନୁପସ୍ଥିତ, ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର କିମ୍ବା ମୃତ ଦର୍ଶାଇ ନିର୍ବାଚନ କମିଶନ ପ୍ରାୟ ୬୫ ଲକ୍ଷ ନାମ ବାଦ୍ ଦେବା ପରେ ଚିଠା ଭୋଟର ତାଲିକାରେ ୭.୨୪ କୋଟି ନାମ ରହିଥିଲା। ପାଟନା ଜିଲା ପ୍ରଶାସନ ଅଧୀନରେ ଥିବା ୧୪ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୪୮.୧୫ ଲକ୍ଷ ଭୋଟର ରହିଥିବା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଅର୍ଥାତ୍ ଚିଠା ଭୋଟର ତାଲିକା ତୁଳନାରେ ଚୂଡ଼ାନ୍ତ ତାଲିକାରେ ଭୋଟରଙ୍କ ସଂଖ୍ୟା ୧.୬୩ ଲକ୍ଷ ବଢ଼ିଛି।

ଭୋଟର ତାଲିକାର ଏସ୍ଆଇଆର୍ ଶେଷ ହୋଇଥିବାବେଳେ ନିର୍ବାଚନ କମିଶନ ଖୁବ୍‌ଶୀଘ୍ର ନିର୍ବାଚନ ତାରିଖ ଘୋଷଣା କରିପାରନ୍ତି। ଏସ୍ଆଇଆର୍‌କୁ ନେଇ ବିବାଦ ଦେଖାଦେଇଥିବାବେଳେ ବିପକ୍ଷ ଦଳଗୁଡ଼ିକ ଏହାକୁ ବିରୋଧ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଭାଜପା ନେତୃତ୍ୱାଧୀନ ଶାସକ ଏନ୍‌ଡିଏ ଉଦ୍ଦେଶ୍ୟମୂଳକ ଭାବେ ଭୋଟର ତାଲିକାରୁ ନାଁ ହଟାଉଥିବା ସେମାନେ ଅଭିଯୋଗ ଆଣିଥିଲେ। ଅନ୍ୟପକ୍ଷରେ ଅନୁପ୍ରବେଶକାରୀମାନଙ୍କୁ ବାଦ୍ ଦେବାକୁ ହେଲେ ଏସ୍ଆଇଆର୍ ଜରୁରୀ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ଭାଜପା ନେତାମାନେ କହିଥିଲେ।

### ମୌସୁମୀ ଶେଷ, ଚଳିତ ଥର ୮% ଅଧିକ ବର୍ଷା

ନୂଆଦିଲ୍ଲୀ, ୩୦।୯ (ପି.ଟି.)

ଚଳିତ ବର୍ଷର ମୌସୁମୀ ଋତୁ ମଙ୍ଗଳବାର ଶେଷ ହୋଇଛି। ୪ ମାସର ଏହି ଅବଧି ମଧ୍ୟରେ ଦେଶରେ ସ୍ୱାଭାବିକଠାରୁ ୮% ଅଧିକ ବର୍ଷା ରେକର୍ଡ ହୋଇଥିବା ନେଇ ମଙ୍ଗଳବାର ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମୁଖ୍ୟ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ଏହି ମୌସୁମୀ ଋତୁରେ ଭାରତରେ ସ୍ୱାଭାବିକ ବର୍ଷା ୮୬୮.୬ ମି.ମି.ଠାରୁ ୮% ଅଧିକ ୯୩୭.୨ ମି.ମି. ବର୍ଷା ରେକର୍ଡ ହୋଇଛି। ଯଦିଓ ଏହି ଅବଧିରେ ଦେଶ ବାଦଲଫଟା ବର୍ଷା, ଭୂସ୍ଖଳନ ପରି ଅନେକ ବିପର୍ଯ୍ୟୟ ଦେଖିଛି, ତେବେ ଅଧିକ ବୃଷ୍ଟି ହୋଇଥିବାରୁ ଏହାକୁ ଏକ ସଫଳ ମୌସୁମୀ ଋତୁ କୁହାଯିବ ବୋଲି ମୃତ୍ୟୁଞ୍ଜୟ କହିଛନ୍ତି। ପୂର୍ବ ଏବଂ ଉତ୍ତରପୂର୍ବ ଭାରତରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଥିବାବେଳେ ଉତ୍ତରପଶ୍ଚିମ, କେନ୍ଦ୍ରୀୟ ଓ ଦକ୍ଷିଣ ଉପଦ୍ୱୀପ ଭାରତରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିଲା।

# କ୍ୱେଟାରେ ବିସ୍ଫୋରଣ: ୧୦ ମୃତ

କରାଚୀ,୩୦।୯

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶ ଅନ୍ତର୍ଗତ କ୍ୱେଟା ସହରରେ ମଙ୍ଗଳବାର ବୋମା ବିସ୍ଫୋରଣ ହେବାରୁ ଅନ୍ୟୂନ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ୩୨ ଆହତ ହୋଇଛନ୍ତି। ଫ୍ରଣ୍ଟିୟର କନଷ୍ଟେବୁଲାରୀ ମୁଖ୍ୟାଳୟ ନିକଟବର୍ତ୍ତୀ ଗହଳି ରାସ୍ତାରେ ଏହି ବିସ୍ଫୋରଣ ଘଟିଥିଲା। ଆହତମାନଙ୍କୁ ସହରର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଜରୁରୀ ସ୍ଥିତି ଘୋଷଣା କରାଯାଇଛି। ଭୟଙ୍କର ବିସ୍ଫୋରଣ ହୋଇଥିବା ଟେଲିଭିଜନରେ ପ୍ରସାରିତ ଭିଡିଓ ଏବଂ ସୋସିଆଲ ମିଡିଆ କ୍ଲିପ୍‌ରୁ ଦେଖିବାକୁ ମିଳିଛି। ଏହି ସମୟରେ ସେଠାରେ ବହୁ ସାଧାରଣ ନାଗରିକ ଉପସ୍ଥିତ ଥିଲେ। ବିସ୍ଫୋରଣ ପାଇଁ କୌଣସି ସଂଗଠନ ଏପର୍ଯ୍ୟନ୍ତ ନିଜକୁ ଦାୟୀ କରି ନ ଥିବାବେଳେ ପ୍ରଦେଶର ସୁରକ୍ଷା ଯବାନମାନଙ୍କୁ ଟାର୍ଗେଟ କରି ବେଲୋଚ୍ ଉଗ୍ରବାଦୀ ସଂଗଠନ ଏଭଳି ବିସ୍ଫୋରଣ ବହୁ ସମୟରେ ଘଟାଇଥାଏ ବୋଲି କୁହାଯାଉଛି। ବେଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ମୀର୍ ସର୍ଫରାଜ ବୁଗ୍‌ଟି ଘଟଣାର ତୀବ୍ର ନିନ୍ଦା କରିବା ସହ ଏହାକୁ ଆତଙ୍କବାଦୀ ଆକ୍ରମଣ ବୋଲି କହିଛନ୍ତି। ଇରାନ ଏବଂ ଆଫଗାନିସ୍ତାନ ସୀମାକୁ ଲାଗିଥିବା ବେଲୁଚିସ୍ତାନ ଦୀର୍ଘବର୍ଷ ହେଲା ହିଂସାତ୍ମକ ଉଗ୍ରବାଦର କେନ୍ଦ୍ର ହୋଇଆସିଛି। ସେମାନେ ସରକାରୀ ପ୍ରକଳ୍ପ ସୁରକ୍ଷା ବଳ ଆଦିକୁ ଟାର୍ଗେଟ କରି ଆକ୍ରମଣ କରିଥାନ୍ତି। ୬୦ ବିଲିୟନ ଡଲାର ମୂଲ୍ୟର ଚାଇନା–ପାକିସ୍ତାନ ଅର୍ଥନୈତିକ କରିଡର ପ୍ରକଳ୍ପ ମଧ୍ୟ ସେମାନଙ୍କ ଟାର୍ଗେଟରେ ରହିଛି।

# ୨୬/୧୧ ପ୍ରତିଆକ୍ରମଣକୁ ରୋକିଥିଲା ଆମେରିକା : ଚିଦାମ୍ବରମ୍

### ସୋନିଆଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଲା ଭାଜପା

ନୂଆଦିଲ୍ଲୀ,୩୦।୯

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଜବାବୀ ସାମରିକ କାର୍ଯ୍ୟାନୁଷ୍ଠାନ ନ କରିବାକୁ ସେତେବେଳର ଉପା ସରକାର ନିଷ୍ପତ୍ତି ନେଇଥିଲା। ଅତ୍ୟଧିକ ବାହ୍ୟ ଚାପ ଯୋଗୁ ପ୍ରତିଆକ୍ରମଣ ନ କରିବା ପାଇଁ ତତ୍କାଳୀନ ସରକାର ନିଷ୍ପତ୍ତି ନେଇଥିଲେ ବୋଲି ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ପି. ଚିଦାମ୍ବରମ୍ ପ୍ରକାଶ କରିଛନ୍ତି। ଅପରାଧୀଙ୍କୁ ଶାସ୍ତି ଦେବାର ବିଚାର ତାଙ୍କ ମନରେ ଆସିଥିଲା ବୋଲି ବରିଷ୍ଠ କଂଗ୍ରେସ ନେତା ଏକ ସାକ୍ଷାତ୍କାରରେ କହିଛନ୍ତି। ତେବେ ସାମରିକ କାର୍ଯ୍ୟାନୁଷ୍ଠାନ ନ ନେବାକୁ ସରକାର ନିଷ୍ପତ୍ତି ନେଇଥିଲେ।

ଚିଦାମ୍ବରମ୍ କହିଛନ୍ତି, ଯୁଦ୍ଧ ଆରମ୍ଭ ନ କରିବାକୁ ସାରା ବିଶ୍ୱରୁ ଚାପ ପଡ଼ିଥିଲା। ଆକ୍ରମଣର ୨/୩ ଦିନ ପରେ ତତ୍କାଳୀନ ଆମେରିକା ପରରାଷ୍ଟ୍ର ସଚିବ କଣ୍ଡୋଲିଜା ରାଇସ୍ ଭାରତ ଆସି ପ୍ରତିଆକ୍ରମଣ ନ କରିବାକୁ ନିବେଦନ କରିଥିଲେ। ଆକ୍ରମଣ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିବା ଚିଦାମ୍ବରମ୍ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଓ ଅନ୍ୟ ପ୍ରମୁଖ ନେତାମାନଙ୍କ ସହ ସମ୍ଭାବ୍ୟ ପ୍ରତିଆକ୍ରମଣ ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଆକ୍ରମଣ ନ କରିବାକୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏବଂ ଭାରତୀୟ ବିଦେଶ ସେବା (ଆଇଏଫ୍ଏସ୍) ଚାପ ପକାଇଥିଲା ବୋଲି ଚିଦାମ୍ବରମ୍ କହିଛନ୍ତି।



ପି. ଚିଦାମ୍ବରମ୍

ଚିଦାମ୍ବରମ୍‌ଙ୍କ ମନ୍ତବ୍ୟ ଉପରେ ଭାଜପା ନେତାମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ୧୭ ବର୍ଷ ପରେ ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ସତ ମାନିଛନ୍ତି। ଏହା ବହୁତ କମ୍ ଓ ବହୁତ ବିଳମ୍ବ ହୋଇଗଲା ବୋଲି ଭାଜପା ନେତା ପ୍ରହ୍ଲାଦ ଜୋଷୀ କହିଛନ୍ତି। ଏହି ଘଟଣାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଏବଂ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଭୂମିକାକୁ ନେଇ ଭାଜପା ମୁଖପାତ୍ର ଶେହଜାଦ ପୁନାୱାଲା ପ୍ରଶ୍ନ ଉଠାଇଛନ୍ତି। କଣ୍ଡୋଲିଜାଙ୍କ ନିର୍ଦ୍ଦେଶକୁ ଉପା କାହିଁକି ଗ୍ରହଣ କଲା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନିଷ୍ପତ୍ତି ଉପରେ ସୋନିଆ ପ୍ରଭାବ ପକାଇଲେ କାହିଁକି ବୋଲି ଭାଜପା ମୁଖପାତ୍ର ପ୍ରଶ୍ନ କରିଛନ୍ତି। କେବଳ ୨୬/୧୧ ଆକ୍ରମଣ ନୁହେଁ, ସମଝୌତା ଏକ୍ସପ୍ରେସ୍ ବିସ୍ଫୋରଣ ମାମଲାରେ ମଧ୍ୟ କଂଗ୍ରେସ ପାକିସ୍ତାନକୁ କ୍ଲିନ୍‌ଚିଟ୍ ଦେଇଥିଲା ବୋଲି ପୁନାୱାଲ ଅଭିଯୋଗ କରିଛନ୍ତି।

# ଶିଶୁ ବିରୋଧୀ ଅପରାଧ ୯.୨% ବଢ଼ିଛି: ଏନ୍‌ସିଆର୍‌ବି

### ୧୦ ବର୍ଷରେ ଛାତ୍ରୀଛାତ୍ର ଆତ୍ମହତ୍ୟା ମାମଲା ୬୪.୯% ବଢ଼ିଛି

### ପାରିବାରିକ ସମସ୍ୟା, ଅସୁସ୍ଥତା ଆତ୍ମହତ୍ୟାର ମୁଖ୍ୟ କାରଣ

ନୂଆଦିଲ୍ଲୀ, ୩୦।୯

୨୦୨୩ରେ ଦେଶରେ ମୋଟ ୧ ଲକ୍ଷ ୭୭ ହଜାର ୩୩୫ ଶିଶୁ ବିରୋଧୀ ଅପରାଧ ମାମଲା ପଞ୍ଜୀକୃତ ହୋଇଛି। ୨୦୨୨ଠାରୁ ଏହି ସଂଖ୍ୟା ୯.୨% ବଢ଼ିଥିବା ନେଇ ମଙ୍ଗଳବାର ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ସଦ୍ୟତମ ରିପୋର୍ଟରେ ପ୍ରକାଶ ପାଇଛି। ୨୦୨୨ରେ ୧ ଲକ୍ଷ ୬୨ ହଜାର ୪୪୯ ଶିଶୁ ବିରୋଧୀ ଅପରାଧ ମାମଲା ପଞ୍ଜୀକୃତ ହୋଇଥିଲା। ରିପୋର୍ଟ ଅନୁଯାୟୀ, ୨୦୨୨ରେ ପ୍ରତି ୧ ଲକ୍ଷ ଶିଶୁ ଜନସଂଖ୍ୟାରେ ଅପରାଧ ହାର ୩୬.୬ ଥିବାବେଳେ ୨୦୨୩ରେ ଏହି ସଂଖ୍ୟା ବଢ଼ି ୩୯.୯ରେ ପହଞ୍ଚିଛି।



ଶିଶୁ ବିରୋଧୀ ଅପରାଧ ମଧ୍ୟରେ ସର୍ବାଧିକ ଅପହରଣ ମାମଲା ରହିଛି। ୨୦୨୩ରେ ମୋଟ ୭୯,୮୮୪ ଶିଶୁଙ୍କୁ ଅପହରଣ କରାଯାଇଥିବାର ମାମଲା ସାମ୍ନାକୁ ଆସିଛି। ସେହିପରି ୨୦୨୩ରେ ୬୭,୬୯୪ଟି ପୋକ୍‌ସୋ ଆଇନ ଅନ୍ତର୍ଗତ ଅପରାଧ ମାମଲା ପଞ୍ଜୀକୃତ ହୋଇଛି।

ରିପୋର୍ଟ ଅନୁଯାୟୀ, ୨୦୨୩ରେ ୪ ଲକ୍ଷ ୪୮ ହଜାର ୨୧୧ ମହିଳା ବିରୋଧୀ ଅପରାଧ ମାମଲା ପଞ୍ଜୀକୃତ ହୋଇଛି। ୨୦୨୨ ଏବଂ ୨୦୨୧ରେ ଏହି ସଂଖ୍ୟା ଯଥାକ୍ରମେ ୪ ଲକ୍ଷ ୪୫ ହଜାର ୨୫୬ ଏବଂ ୪ ଲକ୍ଷ ୨୮ ହଜାର ୨୭୮ ରହିଥିଲା। ୨୦୨୩ରେ ମହିଳା ଅପହରଣ ସମ୍ବନ୍ଧିତ ୮୮,୬୦୫ ମାମଲା ପଞ୍ଜୀକୃତ ହୋଇଛି। ସେହିପରି ମହିଳାଙ୍କୁ ଆକ୍ରମଣର ୮୩,୮୯୧ ମାମଲା ଏବଂ ବଳାତ୍କାରର ୨୯,୬୭୦ ମାମଲା ରୁଜୁ ହୋଇଛି। ନାବାଳିକାଙ୍କୁ ବଳାତ୍କାରର ୮୪୯ ମାମଲା ପଞ୍ଜୀକୃତ ହୋଇଛି। ୨୦୨୩ରେ ଯୌତୁକ ନିର୍ଯାତନା ଯୋଗୁ ମୃତ୍ୟୁସଂଖ୍ୟା ୬,୧୫୬ ରହିଛି। ସେହିପରି ଉକ୍ତ ବର୍ଷ ମହିଳାଙ୍କୁ ଆତ୍ମହତ୍ୟା ପାଇଁ ଉସ୍କାଯିବାର ୪,୮୨୫ ମାମଲା ପଞ୍ଜୀକୃତ ହୋଇଛି।

୨୦୨୩ରେ ଭାରତରେ ମୋଟ ୧ ଲକ୍ଷ ୭୧ ହଜାର ୪୧୮ ଆତ୍ମହତ୍ୟା ମାମଲା ପଞ୍ଜୀକୃତ ହୋଇଛି। ୨୦୨୨ ତୁଳନାରେ ଏହି ସଂଖ୍ୟା ୦.୩% ଅଧିକ। ପାରିବାରିକ ସମସ୍ୟା ଏବଂ ଅସୁସ୍ଥତା ଭାରତରେ ହେଉଥିବା ଆତ୍ମହତ୍ୟାର ୨ ପ୍ରମୁଖ କାରଣ ବୋଲି ରିପୋର୍ଟରେ କୁହାଯାଇଛି। ମହାରାଷ୍ଟ୍ରରେ ସର୍ବାଧିକ ୨୨,୬୮୭ ଆତ୍ମହତ୍ୟା ମାମଲା ପଞ୍ଜୀକୃତ ହୋଇଥିବା ବେଳେ ଏହା ପଛକୁ ତାମିଲନାଡୁରେ ୧୯୪୮୩, ମଧ୍ୟପ୍ରଦେଶରେ ୧୫୬୬୨, କର୍ଣ୍ଣାଟକରେ ୧୩୩୩୦ ଏବଂ ପଶ୍ଚିମବଙ୍ଗରେ ୧୨୮୧୯ ଆତ୍ମହତ୍ୟା ମାମଲା ପଞ୍ଜୀକୃତ ହୋଇଛି। ଦେଶର ସମୁଦାୟ ଆତ୍ମହତ୍ୟା ମାମଲାର କେବଳ ୪୯% ଏହି ୫ ରାଜ୍ୟରେ ପଞ୍ଜୀକୃତ ହୋଇଥିବା ନେଇ ରିପୋର୍ଟରେ କୁହାଯାଇଛି। ମୋଟ ଆତ୍ମହତ୍ୟା ମାମଲା ମଧ୍ୟରୁ ପାରିବାରିକ ସମସ୍ୟା ଯୋଗୁ ୩୧.୯% ଚରମ ନିଷ୍ପତ୍ତି ନେଇଥିବା ବେଳେ ଅସୁସ୍ଥତା ଯୋଗୁ ୧୯% ଆତ୍ମହତ୍ୟା କରିଛନ୍ତି। ସେହିପରି ଗତ ୧୦ ବର୍ଷ ମଧ୍ୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମହତ୍ୟା ମାମଲା ୬୪.୯% ବୃଦ୍ଧି ପାଇଛି। ୨୦୨୩ରେ ସମୁଦାୟ ୧୩,୮୯୨ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଥିବାର ମାମଲା ପଞ୍ଜୀକୃତ ହୋଇଛି। ୨୦୧୩ରେ ଏହି ସଂଖ୍ୟା ୮,୪୨୩ ରହିଥିଲା।

# ଦାନବ ଦେବୀ ଭୂମିକାରେ ସୋନାକ୍ଷୀ



ସୋନାକ୍ଷୀ ସିହ୍ନା

ହାଇଦ୍ରାବାଦ

ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ସମ୍ପ୍ରତି ତାଙ୍କର ଆଗାମୀ ମାଇଥୋଲୋଜିକାଲ ଥ୍ରୀଲର ଫିଲ୍ମ 'ଜଟାଧାରା'କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଫିଲ୍ମରେ ସୋନାକ୍ଷୀ 'ଧନ ପିଶାଚୀ' ନାମକ ଜଣେ ଶକ୍ତିଶାଳୀ ଦାନବ ଦେବୀଙ୍କ ଭୂମିକାରେ ନଜରକୁ ଆସିବେ। ନିକଟରେ 'ଜଟାଧାରା' ଫିଲ୍ମର ଏକ ଗୀତ 'ଧନ ପିଶାଚୀ'କୁ ରିଲିଜ୍ କରାଯାଇଥିବା ବେଳେ ଏଥିରେ ଦାନବ ଦେବୀ ରୂପରେ ସୋନାକ୍ଷୀଙ୍କ କିଲର ମୁଭ୍ସ ସୀନେ ପ୍ରେମୀମାନଙ୍କୁ ଚକିତ କରିଛି। ଭାରୀ ସୁନା ଅଳଙ୍କାର ସହ ପାରମ୍ପରିକ ଶାଢ଼ିରେ ସୋନାକ୍ଷୀଙ୍କ ଡ୍ୟାନ୍ସ ମୁଭ୍ସ ଏବଂ ଗୀତରେ ତାଙ୍କ ଲୁକ୍‌କୁ ପ୍ରଶଂସକମାନେ ଢ଼େର ପ୍ରଶଂସା କରିଛନ୍ତି। 'ଧନ ପିଶାଚୀ' ଗୀତରେ ସୋନାକ୍ଷୀଙ୍କ ଲୁକ୍‌କୁ ଦେଖିବା ପରେ 'ଜଟାଧାରା' ଫିଲ୍ମକୁ ନେଇ ସୀନେ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। 'ଜଟାଧାରା' ଫିଲ୍ମ ସହ ସୋନାକ୍ଷୀ ତେଲୁଗୁ ଫିଲ୍ମ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିବେ। ଏହି ଫିଲ୍ମରେ ତେଲୁଗୁ ଅଭିନେତା ସୁଧୀର ବାବୁ ତାଙ୍କ ବିପକ୍ଷରେ ନଜରକୁ ଆସିବେ। ସେହିପରି ଫିଲ୍ମରେ ଅଭିନେତ୍ରୀ ଦିବ୍ୟା ଖୋସ୍‌ଲା ଏବଂ ଶିଲ୍ପା ଶିରୋଡକରଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଭେଙ୍କଟ କଲ୍ୟାଣ ଓ ଅଭିଷେକ ଜୟସ୍ୱାଲଙ୍କ ନିର୍ଦ୍ଦେଶିତ 'ଜଟାଧାରା' ଫିଲ୍ମ ଆସନ୍ତା ନଭେମ୍ବର ୭ରେ ତେଲୁଗୁ ଏବଂ ହିନ୍ଦୀ ଭାଷାରେ ରିଲିଜ୍ ହେବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଜେନ୍ଦ୍ର ଚାମ୍ପିୟନ, ଓମ୍ ରନରଅପ୍


କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

## ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର ଅଲ୍ ଓଡ଼ିଶା ଫିଡେ ରେଟିଂ ଚେସ୍

ଭୁବନେଶ୍ୱର, ୩୦ା୯ (ତପନ ସ୍ୱାଇଁ)

ଏସ. ଆର. ଚେସ୍ ସେଣ୍ଟରର ଆନୁକୂଲ୍ୟରେ କଟକ ଫୁଲନଖରାସ୍ଥିତ ଆମ୍ରପଲ୍ଲୀ ରିସର୍ଟରେ ପ୍ରଥମ ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର ଅଲ୍ ଓଡ଼ିଶା ଫିଡେ ରେଟିଂ ଚେସ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ୮ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଖୋର୍ଦ୍ଧାର ରାଜେନ୍ଦ୍ର ସାହୁ ୭.୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ୫ ଖେଳାଳି ୭ ପଏଣ୍ଟ ଲେଖାଏ ପାଇଥିଲେ ହେଁ ଓମ୍ ଆଦିତ୍ୟ ଖାଡେଙ୍ଗା ରନରଅପ୍ ଏବଂ ଗଞ୍ଜାମର ଶ୍ରୀହନ ସାବତ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସୌରଭ ମହାପାତ୍ର, କ୍ଷେତ୍ରବର ମାଝି ଓ ସାଇ ଶକ୍ତି ପଣ୍ଡା ପରବର୍ତ୍ତୀ ୩ ସ୍ଥାନରେ ରହିଥିବାବେଳେ ୬.୫ ପଏଣ୍ଟ ଲେଖାଏ ପାଇ ମନିନ୍ଦ୍ର କାର୍ଜି, ସଞ୍ଜୀବନ ନାୟକ, ରବୀନ୍ଦ୍ର କୁମାର ଓଝା ଓ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ଟପ୍-୧୦ ଫିନିଶ୍ କରିଛନ୍ତି। ଲଳିତ ରଞ୍ଜନ ସାହୁ, ଆଦିତ୍ୟ ରଞ୍ଜନ ଦାସ, ସୁଶାନ୍ତ କୁମାର ଷଡ଼ଙ୍ଗୀ, ରାଜ କୁମାର ରାୟ ଓ ବିନୋଦ କହଁର ପରବର୍ତ୍ତୀ ୫ ସ୍ଥାନରେ ରହି ମୁଖ୍ୟ ପୁରସ୍କାର ଲାଭ କରିଛନ୍ତି। ଟ୍ରଫି ସହ ଚାମ୍ପିୟନଙ୍କୁ ୩୦୦୦୧, ରନରଅପ୍‌ଙ୍କୁ ୨୦୦୦୧ ଓ ତୃତୀୟ ସ୍ଥାନ ପାଇଁ ୧୫୦୦୧ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଛି। ଏହା ବ୍ୟତୀତ ବିଭିନ୍ନ ରେଟିଂ, ଅଣରେଟେଡ ଏବଂ ଅନ୍ୟାନ୍ୟ ବର୍ଗରେ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଏସ୍‌ଆର ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଓଡ଼ିଶାର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ମୁଖ୍ୟ ଅତିଥି ଏବଂ ଦଧିଚି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ଚେୟାରମ୍ୟାନ ମନୋଜ କୁମାର ଦାସ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ପୂର୍ବତନ ସଭାପତି ଜି.ଏସ. ପଟ୍ଟନାୟକ ଅନ୍ୟତମ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏସ୍‌ଆର ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ଏବଂ ଟୁର୍ନାମେଣ୍ଟ ଯାହା ନାମରେ ଆୟୋଜନ ହୋଇଛି ଅର୍ଥାତ୍ ଭାଗ୍ୟଶ୍ରୀଙ୍କ ବାପା ପ୍ରଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସମଲ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ବିଶ୍ୱ ଚେସ୍ ସଂଘ, ସର୍ବଭାରତୀୟ ଚେସ୍ ମହାସଂଘ ଓ ରାଜ୍ୟ ଚେସ୍ ସଂଘ ସ୍ୱୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାକୁ ଏସ୍‌ଆର୍ ଚେସ୍ ସେଣ୍ଟର ପକ୍ଷରୁ ଆୟୋଜନ କରାଯାଇଥିଲା। ୨୧ ଜିଲାରୁ ୧୩୩ ଅନ୍ତର୍ଜାତୀୟ ରେଟେଡ଼ ଖେଳାଳିଙ୍କ ସହ ରେକର୍ଡ ସଂଖ୍ୟକ ମୋଟ ୩୩୫ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହା ମଧ୍ୟରେ ୫୩ ମହିଳା, ଜଣେ ଭିନ୍ନକ୍ଷମ, ଜଣେ ଦୃଷ୍ଟିବାଧିତ, ଜଣେ ବଧିର, ୬ ଜଣ ୬୦ ବର୍ଷରୁ ଉର୍ଦ୍ଧ୍ୱ ଓ ୪ ଜଣ ୫ ବର୍ଷରୁ କମ୍ ଖେଳାଳି ସାମିଲ ଥିଲେ।

# ଦିବ୍ୟା ସାଣ୍ଡିଲ୍ୟଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର, ୩୦ା୯ (ତପନ ସ୍ୱାଇଁ)



## ଜାତୀୟ ଓପନ ଆଥ୍‌ଲେଟିକ୍ସ

ଝାଡ଼ଖଣ୍ଡର ରାଞ୍ଚିଠାରେ ମଙ୍ଗଳବାର ଶେଷ ହୋଇଥିବା ୬୪ତମ ଜାତୀୟ ଓପନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ୪ର୍ଥ ତଥା ଅନ୍ତିମ ଦିବସରେ ଓଡ଼ିଶାକୁ ଆଉ ଏକ ରୌପ୍ୟ ପଦକ ମିଳିଛି। ମହିଳା ହାମର ଥ୍ରୋ ଇଭେଣ୍ଟରେ ଦିବ୍ୟା ୫୭.୯୨ ମିଟର ଥ୍ରୋ କରି ଏହି ସଫଳତା ପାଇଛନ୍ତି। ଉତ୍ତର ପ୍ରଦେଶର ତନୟା ଚୌଧାରୀ ୬୦.୮୩ ମିଟର ସହିତ ସ୍ୱର୍ଣ୍ଣ ଏବଂ ପଞ୍ଜାବର ମନପ୍ରିସ କୌର ୫୬.୫୨ ମିଟର ସହ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଏହାକୁ ମିଶାଇ ଓଡ଼ିଶା ପ୍ରତିଯୋଗିତାରୁ ମୋଟ ୪ଟି ପଦକ ପାଇଛି। ଏହା ମଧ୍ୟରେ ୨ ରୌପ୍ୟ ଓ ୨ ବ୍ରୋଞ୍ଜ ସାମିଲ। ସୋମବାର ତୃତୀୟ ଦିବସରେ ଓଡ଼ିଶା ୩ଟି ପଦକ ହାସଲ କରିଥିଲା। ସରୁନ ପାୟାସିଂ ପୁରୁଷ ଲଙ୍ଗଜମ୍ପ ଇଭେଣ୍ଟରେ ୭.୭୭ ମିଟର କ୍ଲିୟର କରି ରୌପ୍ୟ ପଦକ ପାଇଥିବାବେଳେ ସ୍ୱାଧୀନ କୁମାର ମାଝି ହାଇଜମ୍ପରେ ୨.୧୪ ମିଟର ଡେଇଁ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିପରି ଓଡ଼ିଶା ୪x୧୦୦ ମିଟର ପୁରୁଷ ରିଲେ ଦଳ ୩୯.୮୯ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ଅର୍ଜନ କରିଥିଲା। ଓଡ଼ିଶାରୁ ମୋଟ ୧୩ ଆଥ୍‌ଲେଟ୍ ଏଥିରେ ଅଂଶଗ୍ରହଣ କରିଥିଲେ।

# ଜାତୀୟ ଫୁଟ୍‌ବଲ କ୍ୟାମ୍ପ୍‌ରୁ ୫ ଖେଳାଳି ରିଲିଜ୍

ନୂଆଦିଲ୍ଲୀ,୩୦ା୯(ପି.ଟି.)

ଭାରତୀୟ ପୁରୁଷ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ଖାଲିଦ ଜମିଲ ମଙ୍ଗଳବାର ୫ ଖେଳାଳିଙ୍କୁ ସିଙ୍ଗାପୁର ବିପକ୍ଷ ଏଏଫ୍‌ସି ଏସିଆନ୍ କପ୍ କ୍ୱାଲିଫାୟର ମ୍ୟାଚ୍ ଲାଗି ଚାଲିଥିବା ପ୍ରସ୍ତୁତି କ୍ୟାମ୍ପ୍‌ରୁ ରିଲିଜ୍ କରିଛନ୍ତି। ଡିଫେଣ୍ଡର ଆଶିର ଅଖ୍‌ତର, ଫରୱାର୍ଡ ଯତୀନ ଏମ୍‌ଏସ୍, ମନବୀର ସିଂ(ଜୁନିୟର), ମହମ୍ମଦ ଏମେନ ଓ ମିଡ୍‌ଫିଲ୍ଡର ଭିପିନ ମୋହନାନ୍‌ଙ୍କୁ କ୍ୟାମ୍ପ୍‌ରୁ ରିଲିଜ୍ କରାଯାଇଥିବା ନେଇ ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ(ଏଆଇଏଫ୍‌ଏଫ୍) ପକ୍ଷରୁ କୁହାଯାଇଛି। ଦେଶର ଷ୍ଟାର୍ ଷ୍ଟ୍ରାଇକର ସୁନୀଲ ଛେତ୍ରୀ ଓ ତାଙ୍କର ଦୁଇ ବେଙ୍ଗାଲୁରୁ ଏଫ୍‌ସି ସାଥୀ ଖେଳାଳି ରାହୁଲ ଭେକେ ଓ ରୋହନ ସିଂ ନାଓରେମ ବେଙ୍ଗାଲୁରୁ କ୍ୟାମ୍ପ୍‌ରେ ଯୋଗଦେବା ପରେ ଏଭଳି ପରିବର୍ତ୍ତନ କରାଯାଇଛି। ଲିଷ୍ଟନ କୋଲାକୋ, ଦୀପକ ଟାଙ୍ଗରି ଓ ସାହଲ ଅବଦୁ ସମଦ ମଧ୍ୟ କ୍ୟାମ୍ପ୍‌ରେ ଯୋଗଦେଇଛନ୍ତି।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଜୁନିୟର ମହିଳା ହକି ଦଳର ବିଜୟ

**କାନବେରା, ୩୦ା୯ (ପି.ଟି.):** ଭାରତୀୟ ଜୁନିୟର ମହିଳା ହକି ଦଳ ଇଶିକାଙ୍କ ଡବଲ ଗୋଲ୍ ସହାୟତାରେ ଏଠାରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚରେ ଅଷ୍ଟ୍ରେଲୀୟ ଦଳ କାନବେରା ଚିଲ୍‌କୁ ୩-୧ରେ ପରାସ୍ତ କରିଛି। ଅଷ୍ଟ୍ରେଲିଆ ଟୁର୍‌ରେ ଦଳର ଏହା ହେଉଛି ଦ୍ୱିତୀୟ ବିଜୟ। ଇଶିକା ୧୩ତମ ଓ ୩୯ତମ ମିନିଟରେ ତାଙ୍କର ଦୁଇଟି ଗୋଲଦେଇଥିବା ବେଳେ ସୋନମ ୨୭ତମ ମିନିଟ୍‌ରେ ଏକ ଗୋଲ୍ ସ୍କୋର କରିଥିଲେ। କାନବେରା ଚିଲ୍ ତରଫରୁ ଏକମାତ୍ର ଗୋଲ୍ ସ୍କୋର କରିଥିବା ନାଓମି ଇଭାନ୍ସ ୧୧ଶ ମିନିଟରେ ଏକ ପେନାଲ୍‌ଟି କର୍ନରକୁ ଗୋଲରେ ପରିଣତ କରି ତାଙ୍କ ଦଳକୁ ପ୍ରଥମେ ୧-୦ରେ ଅଗ୍ରଣୀ କରାଇଥିଲେ। ଭାରତ ଏହାର ଶେଷ ଟୁର୍ ମ୍ୟାଚ ଗୁରୁବାର କାନବେରା ଚିଲ୍ ବିପକ୍ଷରେ ଖେଳିବ।

# ଦୃଢ଼ ପ୍ରତିବାଦ କଲା ବିସିସିଆଇ

## ଏସିସି ଏଜିଏମ୍

ଦୁବାଇ,୩୦ା୯(ପି.ଟି.)

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଙ୍ଗଳବାର ବସିଥିବା ଏସିଆନ୍ କ୍ରିକେଟ କାଉନ୍‌ସିଲ(ଏସିସି)ର ଏଜିଏମ୍‌ରେ ଭାରତ ଏସିଆ କପ୍ ଜିତିବା ପରେ ଟ୍ରଫି ହସ୍ତାନ୍ତର କରା ନ ଯିବାକୁ ନେଇ ଦୃଢ଼ ପ୍ରତିବାଦ କରିଛି। ହେଲେ ଏସିସି ମୁଖ୍ୟ ମହସିନ ନକ୍‌ଭି ଏବେ ବି ଟ୍ରଫି ଫେରାଇବାକୁ ରାଜିନାହାନ୍ତି। ଭର୍ଚ୍ଚୁଆଲ ମୋଡ୍‌ରେ ଅନୁଷ୍ଠିତ ଏଜିଏମ୍‌ରେ ବିସିସିଆଇ ପକ୍ଷରୁ ଉପସଭାପତି ରାଜୀବ ଶୁକ୍ଲା ଏବଂ ପୂର୍ବତନ ଟ୍ରେଜରର ଆଶିଷ ଶେଲାର ପ୍ରତିନିଧିତ୍ୱ କରିଥିଲେ।
ଏସିଆ କପ୍ ଟ୍ରଫି ଏବେ ବି ଏସିସି କାର୍ଯ୍ୟାଳୟରେ ରହିଛି ଏବଂ ଏହାକୁ ବିଜୟୀ ଦଳର ସଦସ୍ୟଙ୍କୁ କେବେ ଦିଆଯିବ, ତାହା ସ୍ପଷ୍ଟ ହୋଇନାହିଁ। ଭାରତୀୟ ଦଳକୁ ଟ୍ରଫି ଦିଆ ନ ଯିବା ଓ ମ୍ୟାଚ୍ ପରବର୍ତ୍ତୀ ପୁରସ୍କାର ବିତରଣ ଉତ୍ସବରେ ଏସିସି ମୁଖ୍ୟ ନକ୍‌ଭି କରିଥିବା ଡ୍ରାମା ବିରୋଧରେ ଏସିସି ବୈଠକରେ ବିସିସିଆଇ ଦୃଢ଼ ପ୍ରତିବାଦ କରିଛି। ଏପରିକି ବିସିସିଆଇ ଉପସଭାପତି ଶୁକ୍ଲା କହିଥିଲେ, ଟ୍ରଫିକୁ ବିଜୟୀ ଦଳକୁ ହସ୍ତାନ୍ତର କରାଯିବା ଉଚିତ। ଏହା ଏକ ଏସିସି ଟ୍ରଫି ଏବଂ ଏହା କୌଣସି ବ୍ୟକ୍ତିବିଶେଷଙ୍କର ନୁହେଁ। ଏହାସତ୍ତ୍ୱେ ନକ୍‌ଭି ଟ୍ରଫି ଫେରାଇବାକୁ ରାଜିହୋଇ ନ ଥିଲେ।

# ଟ୍ରଫି ଫେରାଇବାକୁ ସର୍ତ୍ତ ରଖିଲେ ନକ୍‌ଭି

## ଏସିଆ କପ୍

ନୂଆଦିଲ୍ଲୀ,୩୦ା୯

ଭାରତୀୟ ଦଳ ଏସିଆ କପ୍ ଚାମ୍ପିୟନ ହେବା ପରେ ଟ୍ରଫି ନେବାକୁ ମନା କରିବାରୁ ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ମୁଖ୍ୟ ମହସିନ ନକ୍‌ଭି ଟ୍ରଫି ଧରି ନିଜ ହୋଟେଲକୁ ଚାଲି ଯାଇଥିଲେ। ଫାଇନାଲ ମ୍ୟାଚ୍ ଶେଷ ହେବାର ଦୁଇଦିନ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଦଳକୁ ଟ୍ରଫି ଦିଆଯାଇ ନାହିଁ। ଗଣମାଧ୍ୟମରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ମୁତାବକ, ପାକିସ୍ତାନର ଅନ୍ତରୀଣ ମନ୍ତ୍ରୀ ଥିବା ନକ୍‌ଭି ଭାରତୀୟ ଦଳକୁ ଟ୍ରଫି ଓ ମେଡାଲ ଫେରାଇବା ପାଇଁ ଏକ ସର୍ତ୍ତ ରଖିଛନ୍ତି। ନକ୍‌ଭି ଆୟୋଜକଙ୍କୁ ସୂଚନା ଦେଇଛନ୍ତି ଯେ, ଯଦି ଏକ ପୁରସ୍କାର ପ୍ରଦାନ ଉତ୍ସବ ଆୟୋଜନ କରାଯାଇ ତାଙ୍କୁ ଟ୍ରଫି ଓ ମେଡାଲ ଦେବାକୁ ସୁଯୋଗ ଦିଆଯାଏ, ତେବେ ହିଁ ସୂର୍ଯ୍ୟକୁମାରଙ୍କ ଦଳ ଟ୍ରଫି ପାଇପାରିବ ବୋଲି ଏହି ରିପୋର୍ଟରେ ଦାବି କରାଯାଇଛି। ତେବେ ତାଙ୍କ ଲାଗି ଏଭଳି ବ୍ୟବସ୍ଥା କରାଯିବାର କୌଣସି ସମ୍ଭାବନା ନାହିଁ। ଏହାର ଅର୍ଥ ଏସିଆ କପ୍ ଟ୍ରଫି ଫେରିବାକୁ ଆହୁରି କିଛି ସମୟ ଲାଗିବ।

# ମୋହନବାଗାନକୁ ଶକ୍ତ ଧକ୍କା

କୁଆଲାଲମ୍ପୁର,୩୦ା୯(ପି.ଟି.)

ଆଇଏସ୍‌ଏଲ୍ ଚାମ୍ପିୟନ ମୋହନ ବାଗାନ ଏସ୍‌ସି ୨୦୨୫-୨୬ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ୨ ପ୍ରତିଯୋଗିତାରୁ ଓହରି ଯାଇଥିବା ଏସିଆନ୍ ଫୁଟ୍‌ବଲ କନ୍‌ଫେଡେରେଶନ (ଏଏଫ୍‌ସି) ପକ୍ଷରୁ ଦର୍ଶାଯାଇଛି। ସୁରକ୍ଷାଗତ କାରଣରୁ ସେପାହନ ଏସ୍‌ସି ବିପକ୍ଷ ମ୍ୟାଚ୍ ଲାଗି ଇରାନ ଟୁର କରିପାରିବ ନାହିଁ ବୋଲି ମୋହନ ବାଗାନ କ୍ଲବ ପକ୍ଷରୁ କୁହାଯାଇଥିଲା। ଦଳର ୬ ବିଦେଶୀ ଖେଳାଳିଙ୍କ ଦେଶ ପକ୍ଷରୁ ଇରାନ ଟ୍ରାଭେଲ ନ କରିବା ପାଇଁ ଆଡ୍‌ଭାଇଜରି ଜାରି ହୋଇଥିବାରୁ କ୍ଲବକୁ ବାଧ୍ୟ ହୋଇ ଏଭଳି ନିଷ୍ପତ୍ତି ନେବାକୁ ପଡ଼ିଥିଲା। ଟୁର୍ନାମେଣ୍ଟର ନିୟମ ଅନୁଯାୟୀ, ଫୁଲାଦ ମୋବାରକେ ସେପାହନ ଏସ୍‌ସି ବିପକ୍ଷ ମ୍ୟାଚ୍ ଲାଗି ଇସଫାହନରେ ପହଞ୍ଚିବାରେ ବିଫଳ ହୋଇଥିବାରୁ ମୋହନ ବାଗାନ ସୁପର ଜାଏଣ୍ଟକୁ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍-୨ ୨୦୨୫/୨୬ ଓହରି ଯାଇଥିବା ଦର୍ଶାଯାଇଛି। ଏହାର ପରିଣାମ ସ୍ୱରୂପ ମୋହନ ବାଗାନ ଖେଳିଥିବା ତା'ର ଗତ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌କୁ ବାତିଲ କରି ଦିଆଯାଇଛି। ଏହି ମାମଲାର ଉଚିତ ବିଚାର ଲାଗି ସମ୍ପର୍କିତ ଏଏଫ୍‌ସି କମିଟିକୁ ପଠାଯାଇଥିବା ଏଏଫ୍‌ସି ପକ୍ଷରୁ କୁହାଯାଇଛି।

# ପଦକ ଜିତିଲେ ଓଡ଼ିଶାର ୮ ଖେଳାଳି



ପଦକ ବିଜୟୀ ଓଡ଼ିଶା ଖେଳାଳି ଓ ଅନ୍ୟମାନେ।

ଭୁବନେଶ୍ୱର, ୩୦ା୯ (ତପନ ସ୍ୱାଇଁ)

କଶ୍ମୀରଠାରେ ୩ୟ ଜୁନିୟର ଏସୀୟ ପେନଚାକ୍ ସିଲାଟ୍ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶାର ୮ ପ୍ରତିଯୋଗୀ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସେମାନଙ୍କ ମଧ୍ୟରୁ କାହ୍ନା ବେହେରା ଟେଣ୍ଡିଂ ଇଭେଣ୍ଟରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଆଣିଥିବା ବେଳେ ଆଶିକ ପ୍ରଧାନ, ସ୍ୱୟଂ ଗୁରୁଙ୍ଗ, ଭୁବନ ରାୟ ରେଗୁ ଇଭେଣ୍ଟରେ ରୌପ୍ୟ, ଏଲିନା ଗୁରୁଙ୍ଗ, ଗାୟତ୍ରୀ ଦାସ, ନିତିଶା ବାରିକ୍ ରେଗୁରେ ବ୍ରୋଞ୍ଜ, ଆସିକ ପ୍ରଧାନ ଟେଣ୍ଡିଂ ଇଭେଣ୍ଟରେ ବ୍ରୋଞ୍ଜ, ନୀତିଶା ବାରିକ ସୋଲୋ ଇଭେଣ୍ଟରେ ବ୍ରୋଞ୍ଜ ଏବଂ ସମରେଶ କୁମାର ନନ୍ଦ ଟେଣ୍ଡିଂ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ଏହି ଏସିଆନ ଚାମ୍ପିୟନଶିପରେ ୧୨ ଦେଶରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପେନ୍‌ଚାକ ସିଲାଟ ଆସୋସିଏଶନ ଖୋର୍ଦ୍ଧାର ସମ୍ପାଦକ ଜିତେନ୍ଦ୍ର କୁମାର ରାଉତ, ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ଆଦି ସମସ୍ତ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


# Classified Everyday
0674-2580101, 9692975378




## GROOM WANTED

ବୟସ 29, High School Teacher ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9668229904. D-2147

ବୟସ 28, କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 7815055186. D-2148





## REAL ESTATE SALE

ଭୁବନେଶ୍ୱର **NISER, IIT** ଜଟଣୀ ପାଖରେ ପ୍ରସ୍ତାବିତ **BDA 200ft** ରୋଡକୁ ଲାଗି **investment** ପ୍ଲଟ୍ ପୋଜେସନ ଥାଇ **Sqft.- 650/-, 850/-** ବିକ୍ରି ହେଉଛି- **9337166296.** D-1942

Resort at Puri investment- 20 lakhs Rental- 3 lakhs, investment- 50 lakhs Rental- 9 lakhs with Guaranteed Agreement. 8917622925. D-2172

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପିତାପଲ୍ଲୀ ଛକ NH Side 60ft ରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘରକଲା ଭଳି ପ୍ଲଟ ପାଚେରି, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **(owner)- 9090963952.** D-02




Nayagarh: 2000sqft. space To-Let opposite to Taxi Stand in Main Road. Suitable for Showroom/Office. Contact: 7609919284 / 9535513738. D-2174

**Warehouse To-let at Hanspal near NH-16, Bhubaneswar 33000sqft. Plinth+ 11000sqft. Mezzanine. Contact: 7205809501, 9861096613.** D-1985

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

## LOST

I, Sri Suresh Kumar Choudhury, S/o- Late Krushna Chandra Choudhury, resident of Plot No.- 1888, Budheswari Colony, near Chintamaniswar Temple, Cuttack Road, Bhubaneswar, Dist.- Khurda, Odisha-751006, am the owner of the vacant land at Dist./ Tahasil/SRO- Khordha, Mouza- Kuradhamala, Khata No.- 530/636, Plot No.-1219, Area Ac0.330dec. corresponding to Khata No.- 530/140, Plot No.- 1219 which corresponds to Khata No.- 55, Plot No.- 1219. I have lost the original link document regarding the above mention property vide Registered Sale Deed No.- 88, dated 02.01.2010 at Mastercanteen, Kharvel Nagar. Now I am going to mortgage the said property in SBI, Chandaka IIC, SME Branch, Mancheswar, Bhubaneswar. Therefore, notice is hereby given to general public that if anybody has any claim over the said property on the missing document, he/ she may contact the BM of above said Bank or me within 30 days of this publication. Contact details- 9658791135, 7978668704. D-2169

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 24.09.2025, I, Sailendra Narayan Pattanaik, Address: At- Plot No.- 47, Arya Village, P.O./P.S.- Khandagiri, Dist.- Khordha, PIN-751019 declare that I have changed my name from Sailendra Narayan Pattnaik to Sailendra Narayan Pattanaik. Henceforth, I shall be known as Sailendra Narayan Pattanaik for all purposes.
Sd./- Sailendra Narayan Pattanaik
D-2171

By virtue of an affidavit dtd. 22.09.2025 sworn before Executive Magistrate, Bhadrak, I, Balaram Mallick (27 yrs), S/o- Nrusingha Mallick, Vill- Anasarpur, P.O.- Balabhadrapur, P.S.- Bhadrak (Rural), Dist.- Bhadrak, Odisha, declare that my name is wrongly mentioned as Balaram Malik in some documents. Further I declare that I have changed my name from Balaram Malik to Balaram Mallick for all purposes. D-2168

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

Shradhanjali
(On 4th Death Anniversary)



DOB: 01.07.1929
DOD: 15.10.2021
**Late Biswanath Mishra**
(Former Law Secretary)
A noble soul, your simple, honest and disciplined life will continue to guide us. You will live in our memories and be in our prayers always.
DEEPLY MOURNED BY
Family, Friends and Relatives
ଧ-୨୧୭୩

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଅକ୍ଷୟ କୁମାର ମହାନ୍ତି**
ଦେଉଳି, ଚନ୍ଦନନଗର, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ଆବିର୍ଭାବ: ୦୩ା୦୩ା୧୯୫୧ (ଅକ୍ଷୟ ତୃତୀୟା)
ତିରୋଧାନ: ୨୨ା୦୯ା୨୦୨୫
ଆପଣଙ୍କ କର୍ତ୍ତବ୍ୟପରାୟଣତା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୨୧୭୦

## ଫୁଲ ଚାଷ



ତରଳ ଖତ ହାଣ୍ଡିରେ ବା ଡ୍ରମରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିୟ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗଲ୍ ସୁପର ଫସ୍ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ଗେଣ୍ଡୁଫୁଲ ଓ ଅନ୍ୟାନ୍ୟ ଶୀତଦିନିଆ ଫୁଲମଞ୍ଜିର ଚାରା ଅକ୍ଟୋବର ପ୍ରଥମ ସପ୍ତାହ ମଧ୍ୟରେ ପକାନ୍ତୁ । ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା – ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ, ସେରାକୋଲା ଇତ୍ୟାଦି । ସେବତୀ ସେପ୍ଟେମ୍ବରରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷକରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨-୩ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗିଦିଅନ୍ତୁ । ଚଳିତ ମାସର ତୃତୀୟ ସପ୍ତାହରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଗୋଲାପ ଗଛ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ ।

## ଫଳଚାଷରେ ଜଳ ପରିଚାଳନା



ଫଳବଗିଚାରେ ପାଣି ଜମିବାର ଥିଲେ ଜଳ ନିଷ୍କାସନ କରନ୍ତୁ ଓ ଶେଷ ଦଫା ସାର ପ୍ରୟୋଗ କରନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ । ଅବଦକାରୀ ଡାଳଗୁଡ଼ିକୁ କାଟଛାଣ୍ଟ କରି ବୋର୍ଡୋପେଷ୍ଟର ପ୍ରଲେପ ଦିଅନ୍ତୁ । ଉଈ ନ ହେବା ପାଇଁ କ୍ଲୋରୋପାଇରିଫସ୍ ଦ୍ରବଣ (୫ ମି.ଲି. / ଲିଟର ପାଣିରେ) ମାଟିରେ ସିଞ୍ଚନ କରନ୍ତୁ କିମ୍ବା ଗଛ ପ୍ରତି ୫୦ ଗ୍ରାମ୍ ହିସାବରେ କ୍ଲୋରୋପାଇରିଫସ୍ ଗୁଣ୍ଡକୁ ଗଛ ମୂଳରେ ପ୍ରୟୋଗ ପରେ ମାଟି ଦେକିଦିଅନ୍ତୁ । କଲମୀ ଗଛର କାଟଛାଣ୍ଟ ପ୍ରତି ବିଶେଷ ଧ୍ୟାନଦିଅନ୍ତୁ । ଆମ୍ବଗଛରେ ଜଳସେଚନ ବନ୍ଦ କରନ୍ତୁ ।

### ଜାଣି ରଖନ୍ତୁ



ବର୍ଷାଦ୍ୱାରା କ୍ଷତିଗ୍ରସ୍ତ କୁକୁଡ଼ାଘର ଗୁଡ଼ିକୁ ଶୀଘ୍ର ମରାମତି କରି ପରିଷ୍କାର କରିଦିଅନ୍ତୁ । ଓଦା ବା ନଷ୍ଟ ହୋଇଯାଇଥିବା କୁକୁଡ଼ାଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ । ମୁକ୍ତ ଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆପାଣି ପିଇବାକୁ ଦିଅନ୍ତୁ ନାହିଁ । ବ୍ରଏଲର କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ା ଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ । କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଉଚିତ । ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ । ଛେଳିମେଣ୍ଢା ରହୁଥିବା ଗୃହକୁ ପରିଷ୍କାର ପରିଚ୍ଛନ୍ନକରି ଟିଙ୍କ ନିବାରଣ ଔଷଧ ଯଥା ପେଷ୍ଟୋବାନ୍ କିମ୍ବା ସେଭ୍ନୋସାଇଡ୍ କିମ୍ବା ବିଦ୍ୟୁଥାଉଟ ସିଞ୍ଚନ କରନ୍ତୁ । କୃମିରୋଗର ପ୍ରତିକାର ପାଇଁ କୃମି ଔଷଧ ଦିଅନ୍ତୁ । ଏଣ୍ଟେରୋଟକ୍ସେମିଆ, ପିପିଆର୍ ରୋଗର ଟିକା ଦିଅନ୍ତୁ । ଶୀତଦିନ ଆସୁଥିବାରୁ ଗୁହାଳର ଝରକା ବା ଜାଲିରେ ବସ୍ତା ବା ପଲିଥିନ୍ ଲଗାଇ ଛେଳିମେଣ୍ଢାଙ୍କୁ ଥଣ୍ଡାରୁ ରକ୍ଷା କରିବାର ବନ୍ଦୋବସ୍ତ କରନ୍ତୁ ।

### ମାଛ ଚାଷ

ବର୍ଷା ତଥା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ପୋଖରୀ ହୁଡ଼ାକୁ ଠିକ୍ ଭାବରେ ପ୍ରସ୍ତୁତକରନ୍ତୁ ଏବଂ ପୋଖରୀରେ ମୁଣ୍ଡା ଯାଆଁଳ ଛାଡ଼ନ୍ତୁ । ହେକ୍ଟର ପ୍ରତି ଦୈନିକ ୩.୫୦ କି.ଗ୍ରା. କାଞ୍ଚିଆ କୁଣ୍ଡା ଓ ୩.୫୦ କି.ଗ୍ରା. ବାଦାମ ପିଡ଼ିଆର ମିଶ୍ରଣ ପୋଖରୀରେ ପ୍ରୟୋଗ କରନ୍ତୁ । ଏହାଛଡ଼ା ମାସିକ ହେକ୍ଟର ପ୍ରତି ୨୫ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ଚୂନ ପ୍ରୟୋଗର ୭ ଦିନ ପରେ ୬୨୫ ରୁ ୭୫୦ କି.ଗ୍ରା. କଞ୍ଚା ଗୋବର ପୋଖରୀରେ ପ୍ରୟୋଗ କରନ୍ତୁ ଏବଂ ଗୋବର ପ୍ରୟୋଗର ୧୫ ଦିନ ପରେ କ୍ୟାଲ୍ସିୟମ ଆମୋନିୟମ୍ ନାଇଟ୍ରେଟ୍ (ସିଏଏନ୍) ୨୦ ରୁ ୨୫ କି.ଗ୍ରା. ଏବଂ ସିଙ୍ଗଲ୍ ସୁପର ଫସ୍ଫେଟ୍ (ଏସ୍ଏସ୍ପି) ସାର ୧୫ ରୁ ୨୦ କି.ଗ୍ରା. ମାଛ ପୋଖରୀରେ ପ୍ରୟୋଗ କରନ୍ତୁ ।

### ପ୍ରାଣୀଙ୍କ ଯତ୍ନ



ଗୋରୁଙ୍କୁ ପାଣି ଜମିଥିବା ସନ୍ତସନ୍ତିଆ ସ୍ଥାନକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ। ଫାଟୁଆ, ବଜବଜିଆ, ଆନ୍ତ୍ରାକ୍ସ ଏବଂ ସାହାଣ ରୋଗ ପ୍ରତିଷେଧକ ଟିକା ଦିଅନ୍ତୁ । ବର୍ଷାରେ ଭାଙ୍ଗି ଯାଇଥିବା ଗୁହାଳକୁ ସଜାଡ଼ି ଭଲଭାବେ ପରିଷ୍କାର କରିଦିଅନ୍ତୁ। ଗୋରୁଙ୍କୁ ଗୋଳିଆପାଣି ପିଇବା ପାଇଁ ଦିଅନ୍ତୁ ନାହିଁ । ଗୋରୁଙ୍କୁ ପ୍ରତି ୩ମାସରେ ଥରେ କୃମିନାଶକ ଖୁଆନ୍ତୁ । ପ୍ରତ୍ୟେକ ଦିନ ଗୁହାଳରୁ ବାହାରୁଥିବା ମଳ, ମୂତ୍ର, ବଳକା ଘାସ, କୁଟା ଓ ପାଉଁଶ ଇତ୍ୟାଦିକୁ ଖତଗଦାରେ ପକାନ୍ତୁ। ଖତଗଦାକୁ ଘରଠାରୁ ଅନ୍ୟୂନ ୧୦୦ ଫୁଟ ଦୂରରେ କରନ୍ତୁ । ଗୋରୁଙ୍କ ପ୍ରାକୃତିକ ଖାଦ୍ୟ ପାଇଁ ବରଗୁଡ଼ି, ଓଟ୍, ଲୁସର୍ନ ଇତ୍ୟାଦି ଚାଷ କରନ୍ତୁ । ଅଧିକ ଥଣ୍ଡା ଓ ଅଧିକ ଦିନ ଶୀତ ରହୁଥିବା ଅଞ୍ଚଳରେ ବର୍ସିମ୍ ଘାସ ଚାଷ କରନ୍ତୁ । ବାଛୁରୀ ରହୁଥିବା ଘରେ ଝରକା ବା ଜାଲିରେ ବସ୍ତା ଟାଙ୍ଗି ଥଣ୍ଡାରୁ ରକ୍ଷାକରିବା ବନ୍ଦୋବସ୍ତ କରନ୍ତୁ। ଗୋରୁଙ୍କ ଉପରେ ଟିଙ୍କ ନିବାରଣ ଔଷଧ ସିଞ୍ଚନ କରନ୍ତୁ।

# ସଅଳ କିସମ ଧାନ କାଟିବା ସମୟରେ...



ସଅଳ କିସମ ଧାନ କାଟିବାର ୧ସପ୍ତାହ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ । ଶତକଡ଼ା ୮୫ ଭାଗ କେଣ୍ଡା ପାଚିଗଲେ ଅମଳକରି ୨/୩ ଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ। ବିଳମ୍ବରେ ରୁଆଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋରୋପାଇରିଫସ୍ ଗୁଣ୍ଡ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରି କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳ ବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହାଦ୍ୱାରା ବୁଦାମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଓ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦା ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନକରି ସିଞ୍ଚନ କରନ୍ତୁ।

## ଏ ମାସର କୃଷି ସୂଚନା

ଅର୍ଥାତ୍ ଏକା କୀଟନାଶକକୁ ଦ୍ୱିତୀୟ ବାର ସିଞ୍ଚନ କରନ୍ତୁ ନାହିଁ। କୀଟନାଶକ ପ୍ରୟୋଗ ସମୟରେ ସତର୍କତା ବିଧି ଅବଲମ୍ବନ କରନ୍ତୁ। କାଣ୍ଡବିନ୍ଧା ପୋକ ଦମନ ପାଇଁ ୧ ବର୍ଗମିଟର ପ୍ରତି କେଣ୍ଡା ବାହାରିବା ପୂର୍ବରୁ ୧ଟି ପ୍ରଜାପତି ଦେଖାଗଲେ ପ୍ରୋଫେନୋଫସ୍ ୨ ମି.ଲି. କିମ୍ବା ଫିପ୍ରୋନିଲ୍ ୨ ମି.ଲି. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ (୫୦%) ୨ ଗ୍ରାମ୍କୁ ପ୍ରତି ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁଜି ଏକର ପ୍ରତି ୫୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ୫୦ କି.ଗ୍ରା. ଶୁଖିଲା ବାଲିରେ ଗୋଳାଇ ବିଲ ହିଡ଼ରେ ପ୍ରୟୋଗକଲେ ନିକଟବର୍ତ୍ତୀ ଆକ୍ରାନ୍ତ କିଆରିରୁ ଲେଡ଼ାପୋକର ଲାର୍ଭା ଆସିଲେ ବିଷ ସଂସ୍ପର୍ଶରେ ଆସି ମରିଯାଆନ୍ତି। ଏହାଛଡ଼ା, ଫସଲରେ ୧ ଲିଟର କ୍ଲୋରୋପାଇରିଫସ୍ ୨୦% ଇ.ସି. କିମ୍ବା ପ୍ରୋଫେନୋଫସ୍ / ସାଇପରମେଥ୍ରିନ୍ ମିଶ୍ରିତ କୀଟନାଶକ ହେକ୍ଟର ପ୍ରତି ୧ ଲିଟର ସିଞ୍ଚନ କଲେ ଲେଡ଼ାପୋକ ଆକ୍ରମଣରୁ ରକ୍ଷା ମିଳେ। ବୀଜାଣୁଜନିତ ପତ୍ରପୋଡ଼ା ଓ ପୋକ ଦମନ ପାଇଁ ପ୍ରତି ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ହିସାବରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ସହ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

**ଡାଲିଜାତୀୟ ଫସଲ**

ମୁଗର ଉନ୍ନତ କିସମ ମଧ୍ୟରେ ରହିଛି- ଟାର୍ମ-୧, ଟାର୍ମ-୨, ପୁଷା-୯୦୭୨, ଓବିଜିଜି-୫୨, ଓୟୁଏମ୍୧୧-୫ (କାମଦେବ), ସୁଜାତା ଓ ଧଉଳି, ଆଇପିଏମ୍-୦୨-୧୪ ଏବଂ ଆଇପିଏମ୍-୦୨-୦୩ ।

**ବିରିର ଉନ୍ନତ କିସମ :** ଟି-୯, ପନ୍ତ୍ ୟୁ-୩୦, ପନ୍ତ୍ ୟୁ-୩୫, ପ୍ରସାଦ, ଉଜ୍ୱଳା, ଶେଖର-୨, ସାରଳା, ମାହୁରି, ଶଶୀ । ମୁଗ, ବିରି, ମଟର, ବିଲଚଣା ଆଦିକୁ ଧାନ କାଟିବାର ୭ ଦିନ ପୂର୍ବରୁ ଅନୁମୋଦିତ ବିହନର ଦେଢ଼ଗୁଣ ପାଇରା ଫସଲ ପାଇଁ ଛଟାବୁଣା କରନ୍ତୁ । ଜମି କିସମ ଦେଖି ପ୍ରାକ୍ ରବି ଫସଲ ଭାବେ ମୁଗ କିସମ ଟାର୍ମ-୧ ଓ ୨, ପିଡିଏମ୍୧୧ ଓ ୫୪, ବିରି କିସମ ସାରଳା, ପିୟୁ-୩୦ ଓ ୩୫ ଅକ୍ଟୋବର ଦ୍ୱିତୀୟ ସପ୍ତାହ ସୁଦ୍ଧା ବୁଣାବୁଣି କରନ୍ତୁ। ବିହନ ବୁଣିବା ପୂର୍ବରୁ ରାଇଜୋବିୟମ୍ ଜୀବାଣୁ କଲ୍ଚର କେ.ଜି. ପ୍ରତି ୨୦ ଗ୍ରାମ୍ ଦ୍ୱାରା ବିଶୋଧନ କରନ୍ତୁ । ହେକ୍ଟର ପ୍ରତି ୨୦ କେ.ଜି. ଯବକ୍ଷାରଜାନ ୪୦ କେ.ଜି. ଫସ୍ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ବ୍ୟବହାର କରନ୍ତୁ ।

**ହରଡ଼**

ହରଡ଼ ଫସଲରେ ଛୁଇଁବିନ୍ଧା ଓ ପତ୍ରକଟା ପୋକ ଦେଖାଦେଲେ ୧ ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୫ ମି.ଲି. ସ୍ପିନୋସାଡ୍ ପ୍ରତି ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ବୁଟ, ମସୁର, ମଟର**

**ଉନ୍ନତ କିସମ ବୁଟ :** ରାଧେ, ଆନେଗିରି-୧, ମୋତି, ଆଇସିସିଭି-୨, ଆଇସିସିଭି-୧୦, ପୁଷା-୩୭୨ ।

**ଉନ୍ନତ କିସମ ମସୁର :** ବି-୭୭, ପୁଷା-୮, କେ-୭୫, ପନ୍ତ ଏଲ୍-୪୦୬, ପନ୍ତ ଏଲ୍-୬୩୯ ।

**କୋଳଥ**

ଉର୍ମି, ଡିଏସ୍ ୧-୨, ଡିଏସ୍୧-୨-୨, ନୟାଗଡ଼-୧ ଆଦି କିସମ ସଂଗ୍ରହକରି ଅକ୍ଟୋବର ୧୫ ସୁଦ୍ଧା ବୁଣାକାମ ଶେଷ କରନ୍ତୁ । ଜମି ପ୍ରସ୍ତୁତକରି ମୂଳସାର ହିସାବରେ ହେକ୍ଟର ପ୍ରତି ୫ ଟନ୍ ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୧୨.୫ କି.ଗ୍ରା. ଯବକ୍ଷାରଜାନ ଓ ୨୫ କି.ଗ୍ରା. ଫସ୍ଫରସ୍ ସାର ପ୍ରୟୋଗ କରନ୍ତୁ ।

**ରାଶି**

ଡିପଜମିରେ ଧାନ ଅମଳ ପରେ ଜମିର ବତର ଦେଖି ସଅଳ କିସମ ରାଶି ବୁଣନ୍ତୁ। ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା – ବିନାୟକ, କନକ, କାଳିକା, ପ୍ରାଚୀ, ନିର୍ମଳା, ଉମା, ଉଷା, ଅମ୍ରିତ୍, ସ୍ମାରକ ଓ ଶୁଭ୍ରା । ହେକ୍ଟର ପ୍ରତି ୭.୫-୧୦ କିଲୋଗ୍ରାମ୍ ବିହନ ବ୍ୟବହାର କରନ୍ତୁ । ପ୍ରତି କିଲୋଗ୍ରାମ୍ ବିହନରେ କାର୍ବୋକ୍ସିନ୍ + ଥିରାମ୍ ୨ ଗ୍ରାମ୍ ଗୋଳାଇ ବିଶୋଧନ କରନ୍ତୁ । ବିହନ ସହ ସମାନ ପରିମାଣରେ ବାଲି ମିଶାଇ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ୧ ସେ.ମି. ଗଭୀରରେ ବିହନ ବୁଣନ୍ତୁ ।

**ମକା**

ମକାର ଚୋପା ହଳଦିଆ ପଡ଼ି ଦାନା ପାକଳ ହେଲେ ଅମଳ କରନ୍ତୁ । ମକାର ଚୋପା ଛଡ଼ାଇ ୭-୮ ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରନ୍ତୁ । ଏଥିପାଇଁ ହସ୍ତଚାଳିତ ବା ଶକ୍ତିଚାଳିତ ମକାଛଡ଼ା ଯନ୍ତ୍ର ବ୍ୟବହାର କରନ୍ତୁ ।

**ମାଣ୍ଡିଆ**

କେଣ୍ଡାଗୁଡ଼ିକ ଧୂସର ବର୍ଣ୍ଣ ହୋଇଗଲେ ୨ ରୁ ୩ ଥରରେ କେଣ୍ଡା କାଟି ଅମଳ କରନ୍ତୁ ଓ ମୂଳରୁ ଗଛ କାଟି ଗୋଖାଦ୍ୟ ରୂପେ ବ୍ୟବହାର କରନ୍ତୁ ।

**ଗହମ**

ଗହମ ବୁଣିବା ପାଇଁ ଜମିକୁ ଗୁଣ୍ଡଚାଷ କରନ୍ତୁ ଓ ମୂଳି ସଫାକରି ପଟାଳି ପ୍ରସ୍ତୁତ କରନ୍ତୁ । ଉନ୍ନତ ବିହନ ଯଥା: ସାଗରିକା, ଉତ୍କଳିକା, କଲ୍ୟାଣ ସୋନା, ୟୁପି-୨୬୨ ସଂଗ୍ରହ କରନ୍ତୁ ।

**-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର**

## ତୋରିଆ କିସମ ସୋରିଷ ଚାଷ



ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ତୋରିଆ ଚାଷ ପାଇଁ ମାସର ପ୍ରଥମ ଭାଗରେ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ । ଅଣ ଜଳସେଚିତ ଅଞ୍ଚଳରେ ତୋରିଆ ପାଇଁ ହେକ୍ଟର ପ୍ରତି ମୂଳସାର ହିସାବରେ ୪୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍ଫରସ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ଜଳସେଚିତ ଅଞ୍ଚଳରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ, ୨୫ କି.ଗ୍ରା. ଫସ୍ଫରସ୍ ଓ ୨୫ କି.ଗ୍ରା. ପଟାସ୍ ଖାଦ୍ୟସାର ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ । ଅକ୍ଟୋବର ୧୦ ତାରିଖ ସୁଦ୍ଧା ଅଣ ଜଳସେଚିତ ଜମିରେ ସୋରିଷ ବୁଣାବୁଣି କାର୍ଯ୍ୟ ଶେଷ କରନ୍ତୁ । ଏଥିପାଇଁ ପାର୍ବତୀ, ଅନୁରାଧା, ସୁଶ୍ରୀ, ଉତ୍ତରା, ଏମ୍-୨୭, ଟି.ଏସ୍.-୨୯, ପିଟି-୩୦୩ ଇତ୍ୟାଦି ସହଳ କିସମ ବିହନ ବ୍ୟବହାର କରନ୍ତୁ ।

## ପନିପରିବା ଚାଷ



ଅତ୍ୟଧିକ ବର୍ଷା କିମ୍ବା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ଡିପ ତଥା ମଝିଆଳି ଜମିରେ ବିଭିନ୍ନ ପ୍ରକାର ପନିପରିବା ଯଥା- ଶାଗ, ଧନିଆପତ୍ର, ବାଇଗଣ, ଲଙ୍କା, ଟମାଟୋ ଆଦି ଲଗାଇବା ବନ୍ଦୋବସ୍ତ କରନ୍ତୁ । ପାଳଙ୍ଗ, ଧନିଆ, କୋଶଳା ଆଦି ଶାଗ ଚାଷକଲେ ଅଧିକ ଲାଭ ମିଳିପାରିବ। ପିଆଜ ତଳି ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରନ୍ତୁ। ଏକର ପ୍ରତି ୪ କେ.ଜି. ହିସାବରେ ଏଗ୍ରିଫାଉଣ୍ଡ ଲାଇଟ୍ ରେଡ୍, ଆର୍କ ନିକେତନ ଏଗ୍ରିଫାଉଣ୍ଡ ଡାର୍କରେଡ୍, ଭୀମା ସୁପର ଓ ଭୀମା ଶକ୍ତି ବିହନ କିସମ ସଂଗ୍ରହକରି ତଳି ପକାନ୍ତୁ। ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଥିଲେ ୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍ପିକୁ କିମ୍ବା ୧୫ ମି.ଲି. ଆବାମେକ୍ଟିନ୍ ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସହଳ କିସମ ଫୁଲକୋବିରେ ଶଁବାଳୁଆ ଲାଗିଲେ ୪ ମି.ଲି. ନିମତେଲ ୦.୧୫%କୁ ୧ ଲିଟର ପାଣିରେ ମିଶାଇ ସପ୍ତାହେ ଅନ୍ତରରେ ୨ଥର ସିଞ୍ଚନ କରନ୍ତୁ। ଆଳୁ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ ବିହନ ଦରକାର ହୁଏ । ଓଡ଼ିଶା ଜଳବାୟୁ ପାଇଁ ନଭେମ୍ବର ଦ୍ୱିତୀୟ ସପ୍ତାହ ପୂର୍ବରୁ ୨-୩ଟି ଆଖି ଥିବା ୨୫ ଗ୍ରାମ୍ରୁ ୩୦ ଗ୍ରାମ୍ ଓଜନ କଟାଆଳୁ ବିହନ ଶତକଡ଼ା ୩ ଭାଗ ବୋରିକ୍ ଏସିଡ୍ରେ ବିଶୋଧନକରି ଲଗାନ୍ତୁ । ହେକ୍ଟର ପ୍ରତି ୧୮୦ କେ.ଜି. ଯବକ୍ଷାରଜାନ, ୮୦ କେ.ଜି. ଫସ୍ଫେଟ୍ ଓ ୧୦୦ କେ.ଜି. ପଟାସ୍ ସାର ବ୍ୟବହାର କରନ୍ତୁ ଓ ଆଳୁ ଲଗାଇ ଦିଅନ୍ତୁ। ବିଲାତି ବାଇଗଣ ଓ ବାଇଗଣର ଝାଉଁଳା ରୋଗ ପାଇଁ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାନ୍ତୁ।

# ରାଶି ଚାଷରେ ଜାଣିବା କଥା

(ଶେଷ ଭାଗ)

**ଘାସ ନିୟନ୍ତ୍ରଣ, ଜଳସେଚନ ଓ ରୋଗପୋକ ପରିଚାଳନା**

ଗଛ ୧୫-୨୦ଦିନର ହୋଇଗଲେ ଗଛ ମୂଳକୁ କୋଡ଼ାଖୁସା କରି ଘାସଲଟା ବାଛି ପରିଷ୍କାର କରିଦିଅନ୍ତୁ। ତୃଣନାଶକ ପ୍ରୟୋଗକରି ଘାସଲଟା ମଧ୍ୟ ଦମନ କରାଯାଇପାରେ। ଏକର ପ୍ରତି ପେଣ୍ଡିମେଥାଲିନ୍ ୩୦ ପ୍ରତିଶତ ଇ.ସି. ୯୦୦ ମି.ଲି. ବୁଣିବାର ୩ ଦିନ ମଧ୍ୟରେ ଅଥବା କୁଇଜାଲୋଫସ୍ ଇଥାଇଲ୍ ୫ ପ୍ରତିଶତ ଇ.ସି.ର ୪୦୦ ମି.ଲି. ବୁଣିବାର ୧୫ଦିନ ବେଳକୁ ପ୍ରୟୋଗ କରାଯାଏ। ଜଳସେଚିତ ରାଶିଚାଷରେ ବୁଣିବା ପୂର୍ବରୁ ପ୍ରଥମ ଜଳସେଚନ ଦେଇ ଜମିକୁ ଠିକ୍ ବତରକୁ ଆଣିବା ଦରକାର। ନଚେତ୍ ବୁଣିବା ପରେ ପରେ ସାମାନ୍ୟ ପାଣି ମଡ଼ାଇଲେ ମଞ୍ଜି ଭଲ ଭାବରେ ଗଜାହେବ ଓ ଗଛ ଉଠିବ। ଗଛର ଡାଳ ହେବା ସମୟରେ (୨୫-୩୦ଦିନ ବେଳକୁ), ଫୁଲହେବା ସମୟରେ (୪୦-୪୫ ଦିନ ବେଳକୁ) ଓ ଫଳ ହେବା ସମୟରେ (୬୦-୬୫ଦିନ ବେଳକୁ) ଏହିପରି ୩ ଥର ହାଲୁକା ଜଳସେଚନ ଦେବା ଦରକାର। ବର୍ଷା ହେଲେ ଜଳସେଚନ ଦରକାର ପଡ଼ି ନ ଥାଏ।

ଖରାଟିଆ ଗଭୀର ଚାଷ, ସଅଳ ରାଶି ବୁଣା, ରାଶି ସହ ମୁଗ/ହରଡ଼/ଚିନାବାଦାମ, ବାଜରାର ମିଶ୍ରିତ ଚାଷ, ଫସଲ ପର୍ଯ୍ୟାୟ ଅବଲମ୍ବନ, ଜମିରେ ବାଉଁଶ କଣି ବା ଡାଳ ପୋତି ପକ୍ଷୀ ଆଶ୍ରୟସ୍ଥଳୀ ସୃଷ୍ଟି କରିବା ଓ ପ୍ରାରମ୍ଭିକ ଅବସ୍ଥାରୁ ୫ ପ୍ରତିଶତ ନିମ୍ବ ଆଧାରିତ ଜୈବ କୀଟନାଶକ ପ୍ରୟୋଗ କଲେ ରୋଗ, ପୋକ ନିୟନ୍ତ୍ରିତ ହୋଇଥାଏ। ପତ୍ରଚିତା ରୋଗ ନିୟନ୍ତ୍ରଣ ପାଇଁ କ୍ଲୋରୋଥାଲୋନିଲ୍ ୭୫ ପ୍ରତିଶତ, ଡବ୍ଲ୍ୟୁପି ୨୦ ଗ୍ରାମ, ବୀଜାଣୁଜନିତ ପତ୍ରପୋଡ଼ା ପାଇଁ କପର ଅକ୍ସିକ୍ଲୋରାଇଡ୍ ୫୦ ପ୍ରତିଶତ, ଡବ୍ଲ୍ୟୁପି ୩୦ ଗ୍ରାମ ; ଶୁଖିଲା ମୂଳଶଢ଼ା/କଳାପଚା ପାଇଁ କାର୍ବେଣ୍ଡାଜିମ୍ ୫୦ ପ୍ରତିଶତ ଡବ୍ଲ୍ୟୁପି ୧୫ ଗ୍ରାମ ; ଝାଉଁଳା ପାଇଁ ମେଟିରାମ ୭୦ ପ୍ରତିଶତ ଡବ୍ଲ୍ୟୁଜି ୧୫ ଗ୍ରାମ ; ପାଉଁଶିଆ ରୋଗ ଦମନ ପାଇଁ ସଲ୍ଫର ୮୦ ପ୍ରତିଶତ ଡବ୍ଲ୍ୟୁପି ୪୦ ଗ୍ରାମ/ପ୍ରୋପିକୋନାଜଲ୍ ୨୫ ଇ.ସି. ପତ୍ରଗୁଚ୍ଛ (ସବୁଜ ପତ୍ରଡିଆଁ ପୋକ ଏହି ରୋଗର ବାହକ) ପାଇଁ ଥାୟୋମେଥୋକ୍ସାମ୍ ୨୫ ପ୍ରତିଶତ ଡବ୍ଲ୍ୟୁଜି ୧୦ ଗ୍ରାମ/ଆସେଟାମିପ୍ରିଡ୍ ୨୦ ପ୍ରତିଶତ ଏସ୍ପି ୩.୫ ଗ୍ରାମକୁ ୧୦ଲିଟର ପାଣିରେ ମିଶାଇ ଫସଲରେ ସିଞ୍ଚନ କରାଯାଏ। ପୋକ ନିୟନ୍ତ୍ରଣ ନିମନ୍ତେ ଧଳାମାଛି, ଗଣ୍ଠିମାଛି ନିୟନ୍ତ୍ରଣ ପାଇଁ ଆସେଟାପ୍ରିମିଡ୍ ୨୦ ପ୍ରତିଶତ ଏସ୍ପି ୨.୫ ଗ୍ରାମ/ବୁପ୍ରୋଫ୍ରେଜିନ ୨୫ ପ୍ରତିଶତ ଏସ୍ପି ୧୦ ମିଲି ; ସବୁଜ ପତ୍ରଡିଆଁ ପୋକ ପାଇଁ ଥାୟୋମେଥୋକାମ ୨୫ ପ୍ରତିଶତ ଡବ୍ଲ୍ୟୁଜିର ୨ ଗ୍ରାମ, ପତ୍ର ବୁଢ଼ିଆଣୀ ଏବଂ ହକମଥ ପାଇଁ ପ୍ରୋଫେନୋଫସ୍ ୫୦ ପ୍ରତିଶତ ଇସିର ୨୦ ମିଲିକୁ ୧୦ଲିଟର ପାଣିରେ ମିଶାଇ ଫସଲର ସିଞ୍ଚନ କରାଯାଏ।



**ଅମଳ ଓ ସାଇତା**

ପତ୍ର ଓ ଫଳ ହଳଦିଆ ପଡ଼ିଗଲେ ଫସଲ କାଟିବା ପାଇଁ ସୂଚନା ମିଳେ। ଯଥା ସମୟରେ ଫସଲ ନ କାଟିଲେ ଫଳ ଫାଟିଯାଏ ଓ ମଞ୍ଜି ବାହାରି ଜମିରେ ପଡ଼ି ନଷ୍ଟହୁଏ। ସାଧାରଣତଃ ରାଶି ଗଛ ସବୁ କାଟିଲା ପରେ ବିଡ଼ା ବାନ୍ଧି ଖଳାକୁ ନିଆଯାଏ। ସେଠାରେ ଏକ ସପ୍ତାହ ଖରାରେ ଶୁଖାଯାଏ। ଫଳ ସମ୍ପୂର୍ଣ୍ଣ ଶୁଖି ଫାଟିଗଲା ପରେ ରାଶି ଅମଳ କରାଯାଏ। ମିଶ୍ରିତ ରାଶିକୁ ପାଛୁଡ଼ିଦେଇ ପରିଷ୍କାର ରାଶି ମଞ୍ଜି ସଂଗ୍ରହ କରିଗଲା ପରେ ୩-୪ଦିନ ଖରାରେ ଶୁଖାଯାଏ। ମଞ୍ଜିରୁ ଜଳୀୟାଂଶ ଶତକଡ଼ା ୯ ଭାଗ ହେଲେ ଯାଇ ସାଇଥି ରଖିବା ପାଇଁ ଉପଯୋଗୀ ହୁଏ। ଏକର ପ୍ରତି ବର୍ଷାଋତୁରେ ୩-୪ କୁଇଣ୍ଟାଲ ଓ ରବି ବା ଖରାଟିଆ ଚାଷରୁ ୪-୮ କୁଇଣ୍ଟାଲ ଅମଳ ମିଳିଥାଏ।

**-ଡ. ପରେଶ କୁମାର ପଣ୍ଡା**
ଜିଲା କୃଷି ଅଧିକାରୀ, ସାକ୍ଷୀଗୋପାଳ
ମୋ :୯୪୩୭୧୧୨୭୦୪

# ଭାରତର ଦୃଢ଼ ବ୍ୟାଟିଂ

**ଗୁଆହାଟୀ,୩୦।୯**

ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ମଙ୍ଗଳବାରଠାରୁ ଆରମ୍ଭ ହୋଇଯାଇଛି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ ଭାରତ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିଛନ୍ତି। ମ୍ୟାଚ୍ ପୂର୍ବରୁ ଭାରତରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଭାରତୀୟ ମହିଳା ଦଳର ନେତୃତ୍ୱ ନେଇଥିବା ପୂର୍ବତନ ଅଧିନାୟିକା ଡାଏନା ଇଡୁଲଜି (୧୯୭୮), ପ୍ରମିଳା ଭଟ (୧୯୯୭) ଓ ମିଥାଲି ରାଜ (୨୦୧୩)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ

### ମହିଳା ବିଶ୍ୱକପ୍ ଆରମ୍ଭ

କରିଥିବା ଭାରତୀୟ ଦଳ ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ୪୭ ଓଭରରେ ୮ଉଇକେଟ ହରାଇ ୨୬୯ ରନ କରିଥିଲା। ଡିଏଲ୍‌ଏସ୍ ମେଥଡରେ ୨୭୧ ରନର ଟାର୍ଗେଟ ଧାର୍ଯ୍ୟ କରାଯାଇଥିବା ବେଳେ ଶ୍ରୀଲଙ୍କା ୧୨ ଓଭରରେ ୧ ଉଇକେଟ ହରାଇ ୬୩ ରନ କରିଛି। ଭାରତୀୟ ଦଳ ଆରମ୍ଭରୁ ଇନ୍ ଫର୍ମ ଓପନର ସ୍ମୃତି ମନ୍ଧାନା(୮)ଙ୍କ ଉଇକେଟ ହରାଇଥିଲା। ନଂ-୩ରେ ଆସିଥିବା ହର୍ଲିନ ଦେଓଲ ଓ ଅନ୍ୟତମ ଓପନର ପ୍ରତିକା ରାୱଲ ଦ୍ୱିତୀୟ ଉଇକେଟରେ ୬୭ ରନ ଯୋଡ଼ିଥିଲେ। ୩୭ ରନ କରିଥିବା ପ୍ରତିକାଙ୍କୁ ଇନୋକା ରଣବିରା ପାଭିଲିଅନ ପଠାଇଥିଲେ। ଏହାପରେ ହର୍ଲିନ ଓ ଅଧିନାୟିକା ହରମନପ୍ରୀତ କୌର ଚତୁର୍ଥ ଉଇକେଟରେ ୩୯ ରନ ଯୋଡ଼ିଥିଲେ। ଏହିଠାରୁ ଦଳ ଦୁଇ ଓଭରରେ ମଧ୍ୟରେ ହର୍ଲିନ ୪୮ (୬ ଚୌକା), ଜେମିମା ରୋଡ୍ରିଗୁଏଜ (୦) ହରମନପ୍ରୀତ ୨୧ (୨ ଚୌକା), ରିଚା ଘୋଷ (୨)ଙ୍କ ଉଇକେଟ ହରାଇଥିଲା। ଏଭଳି ପରିସ୍ଥିତିରେ ଦୀପ୍ତି ଶର୍ମା ଓ ଅମନଜୋତ କୌର ସପ୍ତମ ଉଇକେଟରେ ୧୦୩ ରନ ଯୋଡ଼ିଥିଲେ। ଅମନଜୋତ ୫ ଚୌକା ଓ ୧ ଛକା ସହ ୫୭ ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ସ୍ନେହ ରାଣା ୨ ଲେଖାଏ ଚୌକା ଓ ଛକା ସହ ଦ୍ରୁତ ୨୮ ରନ୍ କରିଥିଲେ। ଶେଷ ବଲରେ ଆଉଟ୍ ହେବା ପୂର୍ବରୁ ଦୀପ୍ତି ୩ ଚୌକା ସହ ୫୩ ରନ କରିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୪୭ ଓଭରରେ ୮ ଉଇକେଟ ହରାଇ ୨୬୯ ରନ କରିଥିଲା। ଶ୍ରୀଲଙ୍କା ପକ୍ଷରୁ ଇନୋକା ରଣବିରା ୪ ଓ ଉଦେଶିକା ପ୍ରବୋଧନି ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତୀୟ ମହିଳା ଦଳ: ୪୭ ଓଭରରେ ୨୬୯/୮ (ଅମନଜୋତ କୌର-୫୭, ଦୀପ୍ତି ଶର୍ମା-୫୩, ହର୍ଲିନ ଦେଓଲ-୪୮, ପ୍ରତିକା ରାୱଲ-୩୭, ଇନୋକା ରାଣାୱିରା-୪/୪୬, ଉଦେଶିକା ପ୍ରବୋଧନି-୨/୫୫)।

# ଜାତୀୟ କ୍ରୀଡ଼ା ପୁରସ୍କାର ଆବେଦନ ପ୍ରକ୍ରିୟା ଆରମ୍ଭ

**ନୂଆଦିଲ୍ଲୀ,୩୦।୯(ପି.ଟି.):** କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଚଳିତବର୍ଷର ଜାତୀୟ କ୍ରୀଡ଼ା ପୁରସ୍କାର ଲାଗି ଆବେଦନ ପ୍ରକ୍ରିୟା ଆରମ୍ଭ କରାଯାଇଛି ଏବଂ ଅକ୍ଟୋବର ୨୮ ତାରିଖକୁ ଅନ୍ତିମ ତାରିଖ ଧାର୍ଯ୍ୟ କରାଯାଇଛି। ଭାରତ ପାଇଁ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ଆଥଲେଟ୍‌ଙ୍କୁ ପ୍ରତିବର୍ଷ ରାଷ୍ଟ୍ରପତି ପୁରସ୍କାର ଦିଅନ୍ତି। ରାଷ୍ଟ୍ରପତି ଭବନରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଲାଗି ଏପର୍ଯ୍ୟନ୍ତ ତାରିଖ ଧାର୍ଯ୍ୟ କରାଯାଇ ନାହିଁ। ଡୋପିଂ ଉଲ୍ଲଂଘନ କରିଥିବା ଆଥଲେଟ୍ ମଧ୍ୟ ଏଥିଲାଗି ଯୋଗ୍ୟ ବିବେଚିତ ହୋଇପାରିବେ। କିନ୍ତୁ ଉକ୍ତ ଆଥଲେଟ୍‌ଙ୍କର ବାସନ୍ଦ ସମୟସୀମା ଶେଷ ହୋଇଥିବା ଦରକାର। ଜାତୀୟ ପୁରସ୍କାର ଉତ୍ସବରେ ଦିଆଯାଉଥିବା ସବୁଠୁ ସମ୍ମାନଜନକ ପୁରସ୍କାର ହେଲା ମେଜର ଧ୍ୟାନଚାନ୍ଦ ଖେଳ ରତ୍ନ। ଏହି ପୁରସ୍କାର ସହିତ ୨୫ ଲକ୍ଷ ଟଙ୍କାର ଅର୍ଥରାଶି ଓ ପ୍ରମାଣପତ୍ର ଦିଆଯାଏ। ସେହିଭଳି ଅର୍ଜୁନ ପୁରସ୍କାର ଲାଗି ୧୫ ଲକ୍ଷ ଟଙ୍କାର ଅର୍ଥରାଶି ଦିଆଯାଏ। ଏଥିଲାଗି ଯୋଗ୍ୟ ହେବା ପାଇଁ ଆଥ୍‌ଲେଟ୍‌ଙ୍କୁ ଗତ ୪ ବର୍ଷରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଦରକାର।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ